NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
10 JANUARY 2026
ଶନିବାର
୧୦ ଜାନୁଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 235 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୩୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ଖାଇକୁ ଖସିଲା ବସ୍, ୧୩ ମୃତ

**ଶିମ୍ଲା, ୯।୧/ଏଜେନ୍ସି:**



ହିମାଚଳର ସିରମୌର ଜିଲ୍ଲାରେ ଏକ ଘରୋଇ ବସ୍ ୫୦୦ ଫୁଟ୍ ଗଭୀର ଘାଟିକୁ ଖସିପଡିବା ଯୋଗୁ ୧୩ଜଣଙ୍କର ଦୁଃଖଦ ମୃତ୍ୟୁ ହେବା ଭଳି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଖବର ସାମ୍ନାକୁ ଆସିଛି । ସେହିପରି ଏହି ଦୁର୍ଘଟଣାରେ ୩୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ମଧ୍ୟ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ପ୍ରାୟ ୯ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଏମାନଙ୍କୁ ନାହାନ୍ ସ୍ଥିତ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସିରମୌର ଡେପୁଟି କମିଶନର ପ୍ରିୟଙ୍କା ବର୍ମା କହିଛନ୍ତି । ରିପୋର୍ଟ ଅନୁସାରେ ରେଣୁକାଜୀ ବିଧାନସଭା ନିର୍ବାଚନମଣ୍ଡଳୀର ହରିପୁରଧାର ଅଞ୍ଚଳରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି । ଏଠାରେ 'ଜିତ୍ କୋଚ' ନାମକ ଘରୋଇ ବସ୍ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି ସିମଲାରୁ ବାହାରି କୁପଭି ଅଭିମୁଖେ ଯାଉଥିବା ବେଳେ ଡ୍ରାଇଭରଜଣକ ଭାରସାମ୍ୟ ହରାଇଥିଲେ । ଫଳରେ ବସ୍‌ଟି ରାସ୍ତା ପାର୍ଶ୍ୱରେ ଥିବା ଗଭୀର ଖାଲକୁ ଖସିପଡିଥିଲା । ତେବେ ଦୁର୍ଘଟଣା ସମ୍ପର୍କରେ ପ୍ରଥମେ ସ୍ଥାନୀୟ ଲୋକ ସୂଚନା ପାଇଥିଲେ ଏବଂ ପ୍ରଶାସନ ପକ୍ଷରୁ ଉଦ୍ଧାରକାରୀ ଟିମ୍ ଆସିବା ପୂର୍ବରୁ ହିଁ ସ୍ଥାନୀୟ ଲୋକମାନେ ମିଳିତ ଭାବେ ଉଦ୍ଧାର କାର୍ଯ୍ୟକ୍ରମ ଆରମ୍ଭ କରିଦେଇଥିଲେ । ସ୍ଥାନୀୟ ଲୋକମାନେ ଆହତଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲ ପଠାଇବାର ବନ୍ଦୋବସ୍ତ କରିଥିଲେ । ଏହି ସମୟରେ ପ୍ରଶାସନ ପକ୍ଷରୁ ଏସ୍‌ଡିଆର୍‌ଏଫ୍ ଟିମ୍, ପୁଲିସ୍ ଟିମ୍ ଓ ମେଡିକାଲ ଟିମ୍ ମଧ୍ୟ ଆମ୍ବୁଲାନ୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ଜିଲ୍ଲା ପ୍ରଶାସନର ବଡ଼ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତାହତଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଦେଶର ଅନେକ ବଡ଼ ନେତା, ମନ୍ତ୍ରୀମାନେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମୋଦୀ ପ୍ରତ୍ୟେକ ମୃତକଙ୍କ ନିକଟତମ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ପ୍ରତ୍ୟେକ ଆହତଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବା ନେଇ ଘୋଷଣା ମଧ୍ୟ କରିଛନ୍ତି ।

### ୮ ବିଭାଗର ୧୧ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ଅକ୍ଷୟ ଶକ୍ତି ପାଇଁ ଟାଟା ବିନିଯୋଗ କରିବ ୧୦ ହଜାର କୋଟି

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:**

ଟାଟା ପାୱାର ଅକ୍ଷୟ ଶକ୍ତି ଲିମିଟେଡ୍ ଦ୍ୱାରା ଏକ ସମନ୍ୱିତ ଇନ୍‌ଗଟ୍-ୱେଫର ଏବଂ ସୌର ସେଲ୍ ଉତ୍ପାଦନ ପ୍ରକଳ୍ପକୁ ଓଡ଼ିଶାର ଟାଟା ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସ୍‌ଇଜେଡ୍)ରେ ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି । ରାଜ୍ୟରେ ଏହା ପ୍ରଥମ ପ୍ରକାରର ସୌର ଉତ୍ପାଦନ କେନ୍ଦ୍ର ଭାବରେ ପ୍ରତିଷ୍ଠା ହେବ । ଏହି ପ୍ରକଳ୍ପ

▶▶ ୫



**ପ୍ରକଳ୍ପ ଦୁଇଟି ପର୍ଯ୍ୟାୟରେ ବିକଶିତ ହେବ**

**ସୃଷ୍ଟି ହେବ ୫ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି**

## ଜଳ ଜୀବନ ମିଶନ ଯୋଜନା | ଓଡ଼ିଶା ସରକାରଙ୍କୁ ଅନୁମତି

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:**

ଜଳ ଜୀବନ ମିଶନ ଯୋଜନାରେ ଧାର୍ଯ୍ୟ କେନ୍ଦ୍ରୀୟ ଅନୁଦାନ ରାଶିକୁ ଅଗ୍ରୀମ ଭାବେ ରାଜ୍ୟ ସରକାର ବହନ କରି କେନ୍ଦ୍ରୀୟ ଅନୁଦାନ ଆସିଲା ପରେ ଭରଣା କରିବା ପାଇଁ ଓଡିଶା ସରକାରଙ୍କୁ ଅନୁମତି ଦେବା ସମ୍ବନ୍ଧୀୟ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି । ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ନୂଆ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ଚାଲୁ ରଖିବା ଏବଂ ନିର୍ଦ୍ଧାରିତ ସମୟରେ ସମାପ୍ତ କରି ସଂସ୍ଥା ଏବଂ ଠିକାଦାରମାନଙ୍କୁ କାର୍ଯ୍ୟ କରିବାରେ ଉତ୍ସାହିତ କରିବା, ପୂର୍ବରୁ ନିର୍ମାଣାଧୀନ ପ୍ରକଳ୍ପରେ ବିନିଯୋଗ ହୋଇଥିବା ଅର୍ଥକୁ ସୁରକ୍ଷା ଦେବା, ଅପରିହାର୍ଯ୍ୟ ଖର୍ଚ୍ଚର ବୃଦ୍ଧିକୁ ଏଡ଼ାଇବା ଉପରେ

▶▶ ୫

## ସରଳୀକରଣ ହେଲା ଆପାର୍ଟମେଣ୍ଟ ପଞ୍ଜିକରଣ ପ୍ରକ୍ରିୟା

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:**

ଏଣିକି ଆପାର୍ଟମେଣ୍ଟ ପଞ୍ଜିକରଣ ପ୍ରକ୍ରିୟାକୁ ସରଳୀକରଣ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଭାରତୀୟ ଷ୍ଟାମ୍ପ୍ ଅଧିନିୟମ ୧୮୯୯ରେ ଉପଲବ୍ଧ ଥିବା ସିଡ୍ୟୁଲ-୧ 'ଏ'ର ଆର୍ଟିକିଲ୍ ୨୩ ଅଧୀନରେ ଏକ ନୂଆ ଧାରା- 'ଡି' ଅନ୍ତଃସ୍ଥାପନ କରାଯାଇଛି । ଏହାଦ୍ୱାରା ବର୍ତ୍ତମାନ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡିକର ପଞ୍ଜୀକରଣ ନିମନ୍ତେ ଆସୋସିଏସନ ଅଫ୍ ଆଲଟିଙ୍କୁ ଦଲୀଲ ପାଇଁ ୫୦,୦୦୦ ଟଙ୍କା ଷ୍ଟାମ୍ପ ଦେୟ ଦେବାକୁ ପଡ଼ିବ । ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍ ବିକ୍ରୟ ସମୟରେ ଆପାର୍ଟମେଣ୍ଟ ୟୁନିଟ୍ ସହ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡିକର ଅବିଭକ୍ତ ଅଂଶ ଉପରେ ୫% ଷ୍ଟାମ୍ପ ଡ୍ୟୁଟି ଆନୁପାତିକ ଭାବେ ଆଦାୟ ହେବ । ଶୁକ୍ରବାର କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଶା ଆପାର୍ଟମେଣ୍ଟ

▶▶ ୫

## ସମ୍ପର୍କରେ ଲାଗିଲା ରକ୍ତ ଛିଟା

### ମଦ୍ୟପ ପୁଅକୁ ହାଣିଦେଲା ବାପା

**ଠାକୁରମୁଣ୍ଡା,୯।୧/ଏନ୍‌ଏନ୍‌ଏସ୍:**

ବାପାର କୁରାଢ଼ୀ ଚୋଟରେ ପୁଅର ମୃତ୍ୟୁ । ଏପରି ଲୋମହର୍ଷଣକାରୀ ଘଟଣା ଘଟିଛି ମୟୂରଭଞ୍ଜ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମରେ । ସେହି ଗ୍ରାମର ଅନାମ ବାଉଁଶିଆ ନିଜ ବଡପୁଅ ତପନ ବାଉଁଶିଆକୁ ଏକ କୁରାଢ଼ୀରେ ହାଣି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି । ସୂଚନାଥାଉକି ଗତକାଲି ରାତିରେ ବାପା ଅନାମ ବାଉଁଶିଆ ରୋଷେଇ କରୁଥିବା ବେଳେ ପୁଅ ତପନ ମଦ ପିଇ ଆସି ବାପା ସହ ପାଟିତୁଣ୍ଡ କରିବା ସହିତ ଗୋଇଠା ମାରିଥିଲା । ଏଥିରେ ବାପା ଅନାମ ରାଗି ଯାଇ ଏକ କୁରାଢ଼ୀରେ ତପନକୁ ହାଣି ହତ୍ୟା କରିଥିଲେ । ଏହାପରେ ଠାକୁରମୁଣ୍ଡା ଥାନାରେ ଆତ୍ମସମର୍ପଣ କରିଛନ୍ତି ବାପା । ଠାକୁରମୁଣ୍ଡା ଥାନା ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଥିବା ବେଳେ ବାରିପଦାରୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜୋରଦାର କରିଛି ।

### ବଡ଼ ଭାଇର ଟାଙ୍ଗିଆ ଚୋଟରେ ସାନ ମୃତ

**ରାୟଗଡ଼ା,୯।୧/ଏନ୍‌ଏନ୍‌ଏସ୍:**

ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ବଡ ନାଗଝୋରି ଗାଁରେ ଘଟିଛି ଏକ ବିଭତ୍ସ ହତ୍ୟାକାଣ୍ଡ । ସମ୍ପର୍କୀୟ ବଡ଼ ଭାଇର ଟାଙ୍ଗିଆ ଚୋଟରେ ସାନ ଭାଇ ମୃତ୍ୟୁବରଣ କରିଛି । ବଡ଼ନାଗଝୋରି ଗାଁରେ ରହୁଥିବା ବଡନୁନା କଟିମ୍ (୫୦) ନିଜ କାନ୍ଦୁଲ ଚାଷ ଦେଖିବାକୁ ଯାଉଥିବା ବେଳେ ଉକ୍ତ ଗ୍ରାମର ବିଶମ୍ବର କଟିମ (୫୫) ବିଲ ହିଡ଼ରେ ଥିବା ଜାମୁକୋଳି ଗଛ ଉପରେ ଚଢି ଗଛର ଡାଳ ଗୁଡିକ ହାଣିବାରେ ଲାଗିଥିଲା । ଏହାକୁ ଦେଖି ବଡନୁନା କଟିମ୍ ବଡ଼ ଭାଇଙ୍କୁ ଗଛର ଡାଳ ହାଣିବାକୁ ବାରଣ କରିଥିଲେ । ଏହାପରେ ବଡ଼ ଭାଇ ବିଶମ୍ବର କଟିମ ରାଗିଯାଇ ଗଛରୁ ଓହ୍ଲାଇ ସାନ ଭାଇ ବଡନୁନାଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଥିବା ଜଣାପଡିଛି । ଅମ୍ବାଦଳା ପୁଲିସ । ବିଶମ୍ବରକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ପୂର୍ବରୁ ଉଭୟଙ୍କ ମଧ୍ୟରେ ଜମି ବିବାଦକୁ ନେଇ ଶତ୍ରୁତା ମଧ୍ୟ ହତ୍ୟାକାଣ୍ଡର ଅନ୍ୟ ଏକ କାରଣ ବୋଲି ସନ୍ଦେହ କରାଯାଉଛି ।

## ଦୁର୍ଘଟଣାରେ ଦୁଇ ସ୍କୁଟି ଆରୋହୀ ମୃତ

**ଖୋର୍ଦ୍ଧା,୯।୧/ଏନ୍‌ଏନ୍‌ଏସ୍:**

ସଦରଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଦଧିମାଛଗାଡିଆ ଛକ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡି ଧକ୍କାରେ ଦୁଇଜଣ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଦ୍ୱୟ ହେଲେ ବାଣପୁର ସାନହନ୍ତୁଆଡ଼ର ସୁଧାଂଶୁ ସୁନ୍ଦରାୟ (୨୨) ଓ ବିକାଶ ବରାଳ (୨୦) । ପ୍ରକାଶ ଯେ ଉଭୟ ବାଣପୁରରୁ ଭୁବନେଶ୍ୱର ଅଭିମୁଖେ ଏକ ଘରୋଇ କଲେଜକୁ ପରୀକ୍ଷା ଦେବାକୁ ସ୍କୁଟି ଯୋଗେ ଯିବାବେଳେ ଶୁକ୍ରବାର ଭୋର୍ ସମୟରେ ଦଧିମାଛଗାଡିଆ ଛକ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇଥିଲା । ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି । ପୁଲିସ ମୃତଦେହକୁ ଜବତ କରି ଖୋର୍ଦ୍ଧା ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଅନ୍ୟପକ୍ଷରେ ସୁଧାଂଶୁଙ୍କ ମାଆଙ୍କ ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଏଣିକି ଥାନାରେ ରହିବେ କ୍ରାଇମ୍‌ସିନ୍ ଅଫିସର

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:**

ଚୋରି ହେଉ ଅବା ମର୍ଡର, ଦୁଷ୍କର୍ମ ହେଉ କି ରାହାଜାନୀ । ଏଣିକି ଫିଙ୍ଗର ପ୍ରିଣ୍ଟ ଲିଭିଯିବାର ଭୟ ନାହିଁ, ଡିଜିଟାଲ ଏଭିଡେନ୍ସ ନଷ୍ଟ ହେବାର ଡର ନାହିଁ କି ପ୍ରମାଣ ଅଭାବରୁ ଦୋଷୀ ନିର୍ଦ୍ଦୋଷରେ ଖଲାସ ହେବାର ଚାନ୍ସ ନାହିଁ । କାରଣ ପୂର୍ବରୁ କ୍ରାଇମ୍ ସ୍ପଟରୁ ନଷ୍ଟ ହୋଇଯାଉଥିବା ସାଇଣ୍ଟିଫିକ୍ ପ୍ରମାଣ ଏଣିକି ଅକ୍ଷତ ରଖିବେ କ୍ରାଇମ୍ ସିନ୍ ଅଫିସର ।

ଭାରତୀୟ ନ୍ୟାୟ ସଂହିତାରେ ସାଇଣ୍ଟିଫିକ୍ ପ୍ରମାଣକୁ ଗୁରୁତ୍ୱ ଦିଆଯାଉଥିବାରୁ ରାଜ୍ୟ ପୁଲିସ ମଧ୍ୟ ଏ ଦିଗରେ ପଦକ୍ଷେପ ନେବା ଆରମ୍ଭ କରିଛି । ଫରେନ୍‌ସିକ୍ ଟିମ୍ ଆସିବା ପର୍ଯ୍ୟନ୍ତ ପ୍ରାଥମିକ ଭାବେ ଅପରାଧ ସ୍ଥଳରେ କିଭଳି ପ୍ରମାଣ ଅକ୍ଷତ ରହିବ ସେ ନେଇ ଧ୍ୟାନ ଦେବେ ଏଇ ସ୍ୱତନ୍ତ୍ର ଅଧିକାରୀ । ଏଥିପାଇଁ ପୁଲିସ ଡିଜିଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ଥାନାରେ ଦୁଇ ଜଣ ଲେଖାଏଁ ଅପରାଧ ସ୍ଥଳ ନିରୀକ୍ଷଣ ଅଧିକାରୀ ନିଯୁକ୍ତ ହେବେ । ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ବିଶେଷ କରି ସାଇନ୍ସ ଡିଗ୍ରିଧାରୀ କନଷ୍ଟବେଲ ଓ ହୋମଗାର୍ଡଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବ । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତ ହେବାକୁ ଥିବା ୭୪ ଜଣ କ୍ରାଇମସିନ୍ ଅଫିସରଙ୍କ ପାଇଁ ଯା ଭିତରେ ଭୁବନେଶ୍ୱରରେ ପ୍ରଶିକ୍ଷଣ ଶିବିର ବି ଆରମ୍ଭ ହୋଇଯାଇଛି । ଅଭିଜ୍ଞ ଫୋରେନ୍ସିକ୍ ବିଶେଷଜ୍ଞ ଓ ବରିଷ୍ଠ ପୋଲିସ୍ ଅଧିକାରୀମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ଭାରତୀୟ ଅପରାଧ ଆଇନ, ବୈଜ୍ଞାନିକ ଜ୍ଞାନକୌଶଳ, ଅପରାଧ ସ୍ଥଳରେ ସେମାନଙ୍କ ଭୂମିକା ସମ୍ପର୍କରେ ତାଲିମ ଦେଉଛନ୍ତି ।



**ପ୍ରତି ଥାନାରେ ୨ ଜଣଙ୍କୁ ମିଳିବ ନିଯୁକ୍ତି**

**ସାଇନ୍ସ ଡିଗ୍ରିଧାରୀ କନଷ୍ଟେବଲ, ହୋମଗାର୍ଡ ହେବେ ନିଯୁକ୍ତ**

## ୧୦ ଲକ୍ଷ ହିତାଧିକାରୀଙ୍କୁ ମିଳିବ ପକ୍କା ଘର

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:**

ରାଜ୍ୟର ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇଦେବ ପଞ୍ଚାୟତିରାଜ ବିଭାଗ । ଏନେଇ ଆଜି ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଚଳିତ ଜାନୁଆରୀରେ ରାଜ୍ୟ ସରକାର ପକ୍କା ଘର ବାଣ୍ଟିବେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୩୭ ଲକ୍ଷ ଆବେଦନ ହୋଇଛି । ୩୪ ଲକ୍ଷଙ୍କୁ ସର୍ଟଲିଷ୍ଟ କରାଯାଇ କେନ୍ଦ୍ର ସରକାରଙ୍କୁ ତାଲିକା ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ଗରିବ ଓ ଭୂମିହୀନ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ପ୍ରତିବଦ୍ଧ । ଅନ୍ତ୍ୟୋଦୟ ଗୃହ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏକ ଅଂଶ ଭାବେ ଆମେ ନିଶ୍ଚିତ କରିବୁ ଯେ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ଏହି ଯୋଜନାରୁ ଲାଭ ପାଇବେ । ସୂଚନାଯୋଗ୍ୟ, ରାଜ୍ୟର ପ୍ରାୟ ୨୨ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ଅନ୍ତର୍ଗତ ସାମିଲ କରାଯିବ । ଏହା ସହିତ,ଘର ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ ।

### ୨୮ରୁ ବଜେଟ୍ ଅଧିବେଶନ, ୨୯ରେ ଅର୍ଥନୈତିକ ସର୍ଭେ

# ଫେବୃଆରୀ ୧ରେ ପୂର୍ଣ୍ଣାଙ୍ଗ ବଜେଟ୍

**ନୂଆଦିଲ୍ଲୀ, ୯।୧/ଏଜେନ୍ସି:**

୨୦୨୬-୨୭ ଅର୍ଥ ବର୍ଷ ପାଇଁ ସଂସଦ ଉଭୟ ସଦନରେ ଆଗତ ହେବ ପୂର୍ଣ୍ଣାଙ୍ଗ ବଜେଟ୍ । ଭାରତ ସରକାରଙ୍କ ସୁପାରିଶ କ୍ରମେ, ରାଷ୍ଟ୍ରପତି, ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବଜେଟ୍ ଅଧିବେଶନ ୨୦୨୬ ପାଇଁ ସଂସଦର ଉଭୟ ଗୃହକୁ ଡକାଇବାକୁ ଅନୁମୋଦନ କରିଛନ୍ତି । କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଆସନ୍ତା ୨୮ରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ । ୨୯ରେ ଅର୍ଥନୈତିକ ସର୍ଭେ-୨୦୨୬ ଉପସ୍ଥାପନ କରିବା ସହ ଫେବୃଆରୀ ୧ରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ସୂଚନାନୁସାରେ ଏଥର ବଜେଟ୍ ଅଧିବେଶନକୁ ୨ଟି ପର୍ଯ୍ୟାୟରେ କରାଯିବ । ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୨୮ରୁ ଆରମ୍ଭ ହୋଇ ୧୩ ଫେବୃଆରୀ ଯାଏ ଚାଲିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ୍ ୨ ଯାଏ ଚାଲିବ । ଏସମ୍ପର୍କରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି ।

ଅଧିବେଶନର ପ୍ରଥମ ଦିନରେ ଅର୍ଥାତ୍ ଜାନୁଆରୀ ୨୮ ତାରିଖରେ ସଂସଦର ଉଭୟ ଗୃହରେ ରାଷ୍ଟ୍ରପତି ନିଜ ପାରମ୍ପରିକ ଅଭିଭାଷଣ ରଖିବା ପୂର୍ବକ ତାଙ୍କ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି

▶▶ ୫

**ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ଅଧିବେଶନ**



## ୬୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୯।୧/ଏନ୍‌ଏନ୍‌ଏସ୍:**

ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲା ପୁଲିସ ନିକଟରେ ୬୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି ଗୌରବ ରାୟ, ସିଆରପିଏଫ କମାଣ୍ଡାଣ୍ଟ ରାକେଶ ଚୌଧୁରୀଙ୍କ ସମ୍ମୁଖରେ ଏମାନେ ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ଏମାନଙ୍କ ମଧ୍ୟରେ ୧୮ ଜଣ ମହିଳା ମାଓବାଦୀ ହୋଇଥିବା ବେଳେ ୪୫ ଜଣ ପୁରୁଷ ମାଓବାଦୀ ଅଛନ୍ତି । ସେହିପରି ଏମାନଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ ୭ ଜଣଙ୍କ ନାମରେ ୫ ଲକ୍ଷ, ୮ ଜଣ ନକ୍ସଲ ନାମରେ ୨ ଲକ୍ଷ, ୧୧ ଜଣଙ୍କ ନାମରେ ୧ ଲକ୍ଷ ଏବଂ ୩ ଜଣଙ୍କ ନାମରେ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରହିଥିଲା । ତେବେ ମୋଟ ୧ କୋଟି ୧୯ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରହିଥିଲା । ଏମାନଙ୍କ ମଧ୍ୟରୁ ୩୬ ଜଣ ନକ୍ସଲ ଆଗଧାଡ଼ିର ସକ୍ରିୟ ନକ୍ସଲ । ପୁଲିସ ପ୍ରଶାସନ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ସମସ୍ତଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି ।

### ଓଡ଼ିଶା ଦକ୍ଷତା ପ୍ରତିଯୋଗିତାର ସମାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ

# 'ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ'

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:**

ଓଡ଼ିଶାରେ ଏବେ ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ନିଜକୁ କୌଣସି କ୍ଷେତ୍ରରେ ଦକ୍ଷ କରାନ୍ତୁ, ଦେଖିବେ ଆମରି ଓଡ଼ିଶାରେ ହିଁ ଆପଣଙ୍କୁ ନିଯୁକ୍ତି ମିଳିବ । କାରଣ ଦକ୍ଷତା କ୍ଷେତ୍ରର ସମସ୍ତ ସ୍ତରରେ ଉତ୍କର୍ଷତା ହାସଲ କରିବା ହେଉଛି ଆମର ଲକ୍ଷ୍ୟ । ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ପାଇଁ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ ଆବଶ୍ୟକ । ଆମର ମୂଳଲକ୍ଷ୍ୟ ହେଉଛି ଲୋକଙ୍କୁ ସଶକ୍ତ କରିବା । ଆମର ଯୁବବର୍ଗ ଯେତେ ପରିମାଣରେ ଦକ୍ଷ ହେବେ, ଆତ୍ମବିଶ୍ୱାସୀ ହେବେ, ସେମାନେ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରି ଗଢ଼ି ପାରିବେ । ଯାହା ୨୦୩୬ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ । ଯୁବବର୍ଗଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଲେ, ଓଡ଼ିଶାର

▶▶ ୫



**୫୪ଙ୍କୁ ସ୍ୱର୍ଣ୍ଣ, ୫୩ଙ୍କୁ ରୌପ୍ୟ, ୫୦ଙ୍କୁ ବ୍ରୋଞ୍ଜ ପଦକ**

**୪୭ ଆଇଟିଆଇ ହେବ ସେଣ୍ଟର୍ ଅଫ୍ ଏକ୍‌ସେଲେନ୍ସ**

**୯ ଆଇଟିଆଇରେ ଏଆଇ ଲ୍ୟାବ୍ ଖୁବ୍‌ଶୀଘ୍ର**

**ନିଜକୁ ଦକ୍ଷ କରାଇଲେ ଓଡ଼ିଶାରେ ହିଁ ନିଯୁକ୍ତି ମିଳିବ: ସିଏମ୍**

## ଓଡ଼ିଶାରେ ଥଣ୍ଡାର ଥାର୍ଡ ଡିଗ୍ରୀ

### ମାଇନସ୍ ୧ ଡିଗ୍ରୀକୁ ଖସିଲା ପାରଦ

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:**

ଥଣ୍ଡାର ଥାର୍ଡ ଡିଗ୍ରୀରେ କଲବଲ ସାରା ଓଡ଼ିଶା । କୁହାଯାଏ ମାଘ ଜାଡ଼ କମ୍ପେ ହାଡ଼ । ମାଘରେ ବାଘ ଶୀତ । ବଦଳୁଥିବା ପାଣିପାଗର ଗତିବିଧି ଭିତରେ ପୂର୍ବବର୍ଷ ଅପେକ୍ଷା ଏ ବର୍ଷ କିନ୍ତୁ ଏ କଥାଟା ଶତ ପ୍ରତିଶତ ପ୍ରମାଣିତ ହୋଇଛି । ମୟୁରଭଞ୍ଜ ଶିମିଳିପାଳରେ ମାଇନସ ୦୧ ଡିଗ୍ରୀ ରହିଥିଲା ଗୁରୁବାର ରାତିର ପାରଦ । ଶିମିଳିପାଳର ଅଭ୍ୟନ୍ତର ଅଞ୍ଚଳ ବାରାହାକାମୁଡ଼ାରେ ମାଇନସ୍ ୧ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଥିବା ବେଳେ ଚହଲା ଓ ଗୁଡୁଗୁଡ଼ିଆରେ ୨ ଡିଗ୍ରୀ ସେଲସିଅସ୍‌ରେ ପାରଦ ପହଞ୍ଚିଛି । ଅନ୍ୟପକ୍ଷରେ ହାଡ଼ଭଙ୍ଗା ଶୀତରେ ରାଜ୍ୟର ପ୍ରମୁଖ ସହର ସହ ଟ୍ୱିନସିଟି ବି ଏବେ ଥରୁଛି । ଯେଉଁଠି ହାରାହାରି ୧୦ ଡିଗ୍ରୀ ତଳେ ପାରଦ ରହୁଥିବାବେଳେ ଗତ ରାତିରେ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲାରେ ତ ମାଇନସ୍ ଡିଗ୍ରୀକୁ ଖସି ଆସିଛି ଟେମ୍ପେରେଚର । ଗୁରୁବାର ରାତିରେ ରାଜ୍ୟର ୨୫ଟି ସହରର ପାରଦ ୧୦ ଡିଗ୍ରୀ ତଳେ ରହିଥିଲା । ତେବେ ପାଣିପାଗ ବିଭାଗର ପୂର୍ବାନୁମାନ ଆସନ୍ତା ୧୧ ତାରିଖ ଯାଏଁ ରାଜ୍ୟବାସୀଙ୍କୁ ଥଣ୍ଡାରୁ ନିସ୍ତାର ନାହିଁ । ସମ୍ଭାବ୍ୟ ସର୍ବନିମ୍ନ ପାରଦକୁ ଦେଖି ଶନିବାର ପାଇଁ କଟକ ଓ ଖୋର୍ଦ୍ଧା ସମେତ ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ଅନୁଗୁଳକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୧୧ ତାରିଖ ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳକୁ ବି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏବର୍ଷ ଜାଡ଼ ମାଡ଼ରେ ବେହାଲ୍ ହୋଇଯାଇଛି ସହରିଆ ଜୀବନଯାତ୍ରା । ରାଜଧାନୀ ଭୁବନେଶ୍ୱର ହେଉ କି କଟକ । ପୂର୍ବବର୍ଷ ଅପେକ୍ଷା ଏବର୍ଷ ଟ୍ୱିନସିଟିରେ ରେକର୍ଡ ଭାଙ୍ଗୁଛି ଶୀତ । ଗୁରୁବାର ରାତି ଥିଲା ଏ ବର୍ଷର ସବୁଠୁ ଅଧିକ ଥଣ୍ଡା ରାତି । ଭୁବନେଶ୍ୱରରେ ୯.୪ ଓ କଟକରେ ରେକର୍ଡ କରାଯାଇଥିଲା ୮.୬ ଡିଗ୍ରୀ ପାରଦ । ୨ ଦିନ ଧରି ଚତୁର୍ଥ ସର୍ବନିମ୍ନ ଥଣ୍ଡା ସହର ପାଲଟିଥିଲା ଭୁବନେଶ୍ୱର । ତେଣୁ ଏଭଳି ବାଘୁଆ ଶୀତକୁ ଦେଖି ସମସ୍ତେ ଏବେ ଆଶ୍ଚର୍ଯ୍ୟ ।

# ଅତି ବିଶିଷ୍ଟ ରେଳ ସେବା ପୁରସ୍କାର ପ୍ରଦାନ



**ଭୁବନେଶ୍ୱର,୯।୧/ଏନ୍ଏନ୍ଏସ୍:** ନୂଆଦିଲ୍ଲୀର ଦ୍ୱାରକାସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ କନ୍‌ଭେନ୍‌ସନ୍ ଆଣ୍ଡ ଏକ୍ସପୋ ସେଣ୍ଟର (ଯଶୋଭୂମି)ରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଭାରତୀୟ ରେଳବାଇ ୧୦୦ ଜଣ କର୍ମଚାରୀ ଏବଂ ଅଧିକାରୀଙ୍କୁ ୭୦ତମ 'ଅତି ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫'ରେ ସମ୍ମାନିତ କରିଛି। ଏହି ପୁରସ୍କାର ଗୁଡ଼ିକ କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ରେଳ ରାଜ୍ୟ ଏବଂ ଜଳ ଶକ୍ତି ରାଜ୍ୟମନ୍ତ୍ରୀ ଭି ସୋମନ୍ନା, ରେଳ ରାଜ୍ୟ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଜ୍ୟମନ୍ତ୍ରୀ ରବନୀତ ସିଙ୍ଗ, ରେଳବୋର୍ଡ ଅଧ୍ୟକ୍ଷ ଓ ସିଇଓ ସତୀଶ କୁମାର, ରେଳବୋର୍ଡର ସଦସ୍ୟମାନେ ଏବଂ ବିଭିନ୍ନ ରେଳ ଜୋନ ଓ ଉତ୍ପାଦନ ୟୁନିଟ୍‌ର ମହାପ୍ରବନ୍ଧକମାନେ ଉପସ୍ଥିତ ଥିଲେ।

୭୦ତମ ଅତି ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫ ସମାରୋହରେ ପୂର୍ବତଟ ରେଳପଥର ଅଧିକାରୀ ଓ କର୍ମଚାରୀମାନେ ସମ୍ମାନିତ ହୋଇ ସଂଗଠନକୁ ଗୌରବାନ୍ୱିତ କରିଛନ୍ତି। ବ୍ୟକ୍ତିଗତ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବ ତଟ ରେଳପଥ ର ଉପମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ ଏସ. ଶ୍ରୀନିବାସ ରାଓ, ଲୋକୋ ପାଇଲଟ୍ ଗୁଡ୍ସ (ଇଲେକ୍ଟ୍ରିକଲ) ସକଳ ଦେଓ ରାଣା, ସହକାରୀ କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସ, ସେମାନଙ୍କର ଆଦର୍ଶ ସେବା ତଥା ଉତ୍କର୍ଷତା ଓ ପ୍ରତିବଦ୍ଧତା ପାଇଁ ସମ୍ମାନିତ ହୋଇଥିଲେ। ବ୍ୟକ୍ତିଗତ ପୁରସ୍କାର ସହିତ ଭାରତୀୟ ରେଳବାଇର ଦକ୍ଷତା, ନିରାପତ୍ତା ଏବଂ ଯାତ୍ରୀ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବିଭିନ୍ନ ବର୍ଗର ସର୍ବୋତ୍ତମ ପ୍ରଦର୍ଶନକାରୀ ରେଳ ଜୋନ୍‌ଗୁଡ଼ିକୁ ୨୬ଟି ଶିଲ୍ଡ ପ୍ରଦାନ କରାଯାଇଥିଲା। ଯେଉଁଥିରେ ପୂର୍ବ ତଟ ରେଳପଥକୁ ଶ୍ରେଷ୍ଠ କୋଚିଂ ରକ୍ଷଣାବେକ୍ଷଣ ଶିଲ୍ଡର ବିଜେତା ଭାବେ ସମ୍ମାନିତ କରାଯାଇଥିଲା।

# ଜାତୀୟ ସମ୍ମିଳନୀ 'ଓଟିକନ୍ ୨୦୨୬' ଉଦ୍‌ଘାଟିତ




**ଭୁବନେଶ୍ୱର,୯।୧/ଏନ୍ଏନ୍ଏସ୍:** ଅଲ୍ ଇଣ୍ଡିଆ ଅକ୍ୟୁପେସନାଲ୍ ଥେରାପିଷ୍ଟସ୍ ଆସୋସିଏସନ୍ ଏବଂ ସ୍ୱାମୀ ବିବେକାନନ୍ଦ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚର ମିଳିତ ସହଯୋଗରେ ତିନି ଦିନ ଧରି ହେବାକୁ ଥିବା ୬୩ତମ ବାର୍ଷିକ ଜାତୀୟ ସମ୍ମିଳନୀ–'ଓଟିକନ୍ ୨୦୨୬' ସୋଆ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ଓ ସୂଚନା ବୈଷୟିକ ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ଡା. ବିଭୁପ୍ରସାଦ ତରାଇ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରଦୀପ୍ତ କୁମାର ନନ୍ଦ, ଏନ୍‌ଆଇଏମ୍‌ଏଚ୍‌ଆର୍ ନିର୍ଦ୍ଦେଶକ, ଏବଂ ଅକ୍ୟୁପେସନାଲ୍ ଥେରାପି ପରିଷଦର ଅଧ୍ୟକ୍ଷ ଡା. ଅଖିଳେଶ କୁମାର ଶୁକ୍ଲା, ଏସଭି ନିରତାରର ନିର୍ଦ୍ଦେଶକ ଡା. ପି. ପି. ମହାନ୍ତିଙ୍କ ସମେତ ଏଆଇଓଟିଏର ଅଧ୍ୟକ୍ଷ ଡା. ପଙ୍କଜ ବାଜପେୟୀ, ଏଆଇଓଟିଏର ସମ୍ମାନିତ ସଚିବ, ଡା. ଜୋସେଫ୍ ସନି, ଏଆଇଓଟିଏର ଉପାଧ୍ୟକ୍ଷା, ଡା. ପ୍ରତିଭା ମିଳିନ୍ଦ ବୈଦ୍ୟ, ଏଆଇଓଟିଏର ଆୟୋଜକ ସଚିବ ତଥା ଏସଭିନିରତାରର ବିଭାଗ ମୁଖ୍ୟ (ଅକ୍ୟୁପେସନାଲ୍ ଥେରାପି) ଡା. ଅନୁରୂପା ସେନାପତି, ଏଆଇଓଟିଏର ବୈଜ୍ଞାନିକ ସଭାପତି ଡା. ପ୍ରଜ୍ଞାନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ଏଆଇଓଟିଏଆପ୍'ର ଶୁଭାରମ୍ଭ କରାଯାଇଥିଲା, ଯାହା ଅକ୍ୟୁପେସନାଲ୍ ଥେରାପି କ୍ଷେତ୍ରରେ ଶିକ୍ଷା, ଗବେଷଣା ଓ ସେବାକୁ ସୁଦୃଢ଼ କରିବାରେ ସହାୟକ ହେବ। ଏଥି ସହିତ ଭାରତରେ ଅକ୍ୟୁପେସନାଲ୍ ଥେରାପି ଓ ପୁନର୍ବାସ ସେବାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଶିକ୍ଷା ଅଧିବେଶନ ସହ ସ୍ୱାସ୍ଥ୍ୟସେବାରେ ଅକ୍ୟୁପେସ୍‌ନାଲ୍ ଥେରାପିର ଭୂମିକା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

# କଳିଙ୍ଗ ହସ୍ପିଟାଲ୍ ପକ୍ଷରୁ ଗ୍ଲୋବାଲ୍ ହେଲ୍‌ଥ୍ କର୍ମଶାଳା




**ଭୁବନେଶ୍ୱର,୯।୧/ଏନ୍ଏନ୍ଏସ୍:** ଚିକିତ୍ସାକୁ ସର୍ବବ୍ୟାପି କରିବା ଉଦ୍ଦେଶ୍ୟରେ କଳିଙ୍ଗ ହସ୍ପିଟାଲ ପକ୍ଷରୁ ଆଜି ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍‌ରେ ଆମେରିକାନ୍ ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଏଏପିଆଇ) ଗ୍ଲୋବାଲ୍ ହେଲଥ କେୟାର କର୍ମଶାଳା ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଏଏପିଆଇ ଅଧୀନରେ ଏକ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ମଞ୍ଚ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସ୍ୱାସ୍ଥ୍ୟ ସେବାରେ ନୂତନ ଜ୍ଞାନକୌଶଳ ଚିକିତ୍ସା, ନୂତନତ୍ୱ ଓ ସର୍ବୋତ୍ତମ ପ୍ରଶିକ୍ଷଣ ଉପରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରଖ୍ୟାତ ଡାକ୍ତର, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଓ ଚିକିତ୍ସା ପେଶାଜୀବୀମାନେ ଯୋଗଦେଇ ରୋଗୀ ସେବାର ଉନ୍ନତି, ପ୍ରଯୁକ୍ତି-ଭିତ୍ତିକ ସ୍ୱାସ୍ଥ୍ୟସେବା ଓ ନୈତିକ ଚିକିତ୍ସା ପ୍ରଚଳନ ଉପରେ ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ତଥା ବିଶ୍ୱପ୍ରସିଦ୍ଧ ପ୍ରୋବାୟୋଟିକ୍ ବୈଜ୍ଞାନିକ ଡ଼. ସୀତାକାନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜ ପାଇଁ ଶସ୍ତା, ଗୁଣାତ୍ମକ ଓ ନୈତିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପ୍ରତି କଳିଙ୍ଗ ହସ୍ପିଟାଲ୍‌ର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଉନ୍ନତ ଚିକିତ୍ସା ପ୍ରଯୁକ୍ତିକୁ ସାଧାରଣ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବା କଳିଙ୍ଗ ହସ୍ପିଟାଲ୍‌ର ମୁଖ୍ୟ ଲକ୍ଷ୍ୟ ବୋଲି କହିବା ସହ ଏଏପିଆଇ ବିଶ୍ୱସ୍ତରୀୟ ଜ୍ଞାନ ବିନିମୟ ଓ ସହଯୋଗ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ ବୋଲି ସେ ମତ ରଖିଥିଲେ। ଏଥିସହିତ ଏଏପିଆଇର ସଭାପତି ଡାକ୍ତର ଅମିତ ଚକ୍ରବର୍ତ୍ତୀ ସର୍ବୋତ୍ତମ ଚିକିତ୍ସା ପ୍ରଣାଳୀ ଉପରେ ଉପସ୍ଥିତ ପ୍ରତିନିଧି ମଣ୍ଡଳୀଙ୍କୁ ବକ୍ତବ୍ୟ ପ୍ରଦାନ କରି କଳିଙ୍ଗ ହସ୍ପିଟାଲର ଜନହିତକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଶାଳାକୁ ପ୍ରଶଂସା କରିଥିଲେ। ଏହି ଅବସରରେ କଳିଙ୍ଗ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼. ସନ୍ତୋଷ କୁମାର ଦୋରା ଉପସ୍ଥିତ ଥିଲେ।

# ଅରୁନ୍ଧତୀ ଜୁଏଲର୍ସଙ୍କୁ ବେଷ୍ଟ୍ ସିଏସ୍‌ଆର୍ ଇମ୍‌ପ୍ୟାକ୍ଟ ସମ୍ମାନ

**ଭୁବନେଶ୍ୱର,୯।୧/ଏନ୍ଏନ୍ଏସ୍:** ଅରୁନ୍ଧତୀ ଜୁଏଲର୍ସ ନିଜର ଦୀର୍ଘକାଳୀନ ଓ ପ୍ରଭାବଶାଳୀ ସାମାଜିକ ପ୍ରତିବଦ୍ଧତା ପାଇଁ ପ୍ରଥମ ଥର ଜାତୀୟ ସ୍ତରରେ ଦି ରିଟେଲ୍ ଜୁଏଲର୍ସ ଇଣ୍ଡିଆ ସପୋର୍ଟେଡ୍ ବାଏ ଡିଲୋଇଟି ପକ୍ଷରୁ ଆୟୋଜିତ ଏମ୍‌ଡି ଆଣ୍ଡ୍ ସିଇଓ ଆୱାର୍ଡ ଫଙ୍କସନ୍‌ରେ ବେଷ୍ଟ୍ ସିଏସ୍‌ଆର୍ ଇମ୍‌ପ୍ୟାକ୍ଟ ସମ୍ମାନ ୨୦୨୬ ସମ୍ମାନରେ ସମ୍ମାନିତ ହେଇଛି। ମୁମ୍ବାଇର ହୋଟେଲ ଗ୍ରାଣ୍ଡ ହାୟଟରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପ୍‌ର ଯୁବ ନିର୍ଦ୍ଦେଶକ ପ୍ରତୀକ ମେହେର ଏହି ଗରିମାମୟ ସମ୍ମାନ ଗ୍ରହଣ କରିଥିଲେ। ବିଗତ ଦିନମାନଙ୍କରେ ଅରୁନ୍ଧତୀ ଜୁଏଲର୍ସ ଦ୍ୱାରା




ଆୟୋଜିତ ମେଗା ରକ୍ତଦାନ ଶିବିର ମାଧ୍ୟମରେ ୧୦୦୦ ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତଦାନ ସଂଗ୍ରହ କରାଯାଇ ଅନେକ ଅମୂଲ୍ୟ ଜୀବନକୁ ରକ୍ଷା କରାଯାଇଛି। ତା' ସହ ୨୦୨୫ ରଥଯାତ୍ରା ଅବସରରେ ପୁରୀ ବଡ଼ଦାଣ୍ଡରେ ୧୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ ଭଳି ମାନବ ସେବା ଓ ସାମାଜିକ ଦାୟିତ୍ୱବୋଧର ମୁଖ୍ୟ ଭୂମିକା ମଧ୍ୟ ତୁଲାଇଛି ଅରୁନ୍ଧତୀ ଜୁଏଲର୍ସ। ସାମାଜିକ ଉନ୍ନତି ସହିତ ସାଂସ୍କୃତିକ ସଂରକ୍ଷଣର ପ୍ରଚାର ପ୍ରସାର ପାଇଁ ବଲାଙ୍ଗୀରରେ ଯଜ୍ଞ ମଣ୍ଡପ ଓ କଲ୍ୟାଣ ମଣ୍ଡପ ଆଦି ନିର୍ମାଣ ସହ ୩୦୦୦ ଲୁମ୍ ବିଶିଷ୍ଟ ଅତ୍ୟାଧୁନିକ ହ୍ୟାଣ୍ଡଲୁମ୍ ପାର୍କ ନିର୍ମାଣ କରି ୫୦୦୦ ବୁଣାକାରଙ୍କ ପ୍ରତିଭା ଓ ଓଡ଼ିଶାର ବାନ୍ଧକଳାକୁ ବିଶ୍ୱ ବଜାରରେ ଏକ ବିଶେଷ ପରିଚୟ ଦେବାରେ ଅରୁନ୍ଧତୀ ଗ୍ରୁପ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କ ପ୍ରଭାବଶାଳୀ ଦୃଷ୍ଟିକୋଣ, ସାମାଜିକ ସମ୍ବେଦନଶୀଳତା ଓ ଦାୟିତ୍ୱଶୀଳ ନେତୃତ୍ୱ ଅରୁନ୍ଧତୀକୁ ଜାତୀୟ ସ୍ତରରେ ଏକ ଆଦର୍ଶ ଏବଂ ଅଗ୍ରଣୀ ବ୍ରାଣ୍ଡ ଭାବେ ପରିଚିତ କରାଇଛି। ବ୍ୟବସାୟ ସହ ସମାଜ ପାଇଁ ଓ ନିଜ ମାଟି ପାଇଁ କିଛି କରିବାର ଦୃଢ଼ ସଙ୍କଳ୍ପ ସହ ଅରୁନ୍ଧତୀ ଜୁଏଲର୍ସ ଆଗାମୀ ଦିନରେ ମଧ୍ୟ ନିଜର ସାମାଜିକ ପ୍ରତିବଦ୍ଧତାକୁ ଜାରି ରଖିବା ସହ ଏହି ସମ୍ମାନ ଓ ଗୌରବ ରାଜ୍ୟବାସୀଙ୍କୁ ସମର୍ପଣ କରିବୁ ବୋଲି ବ୍ରହ୍ମାନନ୍ଦ ମେହେର କହିଛନ୍ତି। ଅରୁନ୍ଧତୀ ଜୁଏଲର୍ସର ଏଇ ସଫଳତା ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାର ବିଭିନ୍ନ ବିଶିଷ୍ଟ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

# ଟାଟା ପାୱାର୍ ଏନଫୋର୍ସ୍‌ମେଣ୍ଟ୍ ଟିମ୍‌କୁ ସଂଘବଦ୍ଧ ଆକ୍ରମଣ

## ଅଧିକାରୀଙ୍କ ଭାଙ୍ଗିଲା ହାତ, ୪ ଅଭିଯୁକ୍ତଙ୍କ ବିରୋଧରେ ଏତଲା

**ଭୁବନେଶ୍ୱର,୯।୧/ଏନ୍ଏନ୍ଏସ୍:** ବିଦ୍ୟୁତ ଚୋରି ରୋକିବା ପାଇଁ ଚଢ଼ଉ ସମୟରେ ଟାଟା ପାୱାର ଏନଫୋର୍ସମେଣ୍ଟ ଟିମ୍ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ନିକଟରେ ବାଲିଅନ୍ତା ଥାନା ଅନ୍ତର୍ଗତ ବୁଦ୍ଧିପଡ଼ା ନଈକୂଳ ସାହିରେ ଏହି ଅଭାବନୀୟ ଘଟଣା ଘଟିଛି। ଏନ୍‌ଫୋର୍ସମେଣ୍ଟ ଅଧିକାରୀ ନୀଳାଞ୍ଚଳ ସାବତ (୫୨) ନିଜ ଟିମ୍ ସହ ସେଠାରେ ଗଙ୍ଗାଧର ନାୟକ ନାମକ ଜଣେ ଉପଭୋକ୍ତାଙ୍କ ଘରେ ବେଆଇନ ବିଦ୍ୟୁତ ହୁକିଂ ଯାଞ୍ଚ କରୁଥିଲେ। ସେହି ସମୟରେ ଉପଭୋକ୍ତା ଜଣକ ଅନ୍ୟ ଏକ ବିଦ୍ୟୁତ ସଂଯୋଗରୁ ବେଆଇନ ଭାବେ ବିଦ୍ୟୁତ ଚୋରି କରୁଥିବା ଧରାପଡ଼ିଥିଲା। ଅଫିସର୍ ଏହାର ପ୍ରତିବାଦ କରିବାରୁ ଗଙ୍ଗାଧର ନାୟକଙ୍କ ସମେତ ତାଙ୍କର ସହଯୋଗୀ ଗନ୍ଧର୍ବ ନାୟକ, ସରବ ନାୟକ ଏବଂ ଗାଣ୍ଟୁ ନାୟକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଟିମ୍‌କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଉକ୍ତ ଗଙ୍ଗାଧର ନାୟକ ଏକ ବାଉଁଶରେ ଶ୍ରୀ ସାବତଙ୍କୁ ଆକ୍ରମଣ କରିଥିଲେ, ଯାହାଫଳରେ ତାଙ୍କ ବାମ ଆଖିରେ ଗଭୀର ଆଘାତ ଲାଗିଛି। ଏହି ସମୟରେ ଗାଣ୍ଟୁ ନାୟକ ଏକ ଲୁହା ଶାବଳରେ ଆକ୍ରମଣ କରିବାରୁ ଅଧିକାରୀଙ୍କ ବାମ ହାତର ହାଡ଼ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଅଭିଯୁକ୍ତମାନେ ସ୍କ୍ୱାଡ୍‌ରେ ଥିବା ଜଣେ ମହିଳା କର୍ମଚାରୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବା ସହ ଟଣାଓଟରା କରିଥିଲେ। ଏହି ଘଟଣାକୁ ନେଇ ନୀଳାଞ୍ଚଳ ସାବତ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୬୨୭ ରୁଜୁ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ର ଧାରା ୧୨୬(୨), ୧୧୫(୨), ୧୨୧(୧), ୭୪, ୧୦୯(୧), ୨୯୬, ୩୫୧(୩), ୩(୫) ଏବଂ ବିଦ୍ୟୁତ ଆଇନର ଧାରା ୧୩୫ ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଗନ୍ଧର୍ବ ନାୟକଙ୍କୁ ପୁଲିସ ଗିରଫ କରିଛି। ବର୍ତ୍ତମାନ ଏଏସ୍‌ଆଇ କୁରେଶ କୁମାର ପାଇକୋ ଏହି ଘଟଣାର ତଦନ୍ତ କରୁଛନ୍ତି।

**ମୁଖ୍ୟ ଅଭିଯୁକ୍ତ ଗିରଫ**

# ଆୟକର ବିଭାଗ ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ୱତନ୍ତ୍ର କାର୍ଯ୍ୟକାରିଣୀ



**ଭୁବନେଶ୍ୱର,୯।୧/ଏନ୍ଏନ୍ଏସ୍:** ଆଜି ମଧ୍ୟାହ୍ନରେ ଆୟକର ବିଭାଗ ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ସଂଘର ଭୁବନେଶ୍ୱରର ଆୟକର ଆନେକ୍ସିରେ ଥିବା ସଂଘର ସ୍ଥାୟୀ କାର୍ଯ୍ୟାଳୟରେ ସଭାପତି ସ୍ୱରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ଆଗାମୀ ବାର୍ଷିକ ଅଧିବେଶନ ୨୦୨୬ର କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ସଂଘର ଦୁଇ ଉପସଭାପତି ବିଧୁଭୂଷଣ ମହାନ୍ତି ଏବଂ ଶରତ ଦାଶ, ବରିଷ୍ଠ ସଭ୍ୟ ବ୍ରଜେନ୍ଦ୍ରନାଥ ମହାନ୍ତି, ମନୋରଞ୍ଜନ ପାଣିଗ୍ରାହୀ, ନିର୍ମଳେନ୍ଦୁ ଗୁପ୍ତା, କମ୍ବୁପାଣି ପଟ୍ଟନାୟକ, ଲାଲମୋହନ ମାଝୀ, ଚିତ୍ତ ରଞ୍ଜନ ଦାଶ, ପିତାମ୍ବର ଲେଙ୍କା, କିଶୋର ମହାନ୍ତି, କେ. ସି. ସାହାଣୀ, ଗୌରାଙ୍ଗ ସାହୁ, ମନୋରଞ୍ଜନ ପଟ୍ଟନାୟକ, ମଙ୍ଗରାଜ ସେଠୀ, ଏ ଭି ଏନ୍ ଶ୍ରୀନିବାସ ଓ ଚିନ୍ତାମଣି ଦାସ ଉପସ୍ଥିତ ଥିଲେ।

# କ୍ଲାସିକ୍ ଗୀତରେ ହେଭେନ୍ସ ଗ୍ରୁପ୍‌ର ଗୀତ ଗୀତିକା




**ଭୁବନେଶ୍ୱର,୯।୧/ଏନ୍ଏନ୍ଏସ୍:** ହେଭେନ୍ସ ଗ୍ରୁପ୍‌ର ୧୫ ତମ ବାର୍ଷିକ ଉତ୍ସବ 'ଗୀତ ଗୀତିକା' ସ୍ଥାନୀୟ ଜୟ ଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଲୋକପ୍ରିୟ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ପ୍ରଣବ ଜ୍ୟୋତି ନାଥ, ସୁଶାନ୍ତ ପଣ୍ଡା, ସ୍ମରଣିକା ନାୟକ, ଶ୍ରୀ ନିବାସ ରାଓ, ଆହୁତି ମିଶ୍ର, ଅଶ୍ୱିନୀ ମହାନ୍ତି, ଆୟୁଷମାନ, ଶ୍ୱେତପଦ୍ମା, ପୂନମ, ମିରାଳି, ପୂର୍ବନାଭି, ସାଇ ଅଂଶୁମାନ, ସାଇ ତମନ୍ନା ପଟ୍ଟନାୟକ, ଅର୍ଣ୍ଣବ ପଣ୍ଡା, ସୁଶ୍ରୀ ଶିବାଙ୍ଗୀ, ଶାନ୍ତନୁ, ସୋହମ ସାଇ ମିଶ୍ର, ସୋମସିନ୍ଧୁ ମହାନ୍ତି ଓ କାବେରୀ ଏହି ଗୀତଗୁଡ଼ିକ ପରିବେଷଣ କରିଥିଲେ। ଦିଲ କିୟା କରେ, ତୁ ମାନେ ୟା ନା ମାନେ, କୋଇ ସାଗର ଦିଲ କୋ, କାହା ପାଦ ଶବଦରେ ନିଦ ଭାଙ୍ଗିଗଲା, ଆଏହୋ ମେରୀ ଜିନ୍ଦେଗୀ, ଫେରିଆ ଫେରିଆ ଶାରୀ, ଏକ ପ୍ୟାର କା ନଗମା ହେ, ଘର ମୋର ପରଦେଶୀୟା, ୱାଦା ରାହା ସନମ ମେରୀ ଜାନ, ନିଛାଟିଆ ମନ, ତୁଝସେ ନାରାଜ ନେହି ଜିନ୍ଦେଗୀ, ତୁ. ହି.ରେ, ତୁମେ ମେନେ ଦେଖା ଆଦି କ୍ଲାସିକ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ର ଗୀତଗୁଡ଼ିକ ମାଧ୍ୟମରେ କଣ୍ଠଶିଳ୍ପୀମାନେ ଦୀର୍ଘ ତିନି ଘଣ୍ଟା ଧରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ଲୋକସେବା ଆୟୋଗର ଅବସର ପ୍ରାପ୍ତ ପୁଲିସ ସେବା ଡ଼. ସତ୍ୟଜିତ ମହାନ୍ତି, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗର ଅବସର ପ୍ରାପ୍ତ ଅଧ୍ୟକ୍ଷ ପୁଲିସ ସେବା ଡ଼ ଲଳିତ ଦାସ, ହେବେନ୍ସ ଗ୍ରୁପ୍‌ର ସଭାପତି ବିଜୟକୁମାର ପଟ୍ଟନାୟକ, ଆଦ୍ୟାଶା ଦାସ, ପରିଚାଳକ ସୁଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଗୁଲସନ ନଦିମ ପରିଚାଳନା କରିଥିଲେ।

# କାମ୍ପା-ସିଓର୍ ପ୍ୟାକେଜ୍ ପାଣି ପାଇଁ ଅମିତାଭ ବଚ୍ଚନ ବ୍ରାଣ୍ଡ୍ ଆମ୍ବାସାଡର୍ ନିଯୁକ୍ତ

**ବେଙ୍ଗାଲୁରୁ,୯।୧/ଏନ୍ଏନ୍ଏସ୍:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏଫ୍‌ଏମ୍‌ସିଜି କମ୍ପାନୀ ରିଲାଏନ୍ସ କଞ୍ଜ୍ୟୁମର୍ ପ୍ରଡକ୍ଟସ୍ ଲିମିଟେଡ୍ (ଆରସିପିଏଲ) ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଏହାର ପ୍ୟାକେଜ୍ ପାନୀୟ ଜଳ ବ୍ରାଣ୍ଡ, କାମ୍ପା ସିଓର ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବରେ ନିଯୁକ୍ତ କରିଛି। କାମ୍ପା ବ୍ରାଣ୍ଡ ପରି, ଅମିତାଭ ବଚ୍ଚନଙ୍କୁ ଉତ୍କର୍ଷତା ଏବଂ ଭରସାର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ଦେଶ ବିଦେଶରେ କୋଟି କୋଟି ପ୍ରଶଂସକ ରହିଛନ୍ତି। ଏହି ସହଭାଗୀତା ଗ୍ରାହକଙ୍କ ବିଶ୍ୱାସକୁ ଆହୁରି ମଜଭୁତ କରିବ।

ଆର୍‌ସିପିଏଲ୍ ୨୦୨୨ ରେ କାମ୍ପା କୋଲାକୁ ଅଧିଗ୍ରହଣ କରିଥିଲା ଏବଂ ୨୦୨୩ ରେ ଏହାକୁ ଭାରତୀୟ ବଜାରରେ ପୁନଃ ଶୁଭାରମ୍ଭ କରିଥିଲା। ସେବେଠାରୁ କମ୍ପାନୀ ସଫଳତାର ସହିତ କାମ୍ପା ଏନର୍ଜି ଡ୍ରିଙ୍କସ୍, ରସକିକ୍ ବେଭରେଜେସ୍, ଜୁସ୍ ଏବଂ ବର୍ତ୍ତମାନ କାମ୍ପା ସିଓର ପ୍ୟାକେଜ୍ ପାନୀୟ ଜଳ ସହିତ ଏହାର ପାନୀୟ ପୋର୍ଟଫୋଲିଓକୁ ବିସ୍ତାର କରିଛି। ବର୍ତ୍ତମାନ, କାମ୍ପା ଭାରତୀୟ ମୃଦୁ ପାନୀୟ ବଜାରରେ ନିଜକୁ ଏକ ଦୃଢ଼




ବ୍ରାଣ୍ଡ ଭାବରେ ପରିଚୟ ସୃଷ୍ଟି କରିସାରିଛି। ଏହି ଅବସରରେ ରିଲାଏନ୍ସ କଞ୍ଜ୍ୟୁମର୍ ପ୍ରଡକ୍ଟସ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, 'ଯେପରି କାମ୍ପା ଏକ ବିଶ୍ୱସ୍ତ ଭାରତୀୟ ବ୍ରାଣ୍ଡ, ସେହିପରି ଶ୍ରୀ ଅମିତାଭ ବଚ୍ଚନ ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ରାଜ କରନ୍ତି, ଏବଂ ତାଙ୍କର ଲୋକପ୍ରିୟତାର କୌଣସି ସୀମା ନାହିଁ। ଉଭୟ ବିଶ୍ୱାସ, ପବିତ୍ରତା ଏବଂ ପ୍ରାମାଣିକତାର ପ୍ରତୀକ। ଶ୍ରୀ ବଚ୍ଚନ ଏବଂ କାମ୍ପା ମଧ୍ୟରେ ଏହି ସହଭାଗିତା ଏକ ସମାନ ଦୃଷ୍ଟିକୋଣ ଏବଂ ଦର୍ଶନକୁ ପ୍ରତିଫଳିତ କରେ। ଏହି ଦୁଇ କିମ୍ବଦନ୍ତୀଙ୍କ ଏକତ୍ର ହେବା ବାସ୍ତବରେ ସ୍ୱତନ୍ତ୍ର।' ଏହି ସହଭାଗିତା ସମ୍ପର୍କରେ ଅମିତାଭ ବଚ୍ଚନ କହିଛନ୍ତି, 'କାମ୍ପା ସିଓର ସହିତ ଯୋଡି ହୋଇଥିବାରୁ ମୁଁ ବେଶ ଆନନ୍ଦିତ। ପ୍ରତ୍ୟେକ ଭାରତୀୟଙ୍କ ପାଖରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବାର ଏହି ପଦକ୍ଷେପ ମୋତେ ଗଭୀର ଭାବରେ ପ୍ରଭାବିତ କରିଛି।' ଜନସାଧାରଣଙ୍କ ପାଇଁ ସୁରକ୍ଷିତ ପାନୀୟ ଜଳ ସୁଲଭ କରିବା ଲକ୍ଷ୍ୟରେ କାମ୍ପା ସିଓରକୁ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ମୂଲ୍ୟରେ ଆରମ୍ଭ କରାଯାଇଛି। ଏହା ବିଭିନ୍ନ ପ୍ୟାକ୍ ଆକାରରେ ଉପଲବ୍ଧ ଯେପରିକି ୨୫୦ ମିଲି, ୫୦୦ ମିଲି, ୧ ଲିଟର, ୨ ଲିଟର, ୫ ଲିଟର, ୧୦ ଲିଟର ଏବଂ ୨୦ ଲିଟର, ଯାହା ପ୍ରତ୍ୟେକ ଅବସର ଏବଂ ପ୍ରତ୍ୟେକ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ରିଲାଏନ୍ସ ଏବଂ କାମ୍ପାର ବିଶ୍ୱାସଭରା ଐତିହ୍ୟ ଉପରେ ଆଧାରିତ କାମ୍ପା ସିଓର ପାଣି ୧୦ ରୁ ଅଧିକ ବିଶୋଧନ ପ୍ରକ୍ରିୟା ଦେଇ ଗତି କରେ ଏବଂ ପ୍ରତ୍ୟେକ ବୁନ୍ଦାରେ ଶୁଦ୍ଧତା ଓ ଗୁଣବତ୍ତା ସୁନିଶ୍ଚିତ କରିଥାଏ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଶୀତକାଳୀନ କ୍ରୀଡ଼ା ଉଦ୍‌ଘାଟିତ

**ଭୁବନେଶ୍ୱର,୯।୧/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ରେଳକର୍ମଚାରୀ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କ ନିମନ୍ତେ ଶୀତକାଳୀନ କ୍ରୀଡ଼ା–୨୦୨୬ର ଉଦ୍‌ଘାଟନ ଆଜି ଅପରାହ୍ଣରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ କ୍ରୀଡ଼ା ପରିସରର ଇଣ୍ଡୋର ବ୍ୟାଡମିଣ୍ଟନ ହଲ୍‌ଠାରେ ହୋଇଯାଇଛି। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୀତକାଳୀନ କ୍ରୀଡ଼ା-୨୦୨୬କୁ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ)/ଖୋର୍ଦ୍ଧା ରୋଡ୍‌ର ସଭାପତି ଦିବ୍ୟା ତ୍ରିପାଠୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।




ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ତ୍ରିପାଠୀ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଏକତା ବଜାୟ ରଖିବାରେ କ୍ରୀଡ଼ା ଏବଂ ଖେଳର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ଶୃଙ୍ଖଳା, ସମର୍ପଣ ଏବଂ ପ୍ରକୃତ କ୍ରୀଡ଼ାପ୍ରେମୀ ମନୋଭାବ ସହିତ ଖେଳିବାକୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ରେଳକର୍ମଚାରୀ, ସେମାନଙ୍କର ସନ୍ତାନମାନେ ଏବଂ କ୍ରୀଡାପ୍ରେମୀମାନଙ୍କର ଭାରି ଉତ୍ସାହ ଦେଖାଯାଇଥିଲା। ଯାହା ଫଳରେ ସମଗ୍ର ପରିସର ଜୀବନ୍ତ ଓ ଉତ୍ସାହମୟ ପରିବେଶରେ ପରିଣତ ହୋଇଥିଲା। ଏହି କାର୍ଯ୍ୟକ୍ରମର ସଫଳ ସମନ୍ୱୟ କ୍ରୀଡ଼ା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍‌ଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା। ଶୀତକାଳୀନ କ୍ରୀଡ଼ା–୨୦୨୬ ଅନ୍ତର୍ଗତ ବିଭିନ୍ନ ଇଣ୍ଡୋର କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ ଯାହା ମାଧ୍ୟମରେ ପ୍ରତିଭାଗୀମାନେ ନିଜ ଖେଳ ପ୍ରତିଭା ପ୍ରଦର୍ଶନ କରିପାରିବେ। ଏହି ଅବସରରେ ଇକୋରୋର ସଦସ୍ୟମାନେ ଏବଂ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଶୀତକାଳୀନ କ୍ରୀଡା -୨୦୨୬ ରେଳ କର୍ମଚାରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟକୁ ଆହୁରି ମଜଭୁତ କରିବ ଏବଂ ରେଳ ଭାଇଚାରାର ମଧ୍ୟରେ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି।

● ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସତ୍ତ୍ୱାଧିକାର

# ଆଇନମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି, ସେବାପୂଜା, ବିଧି ଏବଂ ପର୍ବପର୍ବାଣିକୁ ଶୃଙ୍ଖଳିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ମନ୍ଦିରର ରେକର୍ଡ ଅଫ୍ ରାଇଟସ୍‌ର ଅନୁଧ୍ୟାନ ଓ ବିଶ୍ଳେଷଣ କରିବା ପାଇଁ ଗଠିତ ହୋଇଥିବା ଦୁଇଜଣିଆ କମିଟି ଶୁକ୍ରବାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଅନ୍ତରିଣ ରିପୋର୍ଟ ପ୍ରଦାନ କରିଛନ୍ତି। ଅବସରପ୍ରାପ୍ତ ଜଷ୍ଟିସ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିର, ନିଯୋଗ, ସେବାପୂଜା ବାବଦରେ ଥିବା ବିଭିନ୍ନ ପୁରାତନ ନଥିକୁ ଅନୁଧ୍ୟାନ ସହ ମନ୍ଦିର ସହିତ ସଂଶ୍ଲିଷ୍ଟ ସେବାୟତ, ନିଯୋଗ ଆଦିଙ୍କ ସହ ଆଲୋଚନା କରି ପ୍ରସ୍ତୁତ ଏହି ଅନ୍ତରିଣ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗ୍ରହଣ କରିବା ଅବସରରେ କହିଛନ୍ତି ଯେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ଓ ସେବାପୂଜା ଖୁବ୍ ଶୀଘ୍ର ଶୃଙ୍ଖଳିତ ହେବାକୁ ଯାଉଛି। ଆଗାମୀ ଦିନରେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ କମିଟି ଦେଇଥିବା ସମସ୍ତ ପ୍ରସ୍ତାବକୁ ଅନୁଶୀଳନ କରି ବିଭିନ୍ନ ନୀତିକାନ୍ତି, ପର୍ବପର୍ବାଣି, ଯାନିଯାତ୍ରା, ସେବା ଆଦିକୁ ଶୃଙ୍ଖଳିତ ତଥା ସୁନ୍ଦର ଭାବେ ପରିଚାଳନା କରିବା ସମ୍ଭବ ହୋଇପାରିବ। ଏହି ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ 'ସମଗ୍ର ଶିକ୍ଷା'ର ନୂତନ ରୂପରେଖ ପାଇଁ ପରାମର୍ଶ ବୈଠକ

# ସମଗ୍ର ଶିକ୍ଷା ଯୋଜନାକୁ 'ଫଳାଫଳଭିତ୍ତିକ' କରାଯିବ

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ମିଳିତ ଅଧ୍ୟକ୍ଷତାରେ ଶୁକ୍ରବାର ନୂଆଦିଲ୍ଲୀ ଠାରେ 'ସମଗ୍ର ଶିକ୍ଷା ୩.୦' ଉପରେ 'ସମଗ୍ର ଶିକ୍ଷାର ନୂତନ ରୂପରେଖ' ପାଇଁ ଏକ ଦିନିକିଆ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ ଏବଂ ବିଭିନ୍ନ ମନ୍ତ୍ରଣାଳୟର ପ୍ରତିନିଧିମାନେ ଯୋଗଦେଇ ସ୍କୁଲ୍ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଏହି ମିଳିତ ପ୍ରୟାସ ଏବଂ ଏହି ବୈଠକରୁ ନିଷ୍କାସିତ ହେଉଥିବା ଅଭିନବ ଚିନ୍ତାଧାରା ଆମ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ସାମଗ୍ରିକ ଭାବେ ସୁଦୃଢ଼ କରିବା ପାଇଁ ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାରେ ସହାୟକ ହେବ। ଏହା ସହିତ ସମଗ୍ର ଶିକ୍ଷା ଯୋଜନାକୁ ପୁନଃକଳ୍ପନା କରି 'ବିକଶିତ ଭାରତ'ର ଲକ୍ଷ୍ୟ ସହିତ ସମାନ କରିବା ସହ ଏକ ଶିକ୍ଷା ବ୍ୟବସ୍ଥା ଗଠନ କରିବ, ଯାହା ଫଳାଫଳ ଭିତ୍ତିକ, ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଭାରତୀୟତା ସହ ଜଡ଼ିତ। ଆମର ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

ଏହାଛଡ଼ା ଶ୍ରୀ ପ୍ରଧାନ କହିଛନ୍ତି ଯେ ପାଠପଢ଼ାରେ ରହୁଥିବା ବ୍ୟବଧାନକୁ କମାଇବା, ଡ୍ରପ୍-ଆଉଟ୍ ହାର ହ୍ରାସ କରିବା, ଗୁଣାତ୍ମକ ଶିକ୍ଷାଦାନ ସହ ଅପପୁଷ୍ଟି ସମସ୍ୟାର ସମାଧାନ କରିବା ଆମର ମିଳିତ ଦାୟିତ୍ୱ ହେବା ଉଚିତ୍। ଆମକୁ ସମଗ୍ର ଶିକ୍ଷା ଯୋଜନାକୁ 'ଫଳାଫଳ ଭିତ୍ତିକ' ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଢାଞ୍ଚାରେ ପରିଣତ କରିବାକୁ ହେବ, ଯାହା ଜାତୀୟ ଶିକ୍ଷା ନୀତି ୨୦୨୦ ର ଉଦ୍ଦେଶ୍ୟ ସହିତ ଜଡ଼ିତ। ଶ୍ରୀ ପ୍ରଧାନ ସମସ୍ତ ଏକାଡେମିକ ବିଶେଷଜ୍ଞ, ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଶିକ୍ଷା




ମନ୍ତ୍ରଣାଳୟ ଏବଂ ଅଂଶଗ୍ରହଣକାରୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ଏକ ସାମଗ୍ରିକ ବାର୍ଷିକ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଏକ ଜାତୀୟ ଆନ୍ଦୋଳନରେ ପରିଣତ ହେବା ଉଚିତ୍। ଯେତେବେଳେ ଆମର 'ବିଚାର' ଗୁଡ଼ିକ ଏକାଠି ହେବ, ସେତେବେଳେ ଆମର 'ଦକ୍ଷତା' ମଧ୍ୟ ବୃଦ୍ଧିପାଇବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, 'ଆମକୁ ବିଦ୍ୟାଳୟଗୁଡ଼ିକୁ ସମାଜକୁ ଫେରାଇବାକୁ ହେବ।' ସରକାର ବ୍ୟବସ୍ଥା ଏବଂ ଦରମା ପାଇଁ ଦାୟିତ୍ୱ ନେବେ, କିନ୍ତୁ ବିଦ୍ୟାଳୟର ପରିଚାଳନା ଦାୟିତ୍ୱରେ ସମାଜର ସକ୍ରିୟ ଅଂଶଗ୍ରହଣ ରହିବା ଆବଶ୍ୟକ। ଏହାବ୍ୟତୀତ ଟେକ୍ନୋଲୋଜି ଏବଂ ଡିଜିଟାଇଜେସନର ସଠିକ୍ ବ୍ୟବହାର ଦ୍ୱାରା ପରୀକ୍ଷା ବୋଝ କମାଇ ଶିକ୍ଷାକୁ ସହଜ କରିବା ପାଇଁ ସେ ସମସ୍ତ ରାଜ୍ୟଙ୍କୁ ସେମାନଙ୍କର 'ଶ୍ରେଷ୍ଠ ଅଭ୍ୟାସ' ଉପରେ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି।

ଡିଜିଟାଲ୍ ଗଭର୍ଣ୍ଣାନ୍ସରେ ଆସିବ ସୁଧାର

# ପ୍ରଶାସନିକ କାମରେ ବ୍ୟବହାର ହେବ ସ୍ୱଦେଶୀ ଇ-ମେଲ୍

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ପ୍ରଶାସନରେ ଏଣିକି ପ୍ରଶାସନିକ କାମରେ ବ୍ୟବହାର ହେବ ସ୍ୱଦେଶୀ ଇମେଲ୍। ଯାହାକୁ ଡେଭ୍‌ଲପ୍ କରିଛି ଓକାକ୍। କେବଳ ମେଲ୍ ନୁହେଁ ଭିଡିଓ କନଫ୍ରେନ୍ସ ପାଇଁ ବି 'ଆଳାପ' ନାମରେ ଏକ ସ୍ୱଦେଶୀ ସିଷ୍ଟମକୁ ଡେଭ୍‌ଲପ୍ କରିଛି ଓକାକ୍। ଯାହାକୁ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ଏହା ଦ୍ୱାରା ସମସ୍ତ ସରକାରୀ ତଥ୍ୟ ସୁରକ୍ଷିତ ରହିବ ବୋଲି କୁହାଯାଇଛି। ଏହାର ଡାଟା ସେଣ୍ଟର ଓଡ଼ିଶାରେ ରହିବାକୁ ଥିବାବେଳେ ବ୍ଲକ, ଜିଲ୍ଲାସ୍ତରରୁ ରାଜ୍ୟସ୍ତର ଯାଏଁ ସମସ୍ତ ଅଧିକାରୀ ଏହାକୁ ବ୍ୟବହାର କରିବେ। ଏନେଇ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖସଚିବ, ସଚିବଙ୍କ ସହ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ। ରାଜ୍ୟର ସମସ୍ତ ଅଧିକାରୀଙ୍କୁ @odisha.Gov.in ରେ ମେଲ ଆଇଡି ବନେଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୁଣା କାଗଜ ଡାଏରୀ ବଦଳରେ ଇ-ଡାଏରୀ ବ୍ୟବହାର କରାଯିବ। ଅଧିକାରୀମାନେ ରୁଟିନ କାର୍ଯ୍ୟସୂଚୀ ପ୍ରଦାନ କରିବେ। ଏହାସହ ଅଧିକାରୀମାନେ ସ୍ମାର୍ଟ ଫୋନରେ ମଧ୍ୟ ସହଜରେ ବ୍ୟବହାର କରିପାରିବେ। ଏହା ଦ୍ୱାରା ଡାଟା ସୁରକ୍ଷିତ ରହିବ ଏବଂ ଅନ୍ୟ ହୋଷ୍ଟିଙ୍ଗ ପ୍ଲାଟଫର୍ମ ଉପରେ ନିର୍ଭର କରବାକୁ ପଡ଼ିବନି।

# ଶବ ବ୍ୟବଚ୍ଛେଦ ଭତ୍ତା ବୃଦ୍ଧି

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ହେଲଥ ସର୍ଭିସ କ୍ୟାଡରର ମେଡିକାଲ ଅଧିକାରୀଙ୍କ ପାଇଁ ଶବ ବ୍ୟବଚ୍ଛେଦ ନିମନ୍ତେ ଦିଆଯାଉଥିବା ଭତ୍ତାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ପ୍ରତି କେସ୍‌କୁ ୫୦୦ ଟଙ୍କା ଭତ୍ତା ଦିଆ ଯାଉଥିବା ବେଳେ ଏବେ ଏହି ଭତ୍ତାକୁ ବୃଦ୍ଧି କରି ୧,୦୦୦ ଟଙ୍କା କରାଯାଇଛି। ଏହି ଭତ୍ତା ଦାବି ସମୟରେ ସମ୍ପୃକ୍ତ ପୁଲିସ କେସ୍ ନମ୍ବର ଉଲ୍ଲେଖ କରିବା ଅନିବାର୍ଯ୍ୟ ହେବ। ଏଥିନିମନ୍ତେ ଅର୍ଥ ବିଭାଗର ସମ୍ମତି ମଧ୍ୟ ମିଳିଛି।

# 'ଜାତୀୟ ବାଉଁଶ ସମ୍ମିଳନୀ ୨୦୨୬' ଉଦ୍‌ଘାଟିତ

ବାଉଁଶ ସାମଗ୍ରୀର ଅନ୍‌ଲାଇନ୍ ବିକ୍ରୟ ନିମନ୍ତେ ସ୍ୱତନ୍ତ୍ର ୱେବସାଇଟ୍ ଶୁଭାରମ୍ଭ

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ଓଡ଼ିଶାର ବାଉଁଶ କ୍ଷେତ୍ରକୁ ରାଜ୍ୟର ସବୁଜ ଅର୍ଥନୀତିର ଏକ ପ୍ରମୁଖ ସ୍ତମ୍ଭ ଭାବରେ ଗଢ଼ିତୋଳିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପଟିଆସ୍ଥିତ ଏକ ହୋଟେଲରେ ଶୁକ୍ରବାର 'ଜାତୀୟ ବାଉଁଶ ସମ୍ମିଳନୀ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ୱାନ୍ ଫ୍ୟୁଚର ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ନେତୃବୃନ୍ଦ ଏବଂ ସ୍ଥାୟୀ ଡିଜାଇନ୍ ବିଶେଷଜ୍ଞଙ୍କ ସମେତ ୨୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଗ୍ରାମୀଣ ସମୃଦ୍ଧି ଓ ଏକ ନବୀକରଣ ଯୋଗ୍ୟ ସମ୍ପଦ ଭାବେ ବାଉଁଶର ବ୍ୟାପକ ସମ୍ଭାବନା ଉପରେ ଏଠାରେ ଆଲୋଚନା କରାଯାଇଥିଲା।

ଏହି ସମ୍ମିଳନୀକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମାନ୍ୟବର ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଉଦଘାଟନ କରିଥିଲେ। ଏଥିସହ ସ୍ଥାନୀୟ କାରିଗରମାନଙ୍କୁ ଡିଜିଟାଲାଇଜ୍ କରିବା ଏବଂ ସେମାନଙ୍କ ବଜାର ପରିସରକୁ ବୃଦ୍ଧି କରିବା ପାଇଁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ବାଉଁଶ ସାମଗ୍ରୀର ଅନଲାଇନ୍ ବିକ୍ରୟ ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ www.odishabamboohaat.comର



ଶୁଭାରମ୍ଭ କରିଥିଲେ। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦୈନନ୍ଦିନ ଜୀବନରେ ବାଉଁଶର ବିଭିନ୍ନ ବ୍ୟବହାର ଏବଂ ବିଶ୍ୱର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଏହାର ଅବଦାନ ବିଷୟରେ ସଚେତନତା ସୃଷ୍ଟି କରିବା। ବୈଷୟିକ ଅଧିବେଶନଗୁଡ଼ିକରେ ସରକାରୀ ନୀତି, ଅତ୍ୟାଧୁନିକ ବାଉଁଶ ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରି ଏକ ଦୃଢ଼ ବାଉଁଶ ଇକୋସିଷ୍ଟମ୍ ଗଠନ କରିବାରେ ଏକ ପ୍ରମୁଖ ମାଧ୍ୟମ ସାଜିଥିଲା। ଏହି ଅବସରରେ 'ୱାନ ଫ୍ୟୁଚର ଫାଉଣ୍ଡେସନ'ର ପରାମର୍ଶଦାତା ଗୁରୁ ପ୍ରସାଦ ମିଶ୍ର, ସମ୍ମିଳନୀର ମୁଖ୍ୟ ସମନ୍ୱୟକାରୀ ଶାରଦା ପ୍ରସାଦ ପଣ୍ଡା ଏବଂ ବିଶ୍ୱ ବାଉଁଶ ଦୂତ ତଥା ସ୍ଥାୟୀ ଡିଜାଇନ୍ ବିଶେଷଜ୍ଞ ଡଃ ରେବେକା ରିଉବେନ୍ସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବାଉଁଶ ଉନ୍ନୟନ ଏଜେନ୍ସିର ପ୍ରକଳ୍ପ ନିର୍ଦ୍ଦେଶକ କାର୍ତ୍ତିକ ଭି. ଏବଂ ସହ-ଆୟୋଜକ 'ଭାରତୀୟମ ଟ୍ରଷ୍ଟ'ର ସୁଧାକର ପାହି ଉପସ୍ଥିତ ଥିଲେ।

# 'ସ୍ୱଦେଶୀ, ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ ଖଦି'

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ଖଦି ହେଉଛି ସ୍ୱଦେଶୀ, ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ। ଅଧିକରୁ ଅଧିକ ଖଦି ପିନ୍ଧିଲେ, ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହୋଇପାରିବ ବୋଲି ବିଧାନସଭା ପେପରସ୍ ଲେଡ୍ ଅନ୍ ଦ ଟେବୁଲ୍ କମିଟି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ପରିଦର୍ଶନ ସମୟରେ ଖଦିର ପୁନରୁଥାନ ପାଇଁ ଆଲୋଚନାରେ ଏହି ମତ ପ୍ରକାଶ ପାଇଛି। ବିଧାନସଭା କମିଟି ସମ୍ମୁଖରେ ଖଦି ବୋର୍ଡ଼ ସଦସ୍ୟ ଓ ବୁଣାକାରମାନେ ଖଦିର ପୁନରୁଥାନ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଆବଶ୍ୟକୀୟ କଞ୍ଚାମାଲ୍ ଯୋଗାଣ, ରିହାତି ବୃଦ୍ଧି, ବୁଣାକାରଙ୍କୁ ଭତ୍ତା ପ୍ରଦାନ, ନୂଆ ଗୋଦାମ ଗୃହ ନିର୍ମାଣ, ଚଳନ୍ତି ପୁଞ୍ଜି, ନୂତନ କର୍ମଚାରୀ ନିଯୁକ୍ତି, ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ, ବିପଣନ, ଡିଜିଟାଲ ମାର୍କେଟିଂ, ନୂତନ ବିକ୍ରୟକେନ୍ଦ୍ର ଖୋଲିବା ଆଦି ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଥିଲେ। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଧାନସଭା ପେପରସ୍ ଲେଡ୍ ଅନ୍ ଦ ଟେବୁଲ୍ କମିଟି ଅଧ୍ୟକ୍ଷ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, କମିଟି ସଭ୍ୟ ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ବିଧାୟକ ସତ୍ୟଜିତ ଗମାଙ୍ଗୋ, ବୋର୍ଡ଼ ଅଧ୍ୟକ୍ଷ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସଚିବ ସଞ୍ଜୟ ମିଶ୍ର, ବୋର୍ଡ଼ ସଦସ୍ୟା ଡ. ଅରୁନ୍ଧତୀ ଦେବୀ, ସଦସ୍ୟ ଅଜୟ ନାୟକ, କେନ୍ଦ୍ର ଖଦି କମିଶନର ରାଜ୍ୟ ନିର୍ଦ୍ଦେଶକ ସୁଭାଷ ଛେତ୍ରୀ, ଖଦି ବୋର୍ଡ଼ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ସଞ୍ଚିତା ମହାନ୍ତିଙ୍କ ପ୍ରତିବଦ୍ଧତା ପ୍ରେରଣାଦାୟୀ ହୋଇରହିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଭାରତୀୟ ଜନତା ପାର୍ଟିର ଅପୂରଣୀୟ କ୍ଷତି ହୋଇଛି। ଦଳ ପାଇଁ ତାଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ପ୍ରେରଣାଦାୟୀ ହୋଇରହିବ। ସେ ଦଳ ପାଇଁ ଅନେକ ତ୍ୟାଗ ଓ ତପସ୍ୟା କରିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଅନେକ କାର୍ଯ୍ୟ କରି ସଂଗଠନକୁ ମଜଭୁତ କରିଛନ୍ତି। ସେ କେବଳ ଜଣେ ଦକ୍ଷ ରାଜନେତ୍ରୀ ନୁହନ୍ତି ବରଂ ଜନସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଜଣେ କର୍ମଠ ନେତ୍ରୀ ଥିଲେ। କୋରେଇ ଅଞ୍ଚଳର ବିକାଶ ଏବଂ ଜନକଲ୍ୟାଣ ପାଇଁ ନିରନ୍ତର ପରିଶ୍ରମ କରି ସାଧାରଣ ଜନତାଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଅନେକ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମଧ୍ୟ କେହି ରାଜନୈତିକ ଶତ୍ରୁ ନଥିଲେ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସଞ୍ଚିତା ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ସାଂସଦ ରବି ନାରାୟଣ ବେହେରା, ରାଜ୍ୟସଭା ସାଂସଦ ସୁଜିତ କୁମାର, ବିଧାୟକ ବାବୁ ସିଂ,



ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତା ସୁଦୀପ୍ତ ରାୟ, ମହେଶ ମହାନ୍ତି, ଯାଜପୁର ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ସ୍ୱର୍ଗତଃ ସଂଚିତା ମହାନ୍ତିଙ୍କ ପୁତ୍ରଙ୍କ ସମେତ ଅନେକ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଗ୍ରୀଡ୍ ଇନ୍‌ସାଇଟ୍ ପୋର୍ଟାଲର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

ରହିବ ୨୦୧ ଗ୍ରୀଡ୍ ସମ୍ପର୍କିତ ସମସ୍ତ ଭୌଗୋଳିକ ଏବଂ ବୈଷୟିକ ତଥ୍ୟ

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଲୋକସେବା ଭବନ ଠାରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓପିଟିସିଏଲ୍ ଦ୍ୱାରା ନିର୍ମିତ ଓଡ଼ିଶା ଗ୍ରୀଡ୍ ଇନସାଇଟ୍ (ଓଗ୍ରୀ ପୋର୍ଟାଲ- ogri.optcl.co.in) ର ଶୁଭାରମ୍ଭ କରିଛନ୍ତି। ରାଜ୍ୟରେ ଥିବା ୨୦୧ଟି ଗ୍ରୀଡ୍ ସମ୍ପର୍କିତ ସମସ୍ତ ଭୌଗୋଳିକ ଏବଂ ବୈଷୟିକ ତଥ୍ୟ ଏହି ୱେବସାଇଟରେ ଉପଲବ୍ଧ ରହିବ। ଗ୍ରୀଡ୍‌ର ଟ୍ରାନ୍ସଫରମେସନ କ୍ଷମତା, ବିଦ୍ୟୁତ୍ ଉପଲବ୍ଧତା, ବର୍ତ୍ତମାନ କେତେ ଲୋଡ ରହିଛି ଆଉ କେତେ ଅଧିକ ନେଇ ହେବ ଏପରି



ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହଜରେ ସମସ୍ତଙ୍କ ପାଖେ ଉପଲବ୍ଧ ହେବ। ଏହି ୱେବ୍‌ସାଇଟ ପୁଞ୍ଜି ନିବେଶକ ତଥା ଶିଳ୍ପାନୁଷ୍ଠାନମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଉପଲବ୍ଧତା ସମ୍ପର୍କରେ ପ୍ରମାଣିକ ସୂଚନା ପ୍ରଦାନ କରି ନିବେଶ ନିଷ୍ପତ୍ତି ନେବାରେ ବେଶ ସହାୟକ ହେବ। ଗ୍ରୀଡ୍ ସବଷ୍ଟେସନରେ ଉପଲବ୍ଧତା ସମ୍ପର୍କରେ ଏପରି ସ୍ୱଚ୍ଛତା ରଖିବାରେ ଓଡ଼ିଶା ରାଜସ୍ଥାନ ପରେ ଦ୍ୱିତୀୟ ରାଜ୍ୟ। ଏହି ୱେବ୍‌ସାଇଟ୍ ସରକାରୀ ବିଭାଗ ଓ ନୀତିନିର୍ଦ୍ଧାରକମାନଙ୍କୁ କୌଶଳଗତ ନିଷ୍ପତ୍ତି ନେବାରେ ସହାୟତା କରିବା ସହିତ ରାଜ୍ୟର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାର ସମନ୍ୱୟ ରକ୍ଷା କରିବା ପାଇଁ ଏକ ଭରସାଯୋଗ୍ୟ ଡିଜିଟାଲ୍ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ଶିଳ୍ପ ନୀତିର ମୂଳ ଆଧାର ଭାବେ ଥିବା ସ୍ୱଚ୍ଛତା ଏବଂ ବ୍ୟବସାୟ କରିବାର ସହଜ ମନ୍ତ୍ରକୁ ସ୍ପଷ୍ଟଭାବେ ପ୍ରତିଫଳିତ କରେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଥିଲେ। ଏହି ଅବସରରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଏବଂ ଓପିଟିସିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଓଡ଼ିଶା ସାମ୍ବାଦିକ ୟୁନିଅନ୍‌ର ୫୪ତମ ପ୍ରତିଷ୍ଠା ଦିବସ

# 'ରାଜ୍ୟରେ ସାମ୍ବାଦିକତା କ୍ଷେତ୍ରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି'

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଜୟଦେବ ଭବନଠାରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ)ର ୫୪ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ ସରକାର ପରିବର୍ତ୍ତନ ସହ ରାଜ୍ୟରେ ସାମ୍ବାଦିକତା କ୍ଷେତ୍ରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ସାମ୍ବାଦିକମାନେ ନିର୍ଭୀକଭାବେ ସରକାରଙ୍କ ଦୋଷତ୍ରୁଟିକୁ ସମାଲୋଚନା କରିବାରେ କୌଣସି ସମସ୍ୟା ନାହିଁ। ବରଂ ସାମ୍ବାଦିକଙ୍କ ମନ୍ତବ୍ୟକୁ ନେଇ ସରକାର ନିଜର ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଥିଲେ। ଏକ ବିକଶିତ ଓଡ଼ିଶା ଗଠନ ଲାଗି ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ଏଥିରେ ହିଁ ସାମ୍ବାଦିକମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ବୋଲି ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓୟୁଜେର ଦାବିକ୍ରମେ ବିଭିନ୍ନ ସରକାରୀ ବଙ୍ଗଳା ଓ ଆବାସସ୍ଥଳୀ ଲାଗି ବୃଦ୍ଧି ହୋଇଥିବା ଦେୟକୁ ସାମ୍ବାଦିକମାନଙ୍କ ଲାଗି ୩୦୦ଟଙ୍କାକୁ କମାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଘୋଷଣା କରିଥିଲେ। ଏହାଛଡ଼ା ରାଜ୍ୟରେ




ସାମ୍ବାଦିକମାନଙ୍କ ଲାଗି ପେନ୍‌ସନ୍ ଲାଗୁ, ଅନୁକମ୍ପା ରାଶି ବୃଦ୍ଧି ଓ ସୁରକ୍ଷା ଆଇନ ପ୍ରଣୟନ ଆଦି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ବିଷୟକୁ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ଏ ବାବଦରେ ଅନୁକୂଳ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ। ଉତ୍ସବକୁ ଉଦ୍‌ଘାଟନ କରି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଓଡ଼ିଆ ସାମ୍ବାଦିକତାର ଇତିହାସ ଯେତିକି ପ୍ରାଚୀନ ସେତିକି ସମୃଦ୍ଧି ବୋଲି ଉଲ୍ଲେଖ କରିବା ସହ ଭାଷାକୁ ଶୁଦ୍ଧ ଓ ଋଦ୍ଧିମନ୍ତ କରିବାରେ ସାମ୍ବାଦିକମାନଙ୍କର ସକ୍ରିୟ ସହଯୋଗ କାମନା

## ସାମ୍ବାଦିକଙ୍କ ପାଇଁ କମିବ ସରକାରୀ ବଙ୍ଗଳା ଦେୟ

କରିଥିଲେ।ଉତ୍ସବରେ ସଭାପତିତ୍ୱ କରି ଓୟୁଜେର ସଭାପତି ପ୍ରସନ୍ନ ମହାନ୍ତି ୟୁନିଅନ୍ ?ପକ୍ଷରୁ ନିରନ୍ତର ଭାବରେ ଉପସ୍ଥାପନ କରାଯାଉଥିବା ପେନ୍‌ସନ୍, ପ୍ରୋଟେକ୍ସନ ଓ ଆକ୍ରିଡ଼େସନ ପ୍ରସଙ୍ଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଓୟୁଜେ ବାଧହୋଇ ପୁଣିଥରେ ଆନ୍ଦୋଳନର ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ସାମ୍ବାଦିକଙ୍କ ଲାଗି ଉଦ୍ଦିଷ୍ଟ ଅନୁକମ୍ପା ରାଶିର ପରିମାଣକୁ ୪ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସେ ଦାବି କରିଥିଲେ। ବିଶେଷ ଅତିଥିରୂପେ ଯୋଗଦେଇ ଲୋକସଭା ସଦସ୍ୟ ପ୍ରଦୀପ ପୁରୋହିତ କରୋନା ସମୟରେ ପ୍ରତ୍ୟାହୃତ ହୋଇଥିବା ସାମ୍ବାଦିକଙ୍କ ରିହାତି ରେଳଯାତ୍ରା ପ୍ରସଙ୍ଗ ନିଶ୍ଚିତରୂପେ ସଂସଦରେ ଉଠାଇ ଏହାର ପୁନଃପ୍ରଚଳନ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓୟୁଜେର ନିରନ୍ତର ସାଙ୍ଗଠନିକ କାର୍ଯ୍ୟକୁ ପ୍ରଶଂସା କରିବା ସହ ୟୁନିଅନ୍ ପକ୍ଷରୁ ଉଠାଯାଇଥିବା ସମସ୍ତ ଦାବି ଯଥାର୍ଥ ଓ ରାଜ୍ୟସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ କିଷାନ କୁମାର ରାଉତ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରି ଓୟୁଜେର ବିଭିନ୍ନ ଦାବି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ପରୀକ୍ଷିତ ବିଶ୍ୱାଳ, ସମ୍ପାଦକ ଦେବପ୍ରସାଦ ଦାସ, ଆଚାର୍ଯ୍ୟ ବିଶ୍ୱରଞ୍ଜନ, ରିତୁରାଜ ସିଂ, ରୂପେଶ ସାହୁ ଓ ଭୁବନେଶ୍ୱର ଜିଲ୍ଲାମୁଖ୍ୟ ଚିନ୍ମୟ ମହାପାତ୍ର ପ୍ରମୁଖ ରାଜ୍ୟ ସରକାର ଓୟୁଜେର ଦାବିକୁ ତୁରନ୍ତ ମାନିନେବାକୁ ଦାବି କରିଥିଲେ। କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ ଆର୍ଥିକ ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ସନ୍ତୋଷ କୁମାର ସିଂହଦେଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଡକ୍ଟର ଆଲୋକ କୁମାର କର, ସାମ୍ବାଦିକ ଅଭୟ କୁମାର ପତି, ବିବର୍ତ୍ତନ ପଣ୍ଡା, ନବକିଶୋର ସାହୁ, ଅଜିତ୍ କୁମାର ଧର୍, ଭୈରବ ଚନ୍ଦ୍ର ସେଠୀ ଓ ଚିତ୍ତରଞ୍ଜନ ବେହେରାଙ୍କୁ ଓୟୁଜେ ମିଡ଼ିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଥିଲା।

# ପୋଲାଭରମ୍ ସମସ୍ୟା ସମାଧାନ ନହେଲେ ରାସ୍ତାକୁ ଓହ୍ଲାଇବ ବିଜେଡି

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ପୋଲାଭରମ ପ୍ରକଳ୍ପ ପାଣିରେ ଆଦିମ ଜନଜାତି ପରିବାର ଭାସି ଯିବାକୁ ବସିଲେଣି। କିନ୍ତୁ ନା ମୁଖ୍ୟମନ୍ତ୍ରୀ ନା ତାଙ୍କ ସରକାର ଏଥିପ୍ରତି ଚିନ୍ତିତ ଅଛନ୍ତି। ପୋଲାଭରମ୍ ସମସ୍ୟା ସମାଧାନ ନହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ମନୋହର ରନ୍ଧାରୀ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ ଓ ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝି କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ପ୍ରତିନିଧିମଣ୍ଡଳୀ ୨୦୨୪ ଅଗଷ୍ଟରେ ମାଲକାନଗିରି ଜିଲ୍ଲାର ପ୍ରଭାବିତ ମୋଟୁ ଅଞ୍ଚଳ ଏବଂ ୨୦୨୪ ସେପ୍ଟେମ୍ବରରେ ପୋଲାଭରମ୍ ପ୍ରକଳ୍ପ ପରିଦର୍ଶନ କରିଥିଲେ। ୨୦୨୪ ଡିସେମ୍ବର ଓ ୨୦୨୫ ଅଗଷ୍ଟରେ ଏହି ପ୍ରତିନିଧି ଦଳ ଜଳସମ୍ପଦ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଆଦିବାସୀ ଏବଂ ମାଲକାନଗିରି ପ୍ରଭାବିତ ଲୋକଙ୍କ ସମସ୍ୟା ଉଠାଇଥିଲେ। ଏହାସହିତ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଓ କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ମିଶ୍ର କହିଛନ୍ତି ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲ ଅନୁଯାୟୀ ବନ୍ୟା ଜଳ ନିଷ୍କାସନ କ୍ଷମତା ୩୬ ଲକ୍ଷ କ୍ୟୁସେକ, ଡ୍ୟାମ୍ ଉଚ୍ଚତା ୧୪୦ ଫୁଟ୍ ଓ ବନ୍ୟାଜଳ ନିଷ୍କାସନ କ୍ଷମତା ୧୫୦ ଫୁଟ୍ ରହିଥିଲା। କୋଣ୍ଟା ପଏଣ୍ଟରେ, ଯେଉଁଠାରେ ସାବେରୀ ଓ ସିଲେରୁ ନଦୀ ମିଶିଛନ୍ତି, ସେଠି ସର୍ବାଧିକ ଜଳମଗ୍ନତାସ୍ତର ୧୭୪.୨୨ ଫୁଟ୍ ରହିଥିଲା। କିନ୍ତୁ ୨୦୦୬ ମସିହାରେ ଓଡିଶା ସମେତ ପ୍ରଭାବିତ ରାଜ୍ୟଗୁଡିକ କୌଣସି ଆଲୋଚନା ନକରି ବନ୍ୟା ନିଷ୍କାସନ କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇଥିଲା। ଶ୍ରୀ ମିଶ୍ର କହିଥିଲେ ବିଜେଡି ଦାବି କରୁଛି ଯେ ପ୍ରକଳ୍ପର ସଂଶୋଧିତ କ୍ଷେତ୍ର ଅନୁଯାୟୀ ଏକ ସ୍ୱତନ୍ତ୍ର ଓ ପ୍ରାଯୁକ୍ତିକ ଅଭିଜ୍ଞ ସଂସ୍ଥା ଦ୍ୱାରା ନୂତନ ବ୍ୟାକ୍ ୱାଟର ଅଧ୍ୟୟନ ହେବା ଦରକାର। ପରିବେଶ ମନ୍ତ୍ରାଳୟ ପକ୍ଷରୁ ସଂଶୋଧିତ ପ୍ରକଳ୍ପ ପାଇଁ କୌଣସି ନୂତନ ପରିବେଶ ଅନୁମତି ନାହିଁ। ବିଜେଡି ନିରନ୍ତର ରୂପେ ଆଦିବାସୀ ଲୋକଙ୍କ ପୁନର୍ବାସ ଓ ପୁନସ୍ଥାପନ ଯଦି ଡବଲ ଇଞ୍ଜିନ ସରକାର ଆଦିବାସୀ ଓ ମାଲକାନଗିରି ଲୋକଙ୍କ ସମସ୍ୟାର ସମାଧାନ କରିପାରିବ ନାହିଁ, ତେବେ ବିଜୁ ଜନତା ଦଳ ତାଙ୍କ ଅଧିକାର ଓ ନ୍ୟାୟ ପାଇଁ ରାସ୍ତାରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସମ୍ପୃକ୍ତ ନେତୃବୃନ୍ଦମାନେ କହିଛନ୍ତି।

# ଜିଲ୍ଲାସ୍ତରୀୟ ଡାକ ଟିକଟ୍ ପ୍ରଦର୍ଶନୀ ଉଦ୍‌ଘାଟିତ




**କେନ୍ଦୁଝର,୯।୧/ଏନ୍‌ଏନ୍‌ଏସ୍:** ଭାରତୀୟ ଡାକ ବିଭାଗ କେନ୍ଦୁଝର ଡାକମଣ୍ଡଳ ପକ୍ଷରୁ ଆୟୋଜିତ କେନ୍ଦୁଝର ପେକ୍ସ ଡାକ ଟିକଟ୍ ପ୍ରଦର୍ଶନୀ ସରକାରୀ ମହିଳା ମହାବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ପୋଷ୍ଟାଲ୍ ଡାଇରେକ୍ଟର୍ ଏସ୍ କେ ଠାକରେ, କେନ୍ଦୁଝର ଫିଲାଟାଲିଷ୍ଟ ଆସୋସିଏସନ୍ ସଭାପତି ତଥା ଅବସରପ୍ରାପ୍ତ ଡିଏଫ୍‌ଓ ଅକ୍ଷୟ କୁମାର ନାୟକ, କେନ୍ଦୁଝର ସେଣ୍ଟ ଜାଭିୟର୍ ହାଇସ୍କୁଲ୍ ଅଧକ୍ଷ ଡକ୍ଟର୍ ଦିବ୍ୟକିଶୋର ପ୍ରଧାନ, କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର୍ ଲଳିତ ରଞ୍ଜନ ସାହୁ, କଟକ ସିଟି ଡାକମଣ୍ଡଳ ବରିଷ୍ଠ ଡାକ ଅଧୀକ୍ଷକ ଅପରାଜିତ ପଟ୍ଟନାୟକ ଓ ଫିଲାଟେଲିଷ୍ଟ ଅନୁପ କୁମାର ରାଉତ ପ୍ରମୁଖ ଯୋଗଦେଇ ଡାକ ଟିକଟ୍ ସଂଗ୍ରହ ମାଧ୍ୟମରେ ଦେଶର ଐତିହ୍ୟ, ସଂସ୍କୃତି ଓ ଇତିହାସ ସୁରକ୍ଷିତ ରହୁଥିବା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ଡାକ ଟିକଟ୍ ସଂଗ୍ରହ ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ବିଷୟ ଭିତ୍ତିକ ଡାକ ଟିକେଟ୍ ସ୍ୱତନ୍ତ୍ର କର୍ଭ, ବିଭିନ୍ନ ଡାକ ସାମଗ୍ରୀ ଓ ଫିଲାଟେଲି ପ୍ରଦର୍ଶିତ ହୋଇଛି। ଡାକ ଟିକଟ୍ ଓ ଫିଲାଟେଲି ସାମଗ୍ରୀ ବିକ୍ରି ପାଇଁ ବିଶେଷ କାଉଣ୍ଟର୍ ମଧ୍ୟ ସ୍ଥାପନ କରାଯାଇଛି। ଏହି ଅବସରରେ ସେଣ୍ଟ ଜାଭିୟର୍ ହାଇସ୍କୁଲ୍‌ର ଏକ ସ୍ୱତନ୍ତ୍ର କଭର୍ ଉନ୍ମୋଚନ କରାଯାଇଛି । ଏହାସହ କେନ୍ଦୁଝର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ, ଗୁଣ୍ଡିଚାଘାଗି ଓ ସାନଘାଗରା ଜଳପ୍ରପାତ ଉପରେ ଆଧାରିତ ଚିତ୍ର ପୋଷ୍ଟକାର୍ଡ କଲେକ୍ସନ୍ ସହିତ ଉନ୍ମୋଚିତ କରାଯାଇଛି। ପ୍ରଥମଦିନରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷକ, ଡାକ ଟିକଟ୍ ସଂଗ୍ରାହକ ଓ ସାଧାରଣ ଲୋକ ପ୍ରଦର୍ଶନୀ ବୁଲି ଦେଖିଛନ୍ତି। ଶନିବାର ମଧ୍ୟ କେନ୍ଦୁଝର ପେକ୍ସ ପ୍ରଦର୍ଶନୀ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ସରକାରୀ ମହିଳା ମହାବିଦ୍ୟାଳୟରେ ଚାଲିବ। ଏଥିପାଇଁ ସମସ୍ତ ଜନସାଧାରଣ ଯୋଗଦେବାକୁ ଅନୁରୋଧ କରାଯାଇଛି।

# ହାବିଲଦାର୍ ଓ କନ୍‌ଷ୍ଟେବଲ ଜିଲ୍ଲା ସଂଘ କର୍ମକର୍ତ୍ତାଙ୍କ ଶପଥଗ୍ରହଣ




**ବାରିପଦା,୯।୧/ଏନ୍‌ଏନ୍‌ଏସ୍:** ନିକଟରେ ଓଡ଼ିଶା ପୁଲିସ୍ ହାବିଲଦାର୍ ଓ କନ୍‌ଷ୍ଟେବଲ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖାର ନିର୍ବାଚନ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିବାବେଳେ ଶୁକ୍ରବାର ଶପଥଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଝୀ, ଅନ୍ୟତମ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ବାରିକ, ଡିଏସ୍‌ପି ପାସ୍କେଲ୍ ଏକ୍କା, ରିଜର୍ଭ ଇନ୍ସପେକ୍ଟର୍ ଆଲୋକ କୁମାର କାନୁନଗୋ, ରାଜ୍ୟ ପୁଲିସ୍ ହାବିଲଦାର୍ ଓ କନେଷ୍ଟବଲ ମହାସଂଘର ସଭାପତି ଅନିଲ କୁମାର ଷେଣ୍ଡ, ସମ୍ପାଦକ କିଶୋରେ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଜିଲ୍ଲା ସଂଘର କର୍ମକର୍ତ୍ତା ସଭାପତି ବିକାଶ କୁମାର ବାରିକ, ଉପସଭାପତି ନିର୍ମଳ ମହାନ୍ତ, ସମ୍ପାଦକ ସୁରଜ କୁମାର ରାଜ, ସହସମ୍ପାଦକ ପ୍ରଫୁଲ୍ଲ କୁମାର ସର୍ଦ୍ଦାର, ଏବଂ ଚନ୍ଦ୍ରକାନ୍ତି ସାହୁ, କୋଷାଧ୍ୟକ୍ଷ ଭୀମସେନ ମହାନ୍ତ, କାର୍ଯ୍ୟକାରୀ ସଭ୍ୟ ଦେବିଲାଲ ଟୁଡୁ, ଗୋବିନ୍ଦ ଚନ୍ଦ୍ର ଭଞ୍ଜ, ରୁହିଦାସ ମୁର୍ମୁ, ଅଭିରାମ ବେହେରା ଓ କିରଣ କୁମାର ସାଥୁଆଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଜିଲ୍ଲାରେ ପୁଲିସ୍ ହାବିଲଦାର୍ ଓ କନେଷ୍ଟବଳଙ୍କ ସାମୁହିକ ସ୍ୱାର୍ଥ ସାଧନ ଏବଂ ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଅଧିକାରୀଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି କହିଥିଲେ।

# ଜାତୀୟ ଖୋ ଖୋ ଚାମ୍ପିଅନ୍‌ସିପ୍‌ରେ ମୟୂରଭଞ୍ଜର ଅର୍ଜୁନ

**ବାରିପଦା,୯।୧/ଏନ୍‌ଏନ୍‌ଏସ୍:** ତେଲେଙ୍ଗାନାରେ ଅନୁଷ୍ଠିତ ହେବାକୁ ଥିବା ୫୮ତମ ବରିଷ୍ଠ ଜାତୀୟ ଖୋ ଖୋ ଚାମ୍ପିଅନ୍‌ସିପ୍‌ରେ ଅଂଶଗ୍ରହଣ କରୁଥିବା ଓଡ଼ିଶା ଦଳରେ ମୟୂରଭଞ୍ଜର ଅର୍ଜୁନ ସିଂ ସ୍ଥାନ ପାଇଛନ୍ତି। ଏହି ଚାମ୍ପିଅନ୍‌ସିପ୍ ତେଲେଙ୍ଗାନାର କାଜିପେଟ ରେଲୱେ ପଡ଼ିଆରେ ଚଳିତ ମାସ ୧୧ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଏଥଲେଟିକ୍ ଏସୋସିଏସନ୍ ପକ୍ଷରୁ ପୁରୀସ୍ଥିତ ଜଗନ୍ନାଥ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ଚୟନ ଶିବିରରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ଅର୍ଜୁନ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ବଡ଼ସାହି ବ୍ଲୁ ଖୋ ଖୋ କ୍ଲବ୍‌ରେ କୋଚ୍ ଧର୍ମେନ୍ଦ୍ର ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ପାଇ ରାଜ୍ୟ ଦଳରେ ସୁଯୋଗ ପାଇଛନ୍ତି ବୋଲି ଅର୍ଜୁନ ପ୍ରକାଶ କରିଛନ୍ତି। ଶାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ମହୁଲକରକଚିଆ ଗ୍ରାମର ସୁଦାନ ସିଂ ଓ ବାସିନୀ ସିଂଙ୍କ ପୁଅ ଅର୍ଜୁନ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ନେଉଛନ୍ତି। ଖବରପାଇ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଏଥଲେଟିକ୍ ଏସୋସିଏସନ୍‌ର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସମେତ ସମସ୍ତ କାଉନସିଲ୍ ସଦସ୍ୟ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ଖେଳ ପାଇଁ ସଫଳତା କାମନା କରିଛନ୍ତି।



# ବିଭିନ୍ନ ସମସ୍ୟାକୁ ନେଇ ଦାବିପତ୍ର

**ସୋର,୯।୧/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକାରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ପାରିଷଦଙ୍କ ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୌରପାଳିକାର ବିଭିନ୍ନ ୱାର୍ଡରେ ଷ୍ଟ୍ରିଟ୍ ଲାଇଟ୍ ଖରାପ ହୋଇଥିଲେ ମଧ୍ୟ ମରାମତି ନହେବା ଓ ପାରିଷଦଙ୍କ ମାସିକ ବୈଠକ ନହେବାରୁ ଉନ୍ନୟନମୂଳକ କାମରେ ବାଧା ଉପୁଜିବା ଆଦି ସମସ୍ୟାକୁ ନେଇ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନହେଲେ କଂଗ୍ରେସ ପାରିଷଦମାନେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ପାରିଷଦ ରାଜେନ୍ଦ୍ର ମହାନ୍ତି, ଜିତ୍ତରଞ୍ଜନ ମହାପାତ୍ର ଓ ନିଶାକର ମହାନ୍ତି ଉପସ୍ଥିତ ଥିଲେ।

# ପଡ଼ାଙ୍ଗ-କରମଙ୍ଗି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ତେଲକୋଇ,୯।୧/ଏନ୍‌ଏନ୍‌ଏସ୍:** ତେଲକୋଇ ବ୍ଲକ୍ ଅନ୍ତର୍ଗତ ପଡ଼ାଙ୍ଗ-କରମଙ୍ଗି ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ ସଭାପତି ନୀଳମଣି ଦେହୁରୀ ଯୋଗଦେଇ ବିଧିବଦ୍ଧ ଭାବେ ମଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତି ପରିଚାଳକ ଗୁରୁ ଚରଣ ମହାନ୍ତ, ଚାଷୀ ଉମେଶ ସାହୁ, ସନାତନ ସାହୁ, ଅନାସ୍ତା ନାହାକ ଓ ଶରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଧାନର ମାନ ଯାଞ୍ଚ କରିବା ପାଇଁ ଆନାଲାଇଜର୍ ମେସିନ୍ ଆସିଥିବାବେଳେ ଆର୍‌ଏମ୍‌ସିର ସମ୍ପାଦକ ଭୂପିନ୍ଦର ମାଝୀ ଉପସ୍ଥିତ ରହି ଚାଷୀଙ୍କ ଧାନର ମାନ ପରୀକ୍ଷା କରିଥିଲେ। ପଡ଼ାଙ୍ଗ-କରମଙ୍ଗି ସମବାୟ ସମିତିରେ ସମୁଦାୟ ୨୭୦ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଧାନ କିଣାରେ ସାମାନ୍ୟ ବିଳମ୍ବ ହୋଇଥିବାରୁ ସରକାର ପ୍ରତିଦିନ ଧାନ କ୍ରୟ କରିବା ପ୍ରକ୍ରିୟା ଜାରି କରିବାକୁ ଚାଷୀ ଦାବି କରିଛନ୍ତି। ଯେମିତି କୌଣସି ଚାଷୀ ଏହି ପ୍ରକ୍ରିୟାରୁ ବାଦ୍ ନପଡ଼ିବେ ସେଥିପ୍ରତି ସମବାୟ ବିଭାଗ ଅଧିକ ଯତ୍ନବାନ ହେବାକୁ ଚାଷୀମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସମବାୟ କର୍ମଚାରୀ ଡିଓ ସୁଶାନ୍ତ କୁମାର ବାରିକ ଉପସ୍ଥିତ ରହି ପରିଚାଳନା କରିଥିଲେ।



# ସାଇବର୍ ଅପରାଧ ସନ୍ଦେହରେ ଯୁବକଙ୍କୁ ଜେରା

**ଭଣ୍ଡାରିପୋଖରୀ,୯।୧/ଏନ୍‌ଏନ୍‌ଏସ୍:** ସାଇବର୍ ଅପରାଧ ମାମଲାରେ ଗତ ସୋମବାର ବିଳମ୍ବିତ ରାତିରେ ଭଣ୍ଡାରିପୋଖରୀ ପୁଲିସ୍ ସନ୍ଦେହରେ ୭ ଜଣଙ୍କୁ ଉଠାଇ ଆଣି ପଚରାଉଚୁରା କରିଥିବା ସୂଚନା ମିଳିଛି। ଏଥିଲାଗି ପୁଲିସ୍ ପକ୍ଷରୁ କୌଣସି ମାମଲା ରୁଜୁ ହୋଇନାହିଁ। ଅନ୍ୟପଟେ ସାଇବର୍ ଅପରାଧରେ ଜଡ଼ିତ ଥିବା ନେଇ କୁଲଣା ଅଞ୍ଚଳର ନିଗମ ନାୟକ ଓ ଶୁବାଶିଷ ନାୟକଙ୍କ ନାମ ଭୁଲ୍‌ବଶତଃ ପ୍ରକାଶ ପାଇଥିଲା।

# ଗୋପାଳପୁର ଥାନାରେ ନୂତନ ଥାନାଧିକାରିଣୀଙ୍କ ଯୋଗଦାନ

**ବାହାନଗା,୯।୧/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍‌ର ଗୋପାଳପୁର ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ମଧୁସ୍ମିତା ସିଂ ଯୋଗ ଦେଇଛନ୍ତି। ସେ ବସ୍ତା ଥାନାରେ କାର୍ଯ୍ୟ କରୁଥିବାବେଳେ ଗୋପାଳପୁର ଥାନାକୁ ବଦଳି ହୋଇଥିବାରୁ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଥାନାର ସମସ୍ତ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟରେ ଯୋଗଦାନ ପରେ ଥାନାଧିକାରିଣୀ କହିଛନ୍ତି ଯେ ସରକାରୀ ନିୟମ ଅନୁସାରେ କାର୍ଯ୍ୟ କରିବି। ଏହାସହ ଲୋକଙ୍କୁ ନ୍ୟାୟ ସହ ଅଞ୍ଚଳରେ ଲିପ୍ତ ଅପରାଧୀଙ୍କୁ କୋଠର ଦଣ୍ଡ ଓ ଅଞ୍ଚଳର ଶାନ୍ତି ଶୃଙ୍ଖଳା ରକ୍ଷା କରିବି ବୋଲି ସେ କହିଛନ୍ତି।



# କୌଶଳ ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ



**କେନ୍ଦୁଝର,୯।୧/ଏନ୍‌ଏନ୍‌ଏସ୍:** ଜିଲ୍ଲା ଖଣିଜ ପ୍ରତିଷ୍ଠାନ ବା ଡିଏମ୍‌ଏଫ୍‌ର ସହାୟତାରେ ଚାଲିଥିବା ଡିଏମ୍‌ଏଫ-ଉଦ୍ୟମୀ କାର୍ଯ୍ୟକ୍ରମ ଅଧୀନରେ ଚୟନ କରାଯାଇଥିବା ଅଂଶଗ୍ରହଣକାରୀଙ୍କ ପାଇଁ ଏକ ୪୫ ଦିନିଆ ଉଦ୍ୟମିତା କୌଶଳ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଗଣେଶ୍ୱର ନାୟକ ଯୋଗଦେଇ ମହିଳାମାନେ କୌଶଳ ସହିତ ବ୍ୟବସାୟ ଜ୍ଞାନଅର୍ଜନ କଲେ ନିଜ ଅର୍ଥନୈତିକ ଆତ୍ମନିର୍ଭରତା ସ୍ଥାପନ କରିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅଜୟ କମାର ମହାନ୍ତ, ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ କହିଥିଲେ ଯେ ଏହି ପ୍ରଶିକ୍ଷଣ ସମାପ୍ତି ପରେ ଯୋଗ୍ୟ ପ୍ରଶିକ୍ଷାର୍ଥୀଙ୍କୁ ପିଏମ୍ ଇଜିପି, ପିଏମ୍‌ଏଫ୍‌ଏମ୍‌ଇ, ଏମ୍‌କେୟୁୱାଇ ପରି ବିଭିନ୍ନ ସରକାରୀ ଯୋଜନା ଅଧୀନରେ ଆର୍ଥିକ ସହାୟତା ଓ ଉଦ୍ୟମ ସ୍ଥାପନ ପାଇଁ ମାର୍ଗଦର୍ଶନ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ୩୦ ଜଣ ମହିଳା ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରୁଛନ୍ତି। ପ୍ରଶିକ୍ଷଣ ସମୟରେ ସେମାନଙ୍କୁ ପ୍ରାୟୋଗିକ ଶିକ୍ଷା ସହିତ ବ୍ୟବସାୟ ପରିକଳ୍ପନା, ମୂଲ୍ୟ ନିର୍ଦ୍ଧାରଣ, ବ୍ରାଣ୍ଡିଂ ଓ ବଜାର ସଂଯୋଗ ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ପରିଚାଳକ ସଞ୍ଜୟ ସାହୁ ସଂଯୋଜନା କରିଥିବାବେଳେ ବ୍ଲକ୍ ସଂଯୋଜିକା ଆଲିଶା ଶତପଥୀ ଓ ଅରବିନ୍ଦ ବେହେରାଙ୍କ ସହ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମୀମାନେ ସହଯୋଗ କରିଥିଲେ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଆହତ

**ବୈଶିଙ୍ଗା,୯।୧/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ନଂ ଜାତୀୟ ରାଜପଥର ଖଇରବଣି ଗ୍ରାମ ନିକଟସ୍ଥ ରୟାଲ ଢାବା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଫଳରେ ୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଖୁବ୍ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୂଚନା ମିଳିଛି। ବାରିପଦାରୁ ଏକ ମାଲବାହୀ ଅଟୋ ଆସୁଥିବାବେଳେ ରାସ୍ତାର ବିପରୀତ ଦିଗରେ ଏକ ଯାତ୍ରୀବାହୀ ଅଟୋ ୬ ଜଣ ମହିଳାଙ୍କୁ ନେଇ ଯାଉଥିଲା। ସାମ୍ନାସାମ୍ନି ହୋଇଯିବା ପରେ ଭାରସାମ୍ୟ ହରାଇ ଅଟୋ ୨ଟି ପରସ୍ପରକୁ ଧକ୍କା ଦେଇଥିଲା। ଖବରପାଇ ବୈଶିଙ୍ଗା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ଦେଖି ସେମାନଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲା। ଅନ୍ୟ ୨ ଜଣଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଏକ ମାମଲା ରୁଜୁ କରି ବୈଶିଙ୍ଗା ପୁଲିସ୍ ତଦନ୍ତ ଜାରି ରଖିଛି।



# ୧୪ ଲକ୍ଷର ବ୍ରାଉନ୍‌ସୁଗର୍ ଜବତ, ଜଣେ ଗିରଫ

**ସୋର,୯।୧/ଏନ୍‌ଏନ୍‌ଏସ୍:** ସୋର ଅବକାରୀ ବିଭାଗ ପକ୍ଷରୁ ଆଶ୍ରମ ଛକ ନିକଟରେ ଚଢ଼ଉ କରାଯାଇ ବାଇକ୍ ସହ ବ୍ରାଉନ୍‌ସୁଗର୍ ଜବତ କରାଯାଇଛି। ଏହାସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପଠାଣମହଲ୍ଲା କାଶିପୁର ଗ୍ରାମର ସେକ ଆସପାକ କାଦରୀ (୨୪)। ଶୁକ୍ରବାର ମଧ୍ୟାହ୍ନରେ ସୋର ଆଦର୍ଶ ଅବକାରୀ ଥାନା ଅଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏକ ଟିମ୍ ସହ ସୋର ପୌରାଞ୍ଚଳ ଅନ୍ତର୍ଗତ ଆଶ୍ରମ ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ଅଭିଯୁକ୍ତ ଏକ ୟାମାହା ଏଫଜେଡ୍ ବାଇକ୍‌ରେ ବସି ବ୍ରାଉନ୍‌ସୁଗର୍ ବିକ୍ରି କରିବାକୁ ଅପେକ୍ଷା କରିଥିବାବେଳେ ତାକୁ ମାଡ଼ି ବସିଥିଲେ। ଯାଞ୍ଚ ପରେ ତା' ନିକଟରୁ ୧୪୦ ଗ୍ରାମ୍ ବ୍ରାଉନ୍‌ସୁଗର୍ ମିଳିଥିଲା। ଫଳରେ ଏହି ଟିମ୍ ବ୍ରାଉନସୁଗର୍ ସହ ବାଇକ୍ ଜବତ କରିଥିଲା। ଜବତ ବ୍ରାଉନସୁଗର୍‌ର ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ପକ୍ଷରୁ ସୂଚନା ମିଳିଛି। ଅପରାହ୍ଣରେ ସୋର ମେଡିକାଲ୍‌ରେ ତାର ଡାକ୍ତରୀ ମାଇନା ପରେ କୋର୍ଟକୁ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସ୍‌ଆଇ ବସନ୍ତ କୁମାର ବାରିକ, କ୍ଷୀରୋଦ କୁମାର ସାହୁ, କନେଷ୍ଟବଳ ଶଶିକାନ୍ତ ସାହୁ ଓ ମିନତି ପରଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଖଇରା,୯।୧/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅନ୍ତର୍ଗତ ଖଇରାସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଭାତ କୁମାର ଜେନା ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର୍, ବେଙ୍ଗ ଡିଆଁ, ଆଳୁ ଦୌଡ଼, ସ୍କିପିଂ, ଶଙ୍ଖଫୁଙ୍କା, ପୁଚି, ଏକକ ଅଭିନୟ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ୩୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ମଣିକିଙ୍କର ଜେନା ସମସ୍ତ କାର୍ଯ୍ୟର ପରିଚାଳନା କରିଥିବାବେଳେ ଲିପୁନ ସାର ବିଚାରକ ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ନିର୍ମଳା ମହାନ୍ତି, ବିଚିତ୍ରା ଦାସ, ବାସନ୍ତୀ ସାହୁ, ପ୍ରିତିଲତା ପାଣିଗ୍ରାହୀ, ବିଦ୍ୟୁତ୍‌ପ୍ରଭା ହାତୀ, ଅଙ୍କିତା ଭୂୟାଁ, ରଶ୍ମିତା ମିଶ୍ର, ଅନୁଶ୍ରୀ ବିଶ୍ୱାଳ, ଶୁଭଶ୍ରୀ ରାଉତ, ଶିକ୍ଷକ ପ୍ରହ୍ଲାଦ ରାୟ ଓ ତପନ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଆଇନ୍ ସଚେତନତା ଶିବିର




**ସୋର,୯।୧/ଏନ୍‌ଏନ୍‌ଏସ୍:** ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଜାତୀୟ ଯୁବ ଦିବସ ଉପଲକ୍ଷେ ମାଦକମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କୁ ମାଦକଦ୍ରବ୍ୟର କୁପ୍ରଭାବ ବିଷୟରେ ସଚେତନ କରି ମାଦକମୁକ୍ତ ଭାରତ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋର ତାଲୁକ ଆଇନ୍ ସହାୟତା କମିଟିର ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲ୍ଲା ଜଜ୍ ମିନାକ୍ଷୀ ଦାସ ଯୋଗଦେଇ ଯୁବଶକ୍ତିଙ୍କୁ ଦେଶର ଭବିଷ୍ୟତ ଭାବେ ଅଭିହିତ କରିଥିଲେ। ଏଥିରେ ବରିଷ୍ଠ ସିଭିଲ୍ ଜଜ୍ ଶୀଲା ପ୍ରିୟଦର୍ଶିନୀ ପଣ୍ଡା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରାଜେଶ କୁମାର ଦାସ, ଆଇନଜୀବୀ ଚିତ୍ତରଞ୍ଜନ ମହାପାତ୍ର ମାଦକ ଦ୍ରବ୍ୟ ସେବନର ଆଇନଗତ ପରିଣାମ, ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ଓ ସାମାଜିକ କ୍ଷତି ବିଷୟରେ ସୂଚନାଦେଇ ଯୁବପିଢ଼ିଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ଲିଗାଲ୍ ଏଡ୍ ରିଟେନର୍ ଭବ ଶଙ୍କର ଦାସ ବିଭିନ୍ନ ପ୍ରକାରର ବିନାମୂଲ୍ୟ ଆଇନ ସହାୟତା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ କାହ୍ନୁଚରଣ ବେହେରା ପରିଚାଳନା କରିଥିଲେ। କୋର୍ଟ କର୍ମଚାରୀ ଜ୍ୟୋତିପ୍ରକାଶ ସେଠୀ, ବିଶ୍ୱରଞ୍ଜନ ବାରିକ୍ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଲେଜ ଅଧ୍ୟକ୍ଷ ଡମ୍ବରୁଧର ଭୋଳ ଧନ୍ୟବାଦ ଦେଇଥିଲେ।

## ମହାବୀର କପ୍ ରାଜେଶ ବଳ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ଇଷ୍ଟ୍‌କୋଷ୍ଟ୍ ରେଲ୍‌ୱେ, ଭଦ୍ରକ

**ଭଦ୍ରକ,୯।୧/ଏନ୍‌ଏନ୍‌ଏସ୍:** ଚରମ୍ପା ରେଲୱେ ପଡ଼ିଆରେ ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚାଲିଛି। ଏହାର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ବାରିପଦା କ୍ରିକେଟ୍ ଏକାଡ଼େମୀକୁ ହରାଇ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଅନୁଷ୍ଠିତ ଏହି ସେମିଫାଇନାଲ୍ ମ୍ୟାଚ୍‌ରେ ବାରିପଦା କ୍ରିକେଟ୍ ଏକାଡେମୀ ଟସ୍ ଜିତି ଫିଲ୍ଡିଂ କରିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଭଦ୍ରକ ଇଷ୍ଟକୋଷ୍ଟ ରେଲୱେ ଦଳ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ବିଶ୍ୱାସ ୪୨ ଓ ସାହିଲ ଖାନ୍ ୩୫ ରନ୍ କରିଥିବାବେଳେ ପ୍ରତିପକ୍ଷ ବାରିପଦା କ୍ରିକେଟ୍ ଏକାଡେମୀ ପକ୍ଷରୁ ମନୁ ରାମ ୩ଟି ଓ ମାରି ଲୋକନାଥ ୩ଟି ୱିକେଟ୍ ନେଇଥିଲେ। ଦ୍ୱିତୀୟାର୍ଦ୍ଧରେ ୧୫୬ ରନ୍ ବିଜୟ ଲକ୍ଷ୍ୟ ନେଇ ବାରିପଦା ବ୍ୟାଟିଂ କରି ୧୯.୨ ଓଭରରେ ୧୪୨ ରନ୍ କରି ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ଫଳରେ ଭଦ୍ରକ ଦଳ ୧୩ ରନ୍‌ରେ ମ୍ୟାଚ୍ ଜିତି ଫାଇନାଲ୍‌କୁ ପ୍ରବେଶ କରିଥିଲା। ବାରିପଦା ପକ୍ଷରୁ ମାରି ଲୋକନାଥ ୩୧ ଓ ପ୍ରୀତ୍‌ପାଲ୍ ସିଂ ୨୩ ରନ୍ କରିଥିଲେ। ଭଦ୍ରକ ପକ୍ଷରୁ ନୀହାର ଭୂୟାଁ ୩ଟି ଓ ସାହିଲ୍ ଖାନ୍ ୨ଟି ୱିକେଟ୍ ନେଇଥିଲେ। ସାହିଲ୍ ଖାନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଉକ୍ତ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ଶ୍ରୀନିବାସ ନାୟକ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଲଲାଟ କେଶରୀ ନନ୍ଦ, ଦେବବ୍ରତ ଦାଶ ଅମ୍ପାୟାର ଭାବେ ପରିଚାଳନା କରିଥିବାବେଳେ ରାଜେଶ ନାୟକ ରେଫ୍ରୀ, ଚନ୍ଦନ ନାୟକ ରିଜର୍ଭ ଅମ୍ପାୟାର ଓ କରନ୍ ଖାନ୍ ସ୍କୋରର୍ ଥିଲେ।



ନିତିଦିନ NITIDIN



## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୧୮୯ ଛାତ୍ରଛାତ୍ରୀ

**ବୁଗୁଡା,୯୧/ଏନ୍ଏନ୍ଏସ୍:** ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲ କେନ୍ଦ୍ରରେ ଆଜି ଶୁକ୍ରବାର ଦିନ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କେନ୍ଦ୍ରରେ ବୁଗୁଡ଼ା ବ୍ଲକ ଓ ଏନ୍ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଫର୍ମ ପୂରଣ କରିଥିବା ୨୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ । ପିପୁଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା କେନ୍ଦ୍ର ସୁପରିଟେଣ୍ଡେଣ୍ଟ୍ ଏବଂ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଇନଭିଜିଲେଟର ଭାବେ ନିୟୋଜିତ ରହିଥିଲେ । ଏହି ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ପୋଟାଲୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ରମା ରଞ୍ଜନ ମିଶ୍ର ଯୋଗ ଦେଇଥିଲେ । ବ୍ଲକର ଏକ ମାତ୍ର ଏହି କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହୋଇଥିବା ଜଣାଯାଇଛି ।



### ମଣ୍ଡି ବ୍ୟବସ୍ଥାକୁ ନେଇ ତାତିଲେ ଚାଷୀ

## ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ଶେରଗଡ,୯୧/ଏନ୍ଏନ୍ଏସ୍:** ଶେରଗଡ଼ ବ୍ଲକ ଧବଳପୁର ଗ୍ରାମ ପଞ୍ଚାୟତ ଚାଷୀଙ୍କ ଧାନ କିଣା ଯାଉନଥିବା ପ୍ରତିବାଦରେ ଆଜି ଶତାଧିକ ଚାଷୀ ଶେରଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ସରପଞ୍ଚ ପ୍ରତିନିଧି ସିମାଞ୍ଚଳ ପ୍ରଧାନ ଏବଂ ସମିତି ସଭ୍ୟ ରବୀନ୍ଦ୍ର ଗୌଡଙ୍କ ନେତୃତ୍ୱରେ ଚାଷୀମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ପୂର୍ବ ବର୍ଷ ପରି ଚାଷୀମାନେ ଜରି ଅଖାରେ ଧାନ ରଖିଥିବା ବେଳେ ଝୋଟ ଅଖାରେ ଧାନ ନିଆଯିବା ନିଷ୍ପତ୍ତିକୁ ସେମାନେ ବିରୋଧ କରିଛନ୍ତି। ଟଙ୍କା ଦେଇ ଜରି ଅଖାରେ ଧାନ ରଖିଥିବା ବେଳେ ଏବେ ଝୋଟ ଅଖାରେ ହିଁ ଧାନ ନିଆଯିବା ସରକାରୀ ନିଷ୍ପତ୍ତି ଯୋଗୁଁ ଚାଷୀ ଆର୍ଥିକ କ୍ଷତି ସହିବେ ବୋଲି କହିଛନ୍ତି। ବଜାରରେ ଝୋଟ ଅଖା ମିଳୁନଥିବା ଯୋଗୁଁ ପୂର୍ବ ବର୍ଷ ଭଳି ଧାନ ନେବା ପାଇଁ ଚାଷୀମାନେ ଦାବି କରିଥିଲେ। ଯୋଗାଣ ଅଧିକାରୀ ବିଭୁ ପ୍ରସାଦ ସାହୁ, ଏଟିଓ ସୂର୍ଯ୍ୟକାନ୍ତ ବୈରୀ ଗଞ୍ଜନ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ।

## ଉଦୟ ପ୍ରତାପ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଶେରଗଡ,୯୧/ଏନ୍ଏନ୍ଏସ୍:** ସ୍ଥାନୀୟ ଉଦୟ ପ୍ରତାପ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ମହାତ୍ମାଗାନ୍ଧୀ ମିନି ଷ୍ଟାଡିୟମ ପରିସରରେ ଆଜି ଠାରୁ ଆରମ୍ଭ ହୋଇଛି। ମହାବିଦ୍ୟାଳୟ ପରିସରରୁ କ୍ରିଡା ମଶାଲକୁ ଷ୍ଟାଡିୟମକୁ ଅଣାଯିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଆଜି ଦୌଡ଼, ଡ଼ିସକସ, ସଟପୁଟ, ଲମ୍ଫ ଡିଆଁ ଏବଂ ଉଚ୍ଚ ଡିଆଁ ପ୍ରତିଯୋଗିତା ହୋଇଥିଲା । ଅଧକ୍ଷ ଅଶୋକ କୁମାର ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ପଣ୍ଡା, ବିନୋଦ ଚନ୍ଦ୍ର କର, ରମେଶ ଚନ୍ଦ୍ର ପ୍ରଧାନ, ସଦାନନ୍ଦ ତ୍ରିପାଠୀ, ଆଲୋକ ତ୍ରିପାଠୀଙ୍କ ସମେତ ମହା ବିଦ୍ୟାଳୟ କର୍ମଚାରୀ ମାନେ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।

## ସରକାରୀ ବୃତ୍ତି ପରୀକ୍ଷାରେ ମେଧାବୀ ଛାତ୍ର ସାଇପ୍ରସାଦଙ୍କ କୃତିତ୍ୱ

**ଆସିକା,୯୧/ଏନ୍ଏନ୍ଏସ୍:** ଆସିକା ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ଗ୍ରାମ ପଞ୍ଚାୟତର ରାଜେନ୍ଦ୍ରପୁର ଶାସନ ଗ୍ରାମର ମେଧାବୀ ଛାତ୍ର ସାଇପ୍ରସାଦ ମୁନି ୨୦୨୫ ମସିହା ସକାଶେ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସିକା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମା ସରସ୍ୱତୀ ବିଦ୍ୟାମନ୍ଦିରରେ ମେଧାବୀ ଛାତ୍ର ସାଇପ୍ରସାଦ ମୁନି ବର୍ତ୍ତମାନ ଷଷ୍ଠ ଶ୍ରେଣୀରେ ଅଧ୍ୟୟନରତ ଥିବା ଜଣାପଡିଛି । ନାରାୟଣ ମୁନି ଓ ସ୍ୱର୍ଗତ ବିଷ୍ଣୁପ୍ରିୟା ମୁନିଙ୍କ ପୁତ୍ର ଅଟନ୍ତି ସାଇପ୍ରସାଦ। ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ସରକାରୀ ବୃତ୍ତି ପରୀକ୍ଷାରେ ସେ କୃତିତ୍ୱ ହାସଲ କରିଥିବାରୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି।



ମେଧାବୀ ଛାତ୍ର ସାଇପ୍ରସାଦ ମୁନିଙ୍କୁ ମା ରତ୍ନମାଳୀ ହାଇସ୍କୁଲର ପ୍ରଧାନଶିକ୍ଷକ ତାରା ପ୍ରସାଦ ମିଶ୍ର, ମଙ୍ଗଳପୁର ଗ୍ରାମ ସ୍ଥିତ ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ଶିଶିରକାନ୍ତ ନାୟକ, ଗଙ୍ଗାପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ମନୋଜ ନାହାକ, ଗ୍ରାମ୍ୟ କମିଟି ସଭାପତି ଶଙ୍କର ମୁନିଙ୍କ ସମେତ ବହୁ ସଚେତନ ନାଗରିକ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ମା' ରତ୍ନମାଳୀ ହାଇସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ଆସିକା,୯୧/ଏନ୍ଏନ୍ଏସ୍:** ଆସିକା ବ୍ଲକ ଅନ୍ତର୍ଗତ ହରିଡାପଦର ଗ୍ରାମ ପଞ୍ଚାୟତ ମଣ୍ଡାପଡା ଗ୍ରାମ ସ୍ଥିତ ମା' ରତ୍ନମାଳୀ ହାଇସ୍କୁଲର ୨୯ତମ ତ୍ରିଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମେ ବିଦ୍ୟାର୍ଥୀ ମାନେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ରତ୍ନମାଳୀଙ୍କ ପୀଠରେ ପୂଜାର୍ଚ୍ଚନା ସାରି ମଶାଲ ଶୋଭାଯାତ୍ରାରେ ଖେଳ ପଡିଆକୁ ଆସିଥିଲେ। ପ୍ରଧାନଶିକ୍ଷକ ତାରା ପ୍ରସାଦ ମିଶ୍ର କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ଗଠନ ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ କ୍ରୀଡାଶିକ୍ଷକ ପାଣ୍ଡବ ଗୌଡ, ଶିକ୍ଷକ ବି. ଚନ୍ଦ୍ର ଶେଖର ରେଡି, ରଶ୍ମିତା ମହାପାତ୍ର, ଗୋବିନ୍ଦ ପରିଡା, ପାଣ୍ଡବେଶ୍ୱର ଜେନା, ଶଶୀଭୂଷଣ ସାହୁ, ମହେଶ୍ୱର ଆପଟ, ଶିକ୍ଷାନୁଷ୍ଠାନର କର୍ମଚାରୀ ମହନ୍ତର ସାହୁ, ବୁଲୁ ସେଠୀ, ଶନି ଜେନା ପ୍ରମୁଖ ଯୋଗଦେଇ କ୍ରିଡାବିତ୍ ମାନେ କ୍ରୀଡାକ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିବାକୁ ଆହ୍ୱାନ କରିଥିଲେ । ପ୍ରତିଯୋଗିତାରେ ନବମ ଓ ଦଶମ ଶ୍ରେଣୀର ଶତାଧିକ ବିଦ୍ୟାର୍ଥୀ ଦୌଡ, ଉଚ୍ଚାଡିଆଁ, ଲମ୍ଫଡିଆଁ, ଗୋଳାଫିଙ୍ଗା, ଥାଳିଆଫିଙ୍ଗା, ବର୍ଚ୍ଛାଫିଙ୍ଗା, ଟ୍ରିପଲ୍ ଜମ୍ପ, ଜାଭଲିନ୍ ଥ୍ରୋ, ଡିସ୍କସ୍ ଥ୍ରୋ, ଭଲିବଲ୍ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

### ଏମ୍‌କେସିଜି ମେଡିକାଲ୍

# ସରକାରୀ ଯୋଗାଣ ସାମଗ୍ରୀ ବାଟମାରଣା ଅଭିଯୋଗ

### ଅଧୀକ୍ଷକଙ୍କୁ ଦାବିପତ୍ର ଦେଲା ମାନବାଧିକାର ସୁରକ୍ଷା ମଞ୍ଚ

**ବ୍ରହ୍ମପୁର,୯୧/ଏନ୍ଏନ୍ଏସ୍:** ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ନିର୍ଦ୍ଧାରିତ ସରକାରୀ ଯୋଗାଣ ସାମଗ୍ରୀ ବ୍ୟାପକ ମାତ୍ରାରେ ବାଟମାରଣା ହେଉଥିବା ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ସରକାରୀ ଯୋଗାଣ ଅନ୍ତର୍ଗତ ବେଡ୍‌ସିଟ୍, ମସୁରୀ, ବେଡ୍‌ପେନ୍, ମ୍ୟାଟ୍ରେସ୍, ଶୀତବସ୍ତ୍ର, ମାସ୍କ ଇତ୍ୟାଦି ସାମଗ୍ରୀ ରୋଗୀମାନଙ୍କୁ ନିଃଶୁଳ୍କ ଭାବେ ଯୋଗାଣ ହେଉଥିବା ବେଳେ ଏଠାରେ ଅଧିକାଂଶ ରୋଗୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । କିନ୍ତୁ ସରକାର ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ନେଇ ପ୍ରଚାର କରୁଛନ୍ତି। ରୋଗୀ ସେବା ଓ ଉତ୍ତମ ଚିକିତ୍ସା ବ୍ୟବସ୍ଥା ନାମରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ବିଜ୍ଞାପନ, ହୋର୍ଡିଂ ଓ ପ୍ରଚାରରେ ବ୍ୟୟ କରୁଥିବା ବେଳେ ସରକାରୀ ହସ୍ପିଟାଲମାନଙ୍କର ବାସ୍ତବ ଅବସ୍ଥା ଅତ୍ୟନ୍ତ ଦୟନୀୟ ରହିଛି। ଅନ୍ତଃବିଭାଗରେ ଭର୍ତ୍ତି ରୋଗୀମାନେ ପିଇବା ପାଣି, ପରିଷ୍କାର–ପରିଚ୍ଛନ୍ନତା ଓ ମୌଳିକ ସୁବିଧାର ଅଭାବରେ ଅସହ୍ୟ କଷ୍ଟ ଭୋଗୁଛନ୍ତି । ବର୍ତ୍ତମାନ ହାଡ଼ଭଙ୍ଗା ଶୀତ ଋତୁରେ ରୋଗୀଙ୍କୁ ବେଡ୍‌ସିଟ୍, ମସୁରୀ, ମ୍ୟାଟ୍ରେସ୍, ଶୀତବସ୍ତ୍ର ଓ ମାସ୍କ ଭଳି ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଉନଥିବାରୁ ରୋଗୀମାନଙ୍କ ସ୍ଥିତି ଆହୁରି ଦୁର୍ଦ୍ଦଶାପୂର୍ଣ୍ଣ ହୋଇପଡ଼ିଛି। ବିଶେଷକରି ଯକ୍ଷ୍ମା ବିଭାଗରେ ସଂକ୍ରମଣ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଘୋର ଅବହେଳା ହେଉଛି । ଏହି ପରିସ୍ଥିତିରେ ଅଧିକାଂଶ ରୋଗୀ ନିଜ ଘରୁ ଆବଶ୍ୟକୀୟ ସାମଗ୍ରୀ ଆଣିବାକୁ ବାଧ୍ୟ ହେଉଛନ୍ତି । ଏଥିରେ ଗରିବ ଓ ଅସହାୟ ରୋଗୀମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ । ତୁରନ୍ତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆନଗଲେ ପରିସ୍ଥିତି ଆହୁରି ଗମ୍ଭୀର ହେବ। ଏଥିପାଇଁ କୌଣସି ପ୍ରକାର ଅସୁବିଧା ଘଟିଲେ, ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ମଞ୍ଚର ପ୍ରତିନିଧି ଦଳ ଏମ୍‌କେସିଜି ମେଡିକାଲର ଅଧିକ୍ଷକ ଡା. ଦୁର୍ଗା ପ୍ରସାଦ ଶତପଥୀଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଅବିକଳ ନକଲ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହଲିଙ୍ଗ ଓ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଛି । ପ୍ରତିନିଧି ଦଳରେ ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ବିଶିଷ୍ଟ ସମାଜସେବୀ ମନୋଜ କୁମାର ତରାଇ ଓ ଆପ୍ ନେତା ଆଦିତ୍ୟ ପ୍ରସାଦ ରଥ ସାମିଲ ଥିଲେ।



## ତାରାତାରିଣୀ ମହାବିଦ୍ୟାଳୟରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର

**ପୁରୁଷୋତ୍ତମପୁର,୯୧/ଏନ୍ଏନ୍ଏସ୍:** ସ୍ଥାନୀୟ ତାରାତାରିଣୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ମହିଳା ବିଭାଗର ତରଫରୁ ପୋଷ୍ୟଗ୍ରାମ ଭୁତସରସିଙ୍ଗି ଗ୍ରାମରେ ଶୀତକାଳୀନ ସ୍ୱତନ୍ତ୍ର ଶିବିରର ଉଦ୍‌ଘାଟନ ଉତ୍ସବ ଡ. ସ୍ୱାଗତିକା ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୁରୁଷୋତ୍ତମପୁର ବ୍ଲକ ବିଡିଓ ଶରତ କୁମାର ପାତ୍ର ଯୋଗଦେଇ ଏନ୍ଏସ୍ଏସ୍‌ର କାର୍ଯ୍ୟକାରିତା, ଗଠନମୂଳକ କାର୍ଯ୍ୟ ଏବଂ ମୂଳତତ୍ତ୍ୱ ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ଓ ଉପଦେଷ୍ଟା କମିଟିର ସଦସ୍ୟ ଡ. ରମେଶ ଚନ୍ଦ୍ର ସେନାପତି ଯୋଗଦେଇ ସପ୍ତଦିନୀୟ ଶିବିରର କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀମାନେ କିପରି ସାମାଜିକ ସଚେତନତା ସୃଷ୍ଟି କରିପାରିବେ ସେଥିପାଇଁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ବରିଷ୍ଠ ଅଧ୍ୟାପକ ଡ. ପ୍ରମୋଦ କୁମାର ଚୌଧୁରୀ ସୁସମାଜ ଗଠନ ସହ ଗ୍ରାମବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ କରି ତାଙ୍କ ସମସ୍ୟା ବୁଝି ସମାଧାନ ପାଇଁ ଚେଷ୍ଟା କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସରପଞ୍ଚ ମନୋଜ ଦାସ ଯୋଗ ଦେଇଥିଲେ। କେ. ବିଜୟ ଲକ୍ଷ୍ମୀ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।



### ରାସ୍ତା କଡ଼ ବ୍ୟବସାୟୀଙ୍କୁ ଉଚ୍ଛେଦର ପ୍ରତିବାଦ

## ଜଗବନ୍ଧୁ ସାହି ଛକରେ ଉଠାବ୍ୟବସାୟୀଙ୍କ ରାସ୍ତାରୋକ

**ବ୍ରହ୍ମପୁର,୯୧/ଏନ୍ଏନ୍ଏସ୍:** ସହରର ଜଗବନ୍ଧୁ ସାହି ଛକଠାରୁ ଅନ୍ଧପସରା ରାସ୍ତା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ଦୃଢ ବିରୋଧ କରିଛନ୍ତି ଜଗବନ୍ଧୁ ସାହି ଛକର ଉଠା ବ୍ୟବସାୟୀ। ପ୍ରତିବାଦରେ ବ୍ୟବସାୟୀମାନେ ଆଜି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। କିଛି ସମୟ ପାଇଁ ଗାଡି ମୋଟର ଯିବା ଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ସହରର ଗେଟ୍ ବଜାର ରାସ୍ତାରେ ଓଭରବ୍ରିଜ୍ ନିର୍ମାଣ କାମ ଚାଲୁ ରହୁଛି। ଏହି ରାସ୍ତାଦେଇ ପ୍ରତିଦିନ ଚାରିଚକିଆ ଯାନ ସମେତ ଅନ୍ୟ ବଡ ଗାଡି ବସ୍‌ଷ୍ଟାଣ୍ଡକୁ ଯିବା ଆସିବା କରୁଛି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ବସଷ୍ଟାଣ୍ଡକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଫାଷ୍ଟ ଗେଟ୍ ନିକଟରେ ତିଆରି ହୋଇଥିବା ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଏବଂ ହଳଦିଆପଦର ନିକଟସ୍ଥ ବସ୍‌ଷ୍ଟାଣ୍ଡକୁ ଅସ୍ଥାୟୀ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ତେଣୁ ସହରର ଜଗବନ୍ଧୁ ସାହି ଛକଠାରୁ ଅନ୍ଧପସରା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଜଗବନ୍ଧୁ ସାହି ଛକର ଉଠା ବ୍ୟବସାୟୀମାନେ ଉଚ୍ଛେଦ ଫଳରେ ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିବା ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ସେହି ଜାଗାରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ବର୍ତମାନ ତାଙ୍କୁ ଜଗବନ୍ଧୁ ହୁଡା ପୋଖରୀ ନିକଟରେ ବ୍ୟବସାୟ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ସେଠାରେ ଅଳିଆ ଆବର୍ଜନା ଭରି ରହିଥିବାରୁ ଗ୍ରାହକ ଆସୁନଥିବା ବ୍ୟବସାୟୀ କହିଛନ୍ତି। ତେଣୁ ତୁରନ୍ତ ସେମାନଙ୍କୁ ବ୍ୟବସାୟ ପାଇଁ ଅନୁମତି ଦେବାକୁ ପ୍ରଶାସନକୁ ଉଚ୍ଛେଦ ବ୍ୟବସାୟୀମାନେ ଅନୁରୋଧ କରିଛନ୍ତି।



### ଗୋପାଳପୁର ବେଳାଭୂମି ମହୋତ୍ସବ

## ୧୫ରୁ ସାଂସ୍କୃତିକ ଦଳଙ୍କ ଚୟନ

**ଛତ୍ରପୁର,୯୧/ଏନ୍ଏନ୍ଏସ୍:** ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋପାଳପୁର ଠାରେ ଅନୁଷ୍ଠିତ ହେବ ଗୋପାଳପୁର ବେଳାଭୂମି ମହୋତ୍ସବ। ଚଳିତ ମାସ ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ଭାଗ ନେବା ନିମନ୍ତେ ସ୍ଥାନୀୟ ପ୍ରତିଭା ଏବଂ ସାଂସ୍କୃତିକ ଦଳଙ୍କ ଚୟନ ୧୫ ଏବଂ ୧୬ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଅନୁଷ୍ଠିତ। ଇଚ୍ଛୁକ ସାଂସ୍କୃତିକ ଦଳମାନେ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟରେ ନାମ ପଞ୍ଜିକରଣ କରାଇ ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାକୁ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ମହୋତ୍ସବରେ ସ୍ମରଣିକା "ଶାମୁକା"ରେ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ ଇତ୍ୟାଦି ସମ୍ପର୍କିତ ଉଚ୍ଚକୋଟୀର ଆଲେଖ୍ୟ ପ୍ରକାଶ ପାଇବ । ସାହିତ୍ୟିକ ଏବଂ ଲେଖକମାନଙ୍କୁ ganjamdipro@gmail.com ଏବଂ ୯୪୩୮୫୪୧୨୨୨/ ୭୦୦୮୦୫୬୩୫୪ ମୋବାଇଲ୍ ନମ୍ବରରେ ଉଚ୍ଚକୋଟିର ନିଜସ୍ୱ ଲେଖା ଚାରି ପାଞ୍ଚ ଦିନ ମଧ୍ୟରେ ପଠାଇବା ପାଇଁ ଅନୁରୋଧ କରାଯାଇଛି। ଲେଖକମାନଙ୍କୁ ଲେଖା ସହିତ ନିଜର ନାମ, ଠିକଣା, ମୋବାଇଲ୍ ନମ୍ବର ଏବଂ ରଙ୍ଗୀନ୍ ପାସ୍‌ପୋର୍ଟ ସାଇଜ୍ ଫଟୋ ପଠାଇବାକୁ ଅନୁରୋଧ କରାଯାଇଛି।

### ଜଙ୍ଗଲରୁ ଦରପୋଡ଼ା ଶବ ମିଳିବା ଘଟଣା

## ଗୁଣିଗାରେଡ଼ିରୁ ହତ୍ୟା, ୩ ଗିରଫ

**ବାଲିଗୁଡା, ୯୧/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଟିକାବାଲି ଥାନା ଅନ୍ତର୍ଗତ ଚୂନପଡା ଘାଟି ଜଙ୍ଗଲରୁ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣା ଉପରୁ ପର୍ଦ୍ଦାଫାଶ କରିଛି ଟିକାବାଲି ପୋଲିସ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିବା ବେଳେ ଗୁଣିଗାରେଡି ସନ୍ଦେହରେ ଏହି ନିର୍ମମ ହତ୍ୟାକାଣ୍ଡ ଘଟିଥିବା ପୋଲିସ ଜାଣିବାକୁ ପାଇଛି। ଏହି ମାମଲାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରେ ସିନ୍ ରି-କ୍ରିଏସନ କରିଛି। ସୂଚନା ଅନୁଯାୟୀ, ଖଜୁରୀପଡ଼ା ଥାନା ଖଲିବେରଣା ଗ୍ରାମର ମୃତ ଦୁର୍ଯ୍ୟୋଧନ ବଗର୍ତ୍ତୀ (୩୫) ଜଣେ ଝଡ଼ଫୁଙ୍କା କରୁଥିବା ବ୍ୟକ୍ତି ବୋଲି ଗାଁରେ ଜଣାଶୁଣା ଥିଲେ। ଗତ ପ୍ରାୟ ୭ ମାସ ତଳେ ଅଭିଯୁକ୍ତ ପ୍ରକାଶ ହଂସଙ୍କ ଭାଇଙ୍କର କୌଣସି କାରଣବଶତଃ ମୃତ୍ୟୁ ଘଟିଥିଲା। ଦୁର୍ଯ୍ୟୋଧନ ଗୁଣି କରି ନିଜ ଭାଇକୁ ମାରିଦେଇଥିବା ନେଇ ପ୍ରକାଶ ଓ ତାଙ୍କ ସହଯୋଗୀମାନେ ସନ୍ଦେହ କରି ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ। ଗତ ୪ ତାରିଖ ଦିନ ଦୁର୍ଯ୍ୟୋଧନ ଚିକେନ୍ କିଣିବା ପାଇଁ ବାହାରକୁ ଆସିଥିବା ବେଳେ ଖଲିବେର୍ଣ୍ଣା ପିଡବ୍ଲ୍ୟୁଡି ରାସ୍ତାରେ ଛକି ରହିଥିବା ଦୁର୍ବୃତ୍ତ ମାନେ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ପ୍ରମାଣ ନଷ୍ଟ କରିବାକୁ ଯାଇ ଏକ ବାଇକରେ ଶବକୁ ଲଦି ଚୂନଘାଟି ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଅଭିଯୁକ୍ତ ମାନେ ଏକ ବଡ଼ ପଥରରେ ଦୁର୍ଯ୍ୟୋଧନଙ୍କ ମୁଣ୍ଡକୁ ନିର୍ମମ ଭାବେ ଛେଚିବା ପରେ ବାଇକରୁ ପେଟ୍ରୋଲ କାଢ଼ି ଢାଳି ଦେଇ ଶବକୁ ପୋଡ଼ି ଦେଇଥିଲେ। ଟିକାବାଲି ପୋଲିସ ଏହି ଘଟଣାରେ ସମ୍ପୃକ୍ତ ତିନି ଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଜୁରୀପଡା ଥାନା ଅନ୍ତର୍ଗତ ଖଲିବେର୍ଣ୍ଣା ଗାଁ ର ବାବୁଲା ହଂସ ଙ୍କ ଦୁଇ ପୁଅ ପ୍ରକାଶ ହଂସ(୨୧) ମୁକେଶ ହଂସ (୨୫)ଏବଂ ଟିକାବାଲି ଥାନା କଇଁଝର ପଞ୍ଚାୟତ ଅନ୍ତର୍ଗତ ନାଗିରିଗୁଡାରି ଗାଁ ର ପ୍ରମୋଦ ଗୁରୁଙ୍କ ପୁଅ ଜିତେନ୍ଦ୍ର ଗୁରୁ (୨୩) ବୋଲି ଜି.ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି ଏବଂ ଟିକାବାଲି ଥାନା ଅଧିକାରିଣୀ କେ.ଆର. କର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ଭାରତୀୟ ନ୍ୟାୟ ସଂହିତା (ବି ଏନ ଏସ) ର ଧାରା ୧୦୩(୧), ୩(୯), ୩ ଏବଂ ୪ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ବୌଦ୍ଧରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତରେ ସହଯୋଗ କରିଥିଲେ। ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ସଫଳତାକୁ ଅଞ୍ଚଳବାସୀ ପ୍ରଶଂସା କରିଥିବା ବେଳେ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସକୁ ନେଇ ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।



## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**ଫୁଲବାଣୀ, ୯୧/ଏନ୍ଏନ୍ଏସ୍:** ଫୁଲବାଣୀ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୀତାକାନ୍ତ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲିକ ଯୋଗଦାନକରି କାର୍ଯ୍ୟକ୍ରମର ଶୁଭଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲ୍ଲାପାଳ ବେଦଭୁଷଣ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସ୍ମିତା ମହାନ୍ତି,,ମୁଖ୍ୟବକ୍ତାଭାବେ କୃଷି ଜିଲ୍ଲା ଅଧିକାରୀ ଘୁ. ଉଦୟଗିରି ସୁନିତା ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ। କୃଷି ଯନ୍ତ୍ରପାତି ମେଳାର ଉଦେଶ୍ୟ ଏବଂ ସରକାର ସବସିଡି ମାଧମରେ ଚାଷୀଙ୍କୁ କିଭଳି ସୁଲଭ ଦରରେ ଯନ୍ତ୍ରପାତି ଯୋଗାଇବାର ବ୍ୟବସ୍ଥା କରିଛନ୍ତି ସେ ଦିଗରେ ବିଧାୟକ ଚାଷୀଙ୍କୁ ଅବଗତ କରିଥିଲେ। ଚାଷୀ ଦୀନବନ୍ଧୁ ମଲ୍ଲିକ (ବିଶିପଡା), ପାୱାରଟିଲର, ପ୍ରଦୀପ କୁମାର ନାଏକ (କେ. ନୂଆଗାଁ) ପାୱାର ଉଇଡ଼ର ଏବଂ ବିଶ୍ୱମ୍ଭର କହଁର (ଫୁଲବାଣୀ ) ପାୱାର ଉଇଡ଼ର କୃଷି ଯନ୍ତ୍ରପାତି କ୍ରୟ କରିଥିଲେ। ଅଲିଭା ଦାସ ଏବଂ ମଧୁସ୍ମିତା କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ମୃତ୍ତିକା ରସାୟନବିତ ପୁନମ ଚାନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ କୃଷି ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ରଙ୍ଗେଇଲୁଣ୍ଡା,୯୧/ଏନ୍ଏନ୍ଏସ୍:** ଗୋଳନ୍ଥରା ଥାନା ସମ୍ମୁଖରେ ଆଜି ସକାଳେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ମହିଳା ଜଣଙ୍କ ଏହି ଥାନା ଅଧୀନ ଭଲିଆଗଡ ଗ୍ରାମର ଡ. ଦେବୀ( ୩୮) ବୋଲି ପୁଲିସ ସୂଚନା ଦେଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଶୁକ୍ରବାର ସକାଳ ୮ ଘଣ୍ଟା ସମୟରେ ଦେବୀ ନିଜ ଗାଁରୁ ତତଡାପଲ୍ଲୀ ସ୍ଥିତ ସନ୍ତୋଷୀ ମନ୍ଦିରକୁ ଯିବା ପାଇଁ ଏକ ବସରେ ଚଢି ଗୋଳନ୍ଥରା ଥାନା ସାମ୍ନା ବସ୍ ଷ୍ଟପରେ ଓହ୍ଲାଇଥିଲେ। ସେଠାରୁ ସେ ଜାତୀୟ ରାଜପଥ ପାର ହେଉଥିବା ବେଳେ ଇଚ୍ଛାପୁରରୁ ବ୍ରହ୍ମପୁରକୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମହିଳା ଜଣକ ଗୁରୁତର ହୋଇଥିଲେ। ଖବର ପାଇ ଥାନା ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ ସହ କିଛି ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ଦେବୀଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ଘଟେଇ ଥିବା ଡ୍ରାଇଭର ଟ୍ରକ ସହ ଦ୍ରୁତ ଗତିରେ ଚମ୍ପଟ ମାରିଥିବା ବେଳେ ଗାଡିର ନମ୍ବର ସ୍ପଷ୍ଟ ହୋଇ ପାରି ନଥିଲା। ଏନେଇ ମୃତକଙ୍କ ପରିବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ କେସ୍ ନଂ ୧୩/ ୨୬ରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ କରି ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତ ଜାରି ରହିଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଚିହ୍ନଟ ପାଇଁ ରାଜପଥରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ ପୁଲିସ୍ ଯାଞ୍ଚ କରୁଥିବା ତଦନ୍ତ ଅଧିକାରୀ ପୁଷ୍ପା ମଲ୍ଲିକ ସୂଚନା ଦେଇଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା: ୨ କେନ୍ଦ୍ରରେ ପରୀକ୍ଷା ଦେଲେ ୩୮୮

**ଆସିକା,୯୧/ଏନ୍ଏନ୍ଏସ୍:** ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରିବା ପାଇଁ ଆସିକାର ୨ଟି କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଛି। ଆସିକାର ନିମିନା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଓ ଆସିକା କଲେଜଛକ ସ୍ଥିତ ସରକାରୀ ଟେକନିକାଲ୍ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୪୦୫ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେବାକୁ ସ୍ଥିରିକୃତ ହୋଇଥିବା ବେଳେ ୩୮୮ ଜଣ ପରୀକ୍ଷା ଦେଇଥିଲେ। ଆସିକା କଲେଜଛକ ସ୍ଥିତ ଟେକନିକାଲ୍ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୦୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେହିଭଳି ନିମିନା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୮୨ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ନିମିନା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ଅଧିକ୍ଷକ ତଥା ଶିକ୍ଷାନୁଷ୍ଠାନର ଅଧକ୍ଷ ଦୁର୍ଯ୍ୟୋଧନ ଦୋରା, ସହ ଅଧିକ୍ଷକ ଶିକ୍ଷକ ଆଲୋକ ସାହୁ, ପର୍ଯ୍ୟବେକ୍ଷକ ତଥା ଆସିକା ବିଇଓ ମୁନ୍‌ରାଣୀ ମହାନ୍ତି, ଶିକ୍ଷାନୁଷ୍ଠାନର ସହକାରୀ ଶିକ୍ଷକ ମଧୁସୂଦନ ବେହେରା, ରାଜେଶ୍ କୁମାର ସ୍ୱାଇଁ, ଜାନକୀ ପ୍ରଧାନ, ଗାୟତ୍ରୀ ନାହାକ, ତ୍ରିନାଥ ବେହେରା, ରଶ୍ମିତା କୁମାରୀ ସ୍ୱାଇଁ, ଦୀପ୍ତିମୟୀ ତରାଇ, ମିନାକ୍ଷୀ ମହାପାତ୍ର, ଶୁଭମ୍ କୁମାର ପାଣିଗ୍ରାହୀ, ପ୍ରିୟଙ୍କା ପାତ୍ର, ବିଶ୍ୱଜିତ୍ ଲେଙ୍କା, ଶୁଭସ୍ମିତା ଦାଶ, ଆକାଶ ରେଡି ଏବଂ କଲେଜଛକ ସ୍ଥିତ ଟେକନିକାଲ୍ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ରୂପେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ କୁମାରୀ ପାତ୍ର, ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ତଥା ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡା, ସହ ଅଧୀକ୍ଷକ ତଥା ସହକାରୀ ଶିକ୍ଷକ ରାମଚନ୍ଦ୍ର ପ୍ରଧାନ, ସହକାରୀ ଶିକ୍ଷକ କୈଳାଶ ଗୌଡ, ଲକ୍ଷ୍ମୀ ଜେନା, ସର୍ମିଷ୍ଠା ସାହୁ, ଗାୟତ୍ରୀ ବେହେରା, ସୁମିତ୍ରା କାର୍ଜି, ରୁଚି ନାହାକ, ଇପ୍ସିତା ମଲିକ, ମିତାଞ୍ଜଳୀ ପଣ୍ଡା, ଭଗବାନ ସ୍ୱାଇଁ, ବଳରାମ ବେହେରା, ରାହୁଲ ପଟ୍ଟନାୟକ, ଶିବାଶିଷ୍ ନାହାକ, ସିଦ୍ଧାନ୍ତ ସେଠୀଙ୍କ ସମେତ ଶିକ୍ଷା ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



**ନିତି ଭାରତୀ**

ଜୀବନର ଲକ୍ଷ୍ୟ ଆତ୍ମବିକାଶ । ତେଣୁ ନିଜ ସ୍ୱଭାବକୁ ପୂର୍ଣ୍ଣତଃ ଜାଣିବା ପାଇଁ ଆମେ ଏହି ଦୁନିଆରେ ଅଛନ୍ତି ।
-ଓସ୍କାର ୱାଇଲ୍ଡ

ନିତିଦିନ NITIDIN
ଶନିବାର , ୧୦ ଜାନୁଆରୀ,୨୦୨୬

# ବିଭାଜିତ ପରିବାରରେ ବୟସ୍କଙ୍କ ଯନ୍ତ୍ରଣା



ଅର୍ଜୁନ ଘଡେଇ

ବର୍ତ୍ତମାନ ସମୟରେ ବିଭିନ୍ନ କାରଣରୁ ଯୌଥ ପରିବାରର ଆବଶ୍ୟକତାକୁ ହେୟ ମନେକରି ପରିବାରର ସଦସ୍ୟ ମାନଙ୍କ ମନ ଭିତରେ ପରିବାର ବିଭାଜନ କରି ସ୍ୱତନ୍ତ୍ର ଭାବେ ବଞ୍ଚିବାର ମାନସିକତା ସୃଷ୍ଟି ହେଉଛି । ଯାହାର ପରିଣତିସ୍ୱରୂପ ପରିବାର ଭିତରେ ବଞ୍ଚିଥିବା ବୟସ୍କମାନେ ଅନେକ ମାନସିକ, ଶାରୀରିକ ଯନ୍ତ୍ରଣାର ଶିକାର ହେଉଥିବା ଆମ ଦୃଷ୍ଟିକୁ ଆସୁଥିଲେ ମଧ୍ୟ ଆମେ ସମସ୍ତେ ଆଖିବୁଜି ନିରବତା ଅବଲମ୍ବନ କରିବାକୁ ବାଧ୍ୟ ହେଉଛେ । ଏହାକୁ ଏକ ସାମାଜିକ ବିଡମ୍ବନା ଭାବେ ବିଚାର କରିବାର ଆବଶ୍ୟକତା ଅନୁଭବ କରାଯାଉଥିଲେ ମଧ୍ୟ ସାମାଜିକ ସଚେତନତା ସୃଷ୍ଟି କରିବାରେ ଆମେ ଅସମର୍ଥ ହେଉଛେ ।

ପରିବାର ଭିତରେ ବିଭିନ୍ନ ସମୟରେ ଅନେକ କାରଣରୁ ସମସ୍ୟା ସୃଷ୍ଟି ହୁଏ । ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥପର ଚିନ୍ତାଧାରା, ଅହଂକାର ମନୋବୃତ୍ତି, ପରସ୍ପର ପ୍ରତି ଅବିଶ୍ୱାସ ମାନସିକତା, ନିଜ ମତକୁ ଅନ୍ୟମାନଙ୍କ ଉପରେ ଲଦିଦେବା ପରି ପ୍ରବୃତ୍ତି କିମ୍ବା ସମ୍ପତ୍ତିବାଡିକୁ କେନ୍ଦ୍ରକରି ଏପରି ସମସ୍ୟା ସୃଷ୍ଟି ହୋଇଥାଏ । ଯେଉଁଥି ପାଇଁ ପରିବାରର ସଦସ୍ୟମାନେ ନିଜର ସ୍ୱାତନ୍ତ୍ର୍ୟତା ରକ୍ଷା କରିବାକୁ ଯାଇ ପରିବାରକୁ ଭାଗ ଭାଗ କରିବା ପାଇଁ ନିଷ୍ପତ୍ତି ନେଇଥାନ୍ତି । ଏହି କାର୍ଯ୍ୟକରି ସେମାନେ ସୁଖ, ଶାନ୍ତିରେ ବଞ୍ଚିବାକୁ ପ୍ରୟାସ କରୁଥିବା ବେଳେ ସବୁଠାରୁ ଅଧିକ ମାନସିକ ଅଶାନ୍ତି, ନିର୍ଯାତନାର ଶିକାର ହୋଇଥାନ୍ତି ବୟସ୍କମାନେ । ସେମାନେ ବାପା, ମା' କିମ୍ବା ଜେଜେ - ଜେଜେମା' ଯିଏ କେହି ହୁଅନ୍ତି ନା କାହିଁକି, ଗଢିଥିବା ପରିବାରକୁ ଭାଙ୍ଗିଯିବା ଦେଖିଲେ ମାନସିକ ଆଘାତରେ କ୍ଷତାକ୍ତ ହେଲେ ବି ନିରୁପାୟ ହୋଇ ନିରବ ରହିବାକୁ ବାଧ୍ୟ ହୁଅନ୍ତି । ଯେଉଁ ସନ୍ତାନମାନଙ୍କୁ ଜନ୍ମଦେବା ପରଠାରୁ ଲାଳନ ପାଳନ କରି, ରାସ୍ତାରେ ଚଲେଇବା, କଥା କହିବା ଶିଖେଇଥିଲେ ସେମାନଙ୍କ ଆଗରେ ସେମାନେ ଚୁପ୍ ରୁହନ୍ତି । ଆଉ ସନ୍ତାନମାନେ ସେମାନଙ୍କ ସ୍ତ୍ରୀ - ପିଲାଙ୍କୁ ଧରି ପରିବାର ଠାରୁ ଅଲଗା ହୋଇ ରହିବାକୁ ପସନ୍ଦ କରୁଥିବା ବେଳେ ତାଙ୍କ କଥା ଯେ ମନେ ପଡେନି ଏହା ହିଁ ବିଡ଼ମ୍ବନାର ବିଷୟ । ଆଜିର ଯୁବପିଢି, ଯେଉଁମାନେ ବାସ୍ତୁବାଦୀ ଚିନ୍ତାଧାରା ସହ ଜଡିତ, ସ୍ୱାର୍ଥପର ଚିନ୍ତାରେ ଆସକ୍ତ, ସଂସ୍କାର, ସଂସ୍କୃତି ପ୍ରତି ବୀତସ୍ପୃହ, ସେମାନଙ୍କ ମନରେ ଯୋଡିହୋଇ ରହିବାର ମାନସିକତା ରହିବ କିପରି ?

ଏକାଠି ପରିବାର ଭିତରେ ବଢୁଥିବା ମଣିଷଟିଏ ଅନେକ ସମୟରେ ଆବଶ୍ୟକ ସାହାଯ୍ୟ ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହୋଇ ଜୀବନର ଗତି ଆଗକୁ ନେବାରେ ସମର୍ଥ ହୋଇଥାନ୍ତି । ଏବେ କିନ୍ତୁ ଭାବନାରେ ଆମେ କାହାରି ସାହାଯ୍ୟ ବିନା ବି ଭଲରେ ବଞ୍ଚିପାରିବା ଏପରି ଭାବନା ସୃଷ୍ଟି ହୋଇ ଉଠିଛି, ଯାହା ଅତୀତର ଯୌଥ ପରିବାରର ଆବଶ୍ୟକତାକୁ ଆଗ୍ରାହ୍ୟ କରିଦେଉଛି । ମଣିଷମାନଙ୍କ ଭିତରେ ସାମୂହିକ ବା ସାମଗ୍ରିକ ବିଚାର ଭାବର ଅଭାବ ଯୋଗୁଁ ଏପରି ଭାବନା ସୃଷ୍ଟିହେବା ସ୍ୱାଭାବିକ । ନିଜେ ଭଲରେ ବଞ୍ଚିବାର ମୋହ, ସମସ୍ତଙ୍କ ଭଲ ଦେଖିବାକୁ ଅନାଗ୍ରହ ଏହାର ମୁଖ୍ୟ କାରଣ । ଆମେ ଚିନ୍ତାକରି ପାରୁନାହେଁ ପରିବାରରେ ବଞ୍ଚିଥିବା ବୟସ୍କମାନେ ସାରା ଜୀବନ ଆମର ଭଲ ପାଇଁ ଅନେକ ତ୍ୟାଗ କରିଥିବା ବେଳେ ଆମେ ସେମାନଙ୍କୁ ଅବହେଳା ବା ଅଣଦେଖା କରିବା କେତେ ଅମଣିଷପଣିଆଁ ବା ଅମାନବିକତା ହୋଇପାରେ ! ସମସ୍ୟାର ସମାଧାନ ପାଇଁ ବା ବ୍ୟଥାର ଉପଶମ ପାଇଁ ଯେତେ ଉପଚାର କଲେ ବା ପରାମର୍ଶ ଦେଲେ ବି ଆମେ ସେମାନଙ୍କ କଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁ । ସବୁଠାରୁ ଦୁଃଖଦ ପରିସ୍ଥିତି ହେଉଛି ପରିବାରର ପିଲାମାନେ ବୟସ୍କମାନଙ୍କ ଆଗରେ ଅଲଗା ହେବା, ଧନ, ସମ୍ପତ୍ତି ନିଜ ନିଜ ଭିତରେ ବାଣ୍ଟିବା ବେଳେ ବୟସ୍କମାନଙ୍କ ଦେଖାଶୁଣା ପାଇଁ ନିଜ ଭିତରେ ବାଣ୍ଟିନେବା ଉଚିତ୍ ହେଉ ନାହିଁ । ନିର୍ଜୀବମାନଙ୍କୁ ଭାଗ ବାଣ୍ଟିବାରେ କଷ୍ଟ ନାହିଁ, ରକ୍ତ ସମ୍ପର୍କୀୟ, ବୟସ୍କ ବିଶେଷ କରି ବାପା - ମା', ଜେଜେ - ଜେଜେମା'ଙ୍କୁ ବାଣ୍ଟିନେବା, ସେମାନଙ୍କୁ ପରସ୍ପର ଠାରୁ ଅଲଗା କରିଦେବା ପରି କୁକାର୍ଯ୍ୟ ଯେ ସେମାନଙ୍କୁ କେତେ ମାନସିକ ଯନ୍ତ୍ରଣାରେ କ୍ଷତାକ୍ତ କରୁଛି ତାହା କେବଳ ସେଇମାନେ ହିଁ ଅନୁଭବ କରୁଥିବେ । ଆମେ କିନ୍ତୁ ହୃଦୟଙ୍ଗମ କରିବାରେ ଅସମର୍ଥ ଆମର କୁତ୍ସିତ ମାନସିକତା ଯୋଗୁ ।

ଏପରି ଆବସ୍ଥାର କରୁଣଚିତ୍ର ସାମାଜିକ ନାଟକ, ଚଳଚ୍ଚିତ୍ର, ଧାରାବାହିକଗୁଡିକରେ ଦେଖିବାରେ ଆମେ ଯେତେ ଆନନ୍ଦ ପାଉ, ଚରିତ୍ରମାନଙ୍କ କୁଶଳ ଅଭିନୟ ଦେଖି ଯେତେ ଖୁସି ହେଉ, ସେତିକି ପ୍ରୟାସ, ଦୁଃଖ କରୁନାହୁଁ ବାସ୍ତବତାକୁ ଅନୁଭବ କରିବାରେ । ପରିବାର ବିଭାଜନ ପରେ ବୟସ୍କମାନଙ୍କ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଆଦିର ବଣ୍ଟନ ବ୍ୟବସ୍ଥା ଯେପରି ହେଉଛି ତାହା ମଧ୍ୟ ଅତ୍ୟନ୍ତ ହୃଦୟବିଦାରକ । ପୁଅମାନେ ନିଜ ଭିତରେ ବାପା - ମା' କିମ୍ବା ବୟସ୍କମାନଙ୍କୁ ବାଣ୍ଟିନେଇ ମାସେ ମାସେ ପାଳିକରି ଖାଇବାକୁ ଦେଇ ପାଖରେ ରଖିବା ପରି ପରିସ୍ଥିତି ବୟସ୍କ ଦମ୍ପତିଙ୍କୁ ମୃତ୍ୟୁବତ୍ ଯନ୍ତ୍ରଣା ଦେଉଛି । ବାପା ଗୋଟିଏ ପୁଅ ପାଖରେ ଭାତ, ଆଳୁସିଝା ଖାଇ ଚଳୁଥିବା ବେଳେ ମା' ଅନ୍ୟ ଗୋଟିଏ ପୁଅ ପାଖରେ ଭାତ, ମାଛ ଖାଇ ବଞ୍ଚିବାକୁ ପଡୁଛି । ଅତୀତରେ ଗୋଟିଏ ପତ୍ର କିମ୍ବା ଥାଳିରେ ଭାତ, ଡାଲି ବାଢିଦେଇ ପାଖରେ ବସି ବିଞ୍ଚଣା ବିଞ୍ଚି ଖୁସି ଗପ କରୁଥିବା, ଦେହରୁ ଝାଳ ପୋଛି ଦେଉଥିବା ପତ୍ନୀ ଆଜି ବାର୍ଦ୍ଧକ୍ୟରେ ନିଜ ସ୍ୱାମୀ କଥା କିପରି ଭାବୁଥିବ ତାହା କେବେ ଅନୁଭବ କରିଛେ ? ସ୍ୱାମୀଙ୍କ ଅଇଁଠା ବାସନରେ ଖାଦ୍ୟବାଢି ପେଟକୁ ନେବାରେ ପତ୍ନୀ ଯେଉଁ ଆତ୍ମସୁଖ ଅନୁଭବ କରୁଥିଲା ସେଥିରୁ ସେ ବଞ୍ଚିତ ହୋଇ କେତେ ଆତ୍ମଗ୍ଳାନି ପାଉଥିବ ତାହା ଆମ ଅନୁଭବ ବାହାରେ । ସ୍ୱାମୀଟି ମଧ୍ୟ ବୟସର ଅପରାହ୍ନରେ ସ୍ତ୍ରୀର ଅତୀତ ସୁଖ ବର୍ତ୍ତମାନର ଦୂରତ୍ୱକୁ ଅନୁଭବ କରି ଆହାର ଦେବାରେ ସାହାରା ହୋଇ ନପାରିବା କାରଣରୁ ନିଜକୁ କେତେ ବିଧର୍ମୀ ଭାବୁଥିବ ତାହା କେବଳ ଅଲଗା ଅଲଗା ଖାଦ୍ୟ ଖାଉଥିବା ବୟସ୍କ ଦମ୍ପତିଙ୍କ ମାସିକ ଯନ୍ତ୍ରଣା କେବଳ ନୁହେଁ ଅମାନବୀୟ ଚିନ୍ତାଧାରା ଭାବେ ବିଚାର କରିବାର ଆବଶ୍ୟକତା ରହିଛି ।

ଠିକ୍ ସେମିତି ପରିବାର ବିଭାଜନ ପରେ ପୁଅମାନେ ବୟସ୍କମାନଙ୍କୁ ବାଣ୍ଟିନେଇ ସେମାନଙ୍କର ଆବଶ୍ୟକୀୟ ବସ୍ତ୍ର ଯୋଗାଇ ଦେବାରେ ପତି-ପତ୍ନୀଙ୍କ ମଧ୍ୟରେ ପାର୍ଥକ୍ୟ କରିଥାନ୍ତି । ବାପାଙ୍କର କେଉଁ ସାର୍ଟ ପ୍ୟାଣ୍ଟ କିମ୍ବା ଧୋତି ପଞ୍ଜାବୀ ପିନ୍ଧିବାରେ ଆଗ୍ରହ ଅଛି ନବୁଝି ମନଇଚ୍ଛା ବସ୍ତ୍ର ପିନ୍ଧିବାକୁ ବାଧ୍ୟକରିବା, ମା'ର ଛିଣ୍ଡା ଲୁଗା ସାତସିଆଁ ଅବସ୍ଥା ନହେବା ପର୍ଯ୍ୟନ୍ତ ଭଲ ଲୁଗାଖଣ୍ଡେ ଯୋଗେଇ ନଦେବା ପରି ପରିସ୍ଥିତି, ଆମକୁ ଆଘାତ ତ ଲାଗୁନି ସେମାନଙ୍କ ଅନ୍ତରରେ ଯେ କୋହ ସୃଷ୍ଟି କରୁଥିବ ଏହା ଆମେ ଦେଖିଲେ ବି ଆଖି ବୁଲେଇ ନେଉଛୁ । ଯଦି ବୟସ୍କ ସ୍ୱାମୀ ସ୍ତ୍ରୀ କେହି ପେନ୍‌ସନ୍ ରୋଗୀ ହୋଇଥାନ୍ତି ତେବେ ସେମାନଙ୍କ ପେନ୍‌ସନ୍ ଟଙ୍କାକୁ ପକେଟରେ ପୂରେଇ, ଉପରେ ଆମେ ଯେତେ ସ୍ନେହ, ଶ୍ରଦ୍ଧା



ପ୍ରକଟ କରୁ ତାହା କେବଳ ଆମ ମନର ଛଳନା ଓ ସେମାନଙ୍କ ମାନସିକତାକୁ ପ୍ରତାରଣା କହିଲେ ଅତ୍ୟୁକ୍ତି ହେବନାହିଁ ଯାହା ଆଜିର ସମାଜରେ ଘଟୁଛି ।

ସବୁଠାରୁ ଅତ୍ୟନ୍ତ ଦୁଃଖଦାୟକ, ହୃଦୟବିଦାରକ ପରିସ୍ଥିତି ହେଉଛି ସେମାନଙ୍କୁ ଆମେ ବାଣ୍ଟିନେଇ ବିଶ୍ରାମ ବା ଶୟନ ବ୍ୟବସ୍ଥାରେ ବି ବ୍ୟବଧାନ - ଅନ୍ତର ସୃଷ୍ଟି କରି ବୟସ୍କ ଦମ୍ପତିଙ୍କ ସ୍ୱପ୍ନକୁ ଭାଙ୍ଗିଦେବା ପରି ଅସହ୍ୟ ମାନସିକ ଯନ୍ତ୍ରଣା ଦେବାରେ ଅବହେଳା କରୁନାହେଁ । ଯୁବକ ବୟସରେ ବୈବାହିକ ଜୀବନରେ ସମସ୍ତ ପାରିବାରିକ ଜଞ୍ଜାଳରୁ ମୁକ୍ତ ହେଇ ଯେତେବେଳେ ଏକାଠି ଗୋଟିଏ ଶଯ୍ୟାରେ ଶୟନ କରି ସୁଖ-ଦୁଃଖ-ସ୍ୱପ୍ନ ସବୁ ନିଜ ଭିତରେ ବାଣ୍ଟିବାରେ ଯେଉଁ ପତି-ପତ୍ନୀ ସୁଖ ଆନନ୍ଦ ଅନୁଭବ କରୁଥିଲେ ଆଜି ଜୀବନର ଅପରାହ୍ନରେ ସେମାନଙ୍କୁ ବାଣ୍ଟିଦେଇ ଅଲଗା-ଅଲଗା ଶୋଇବା ବ୍ୟବସ୍ଥା ବି ଆମେ କରିଦେଲେ । ଦୁଇଟି ଆତ୍ମାରେ ଅସରନ୍ତି ଦୁଃଖ ସୃଷ୍ଟିକଲେ । ଏହା ଆମ ଅମାନବିକ କାର୍ଯ୍ୟ କେବଳ ନୁହେଁ ଅମଣିଷ ପଣିଆ, ମୂର୍ଖତା ଓ ଅଜ୍ଞତା ଯୋଗୁଁ ଘଟୁଛି ଆମେ ବୁଝିପାରୁନୁ । ଯୌବନର ସୁଖ-ସ୍ୱପ୍ନ, ଏକତ୍ର ଶୟନ, ଭାବର ଆଦାନ ପ୍ରଦାନ କରିପାରିଲେ ବୟସ୍କମାନଙ୍କର ବଞ୍ଚିବା ସମୟ ହୁଏତ ଆଉ କିଛିଦିନ ବଢିଯାନ୍ତା - ଏକଥା ବୁଝିବାରେ ଆମେ ଅସମର୍ଥ ।

ଆମେ ଆମ ସ୍ୱାର୍ଥ ପାଇଁ ପରିବାରକୁ ଭାଙ୍ଗି ଅଲଗା ହେଲେ । ଏଇ ବୟସ୍କ, ବରିଷ୍ଠ ଦମ୍ପତିମାନଙ୍କ, ଖାଦ୍ୟ, ବସ୍ତ୍ର, ଶୟନ ଆଦି ବ୍ୟବସ୍ଥାକୁ ବାଣ୍ଟିଦେଲେ । ସେମାନଙ୍କ ଜୀବନ ଥାଉଁଥାଉଁ ଆମେ ଯେପରି ହତାଦାର, ଅନାଦାର କରୁଛେ ଏହା ଆମର କେଉଁ ମହାନ୍ ଅତୀତ ସଂସ୍କୃତି, ପରମ୍ପରାକୁ ସୂଚୀତ କରୁଛି ? ଆମର ଉଚ୍ଚଶିକ୍ଷାର ମୂଲ୍ୟବୋଧର ଅବମାନନା ସହ, ଅପସଂସ୍କୃତିର ଅନୁପ୍ରବେଶକୁ ପ୍ରୋତ୍ସାହିତ କରୁ ନାହିଁକି ?

ପରିବାରରେ ବାପା-ମା' କିମ୍ବା ଜେଜେ-ଜେଜେମା'ଙ୍କ ଦେହାନ୍ତ ପର୍ଯ୍ୟନ୍ତ ଯଦି ଆମେ ପରିବାରରେ ଏକାଠି ରହିପାରୁନେ, ପରିବାରକୁ ଭାଙ୍ଗିଦେଇଛେ, ତେବେ ସେମାନଙ୍କୁ ଏକାଠି ରଖିବାର ଦାୟିତ୍ୱ ନେଲେ ସେମାନଙ୍କ ଶେଷ ଜୀବନ ଅନ୍ତତଃ ଶାନ୍ତିରେ କଟିଯାନ୍ତା । ପରସ୍ପର ନିଜ ଭିତରେ ସୁଖ ଦୁଃଖ ବାଣ୍ଟି ଜୀବନ କଟେଇ ଦିଅନ୍ତେ । ନିଜର ଭିଟାମାଟିରେ ଛାତିପାତି ଏକାଠି ଶେଯରେ ଶୋଇ ଶେଷ ନିଃଶ୍ୱାସ ତ୍ୟାଗ କରିବାରେ ଯେଉଁ ଆନନ୍ଦ ପାଆନ୍ତେ ତାହା କ'ଣ ବୟସ୍କମାନଙ୍କୁ ଅଲଗା ଜୀବନ ଦେଉଥିବା ଆଜିର ଯୁବପିଢି ବୁଝିପାରିବେ ? ତଥାପି ସାମାଜିକ ସଚେତନତା ସୃଷ୍ଟି ହେଲେ ଏଇ ସମସ୍ୟା କିଛି ପରିମାଣରେ ସୁଧୁରିଯା'ନ୍ତା । ପାରିବାରିକ ବନ୍ଧନ, ରକ୍ତ ସମ୍ପର୍କର ମୂଲ୍ୟବୋଧ, ଆମ ସଂସ୍କୃତିର ମହାନତାକୁ ସ୍ମରଣକରି କାର୍ଯ୍ୟ କରିବାରେ ଆଧୁନିକ ଯୁବମାନସ ଆକୃଷ୍ଟ ହେଲେ ବୟସ୍କଙ୍କ ଯନ୍ତ୍ରଣାର ଉପଶମ ହୋଇପାରନ୍ତା ଏହା ମୋର ବିଶ୍ୱାସ ।

**ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ପ୍ରଧାନଶିକ୍ଷକ**
**ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ**
**ମୋ-୯୪୩୮୦୪୮୬୧୫**

# ସହସ୍ରାବ୍ଦୀର ପ୍ରଥମ ପଚିଶ ବର୍ଷରେ ଗଣମାଧ୍ୟମ

ଶବ୍ଦ ଚିତ୍ର ଅକ୍ଷର



ଡ. ମୃଣାଳ ଚାଟାର୍ଜୀ

ନୂଆ ସହସ୍ରାବ୍ଦୀର ପଚିଶ ବର୍ଷ ଶେଷ ହେଲା । ଏହି ପଚିଶ ବର୍ଷ ଭିତରେ ଭାରତୀୟ ଗଣମାଧ୍ୟମ ଏକ ଗଭୀର ରୂପାନ୍ତର ଦେଇ ଗତି କରିଛି । ପଚିଶ ବର୍ଷ ତଳେ ସମ୍ବାଦବାହୀ ଗଣମାଧ୍ୟମର ପ୍ରମୁଖ ମୁହଁ ଥିଲା ସମ୍ବାଦପତ୍ର, ରେଡିଓ ଏବଂ ଟେଲିଭିଜନ । ପ୍ରତିଷ୍ଠାନିକ ଭାବେ ଖବର ପରିବେଷଣ ହେଉଥିଲା । ସେଠୁ ପଚିଶ ବର୍ଷ ପରେ ଆମେ ପହଞ୍ଚିଛୁ ସାମାଜିକ ଗଣମାଧ୍ୟମ, ରିଲ୍‌ସ ଏବଂ ମୋବାଇଲ୍‌ରେ ଆସୁଥିବା ଦୁଇ ତିନି ଧାଡି ଭିତରେ ସୀମିତ ଖବରର ଯୁଗରେ । ପ୍ରତିଷ୍ଠାନ ଛଡ଼ା ବ୍ୟକ୍ତି ମଧ୍ୟ ଖବର ପ୍ରସାରଣ କରୁଛନ୍ତି । ଖବର ଏବେ ଆମ ପାଖରେ ଶୀଘ୍ର ପହଞ୍ଚୁଛି । କିନ୍ତୁ ତାହାର ସତ୍ୟାସତ୍ୟ ଏବଂ ବିଶ୍ୱସନୀୟତାରେ ବଡ ପ୍ରଶ୍ନବାଚୀ ରହିଯାଉଛି । ଅନେକ ସମୟରେ ଜାଲ ଖବର, ଭୁଲ୍ ଖବର ଏବଂ ହଟଚମଟକାରୀ ଖବର ସାମାଜିକ ମାନସକୁ ଆନ୍ଦୋଳିତ କରିଦେଉଛି ।

ପଚିଶ ବର୍ଷ ଭିତରେ ଏ ଯେଉଁ ପରିବର୍ତ୍ତନ ହେଇଛି ତାହାର ସବୁଠାରୁ ବଡ ଚାଳିକାଶକ୍ତି ହେଲା ପ୍ରଯୁକ୍ତି । ୧୯୯୫ ମଝାମଝିରେ - ତିନି ମାସର ବ୍ୟବଧାନରେ ଭାରତରେ ମୋବାଇଲ୍ ଟେଲିଫୋନ୍ ଏବଂ ଇଣ୍ଟରନେଟ୍‌ର ଆରମ୍ଭ ହୋଇଥିଲା । ତିରିଶ ବର୍ଷ ଭିତରେ ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ମଞ୍ଚରେ ଚାଳିତ ସାମାଜିକ ଗଣମାଧ୍ୟମ ସମ୍ବାଦର ଇକୋସିଷ୍ଟମକୁ ସଂପୂର୍ଣ୍ଣ ପରିବର୍ତ୍ତନ କରିଦେଇଛି ।

ବର୍ତ୍ତମାନ ଖବର ମୁହୂର୍ତ୍ତକ ଭିତରେ ମଣିଷ ପାଖରେ ପହଞ୍ଚୁଛି ଆଉ ଆଜି ପ୍ରତ୍ୟେକ ମଣିଷ ଗୋଟିଏ ଗୋଟିଏ ଖବରଗ୍ରହୀତା ଏବଂ ଖବରଦାତା ହୋଇଯାଇଛନ୍ତି । ପ୍ରତ୍ୟେକଟି ମୋବାଇଲ୍ ଗୋଟେ ମିଡିଆ ପ୍ଲାଟ୍‌ଫର୍ମ ହେଇଛି । ମତ ପ୍ରକାଶର ସ୍ୱାଧୀନତା ବଢ଼ିଛି । ଖବରର ଗଣତାନ୍ତ୍ରିକରଣ ହେଇଛି । ଆଗରୁ ପଚିଶ ବର୍ଷ ତଳେ ଖବର ମୁଖ୍ୟତଃ ସମ୍ବାଦ ପରିବେଷଣ ସଂସ୍ଥାମାନେ ଦେଉଥିଲେ । ଏବେ ବି ଦେଉଛନ୍ତି କିନ୍ତୁ ତା' ସହିତ ସାଧାରଣ ଲୋକମାନେ ମଧ୍ୟ ଖବର ଦବାର ବ୍ୟବସ୍ଥା ବଢ଼ିଛି । ଖବର ଦେବାର ଲୋକ ବଢ଼ିଛନ୍ତି । ସେ ଖବରକୁ ଗ୍ରହଣ କରିବାର ଗୋଟେ ପରିସ୍ଥିତି ମଧ୍ୟ ସୃଷ୍ଟି ହେଇଛି ଯାହାଫଳରେ ସମ୍ବାଦର ବିଶ୍ୱାସଯୋଗ୍ୟତାର ସଙ୍କଟ ମଧ୍ୟ ବଢ଼ିଛି ।

ଦ୍ୱିତୀୟ ପରିବର୍ତ୍ତନ ହେଇଛି ବିଷୟବସ୍ତୁର ଚରିତ୍ରରେ । ପଚିଶ ବର୍ଷ ତଳର ଗଭୀର ଏବଂ ଅନୁସନ୍ଧାନୀ ସାମ୍ବାଦିକତା ଏବେ ପ୍ରାୟ ଅଦୃଶ୍ୟ । ଆଜି 'କ୍ଲିକ୍', 'ଟ୍ରେଣ୍ଡ' ଆଉ 'ଭାଇରାଲ୍' ସଂସ୍କୃତିର ଚାପରେ ଦୀର୍ଘ ଖବର ପଢ଼ିବାଲୋକ କମିଗଲେଣି, ଲେଖିବାଲୋକ କମିଗଲେଣି, ସେ ସ୍ଥିତି ମଧ୍ୟ ବୋଧହୁଏ ବଦଳି ଗଲାଣି । ବର୍ତ୍ତମାନ ଗଣମାଧ୍ୟମରେ ଦୃଶ୍ୟମାନ ବିଷୟବସ୍ତୁରେ ସମ୍ବେଦନଶୀଳତା ଅନେକ ସମୟରେ ଯୁକ୍ତିବୋଧକୁ ପଛକୁ ପକେଇ ଦେଉଛି ବା ଅଣଦେଖା କରିଦେଉଛି । ଏକଥା ସତ ଯେ ନୂଆ ମାଧ୍ୟମ ପ୍ରାନ୍ତିକ କଣ୍ଠସ୍ୱରକୁ ସ୍ଥାନ ଦେଉଛି, ଆଞ୍ଚଳିକ ଭାଷା ଏବଂ ସ୍ଥାନୀୟ ବାସ୍ତବତାକୁ ମୂଳଧାରାକୁ ଆଣିଛି ଯାହା ଏକ ଇତିବାଚକ ଦିଗ । କିନ୍ତୁ ସମ୍ବାଦର ସାନ୍ଦ୍ରତା ଓ ଗଭୀରତା କମିଯାଇଛି । ବିଶ୍ୱସନୀୟତା ନିଶ୍ଚିତ ଭାବରେ କମିଯାଇଛି । ଉପସ୍ଥାପନାର ଧରଣ ମଧ୍ୟ ବଦଳି ଯାଇଛି । ଦୀର୍ଘ ପ୍ରତିବେଦନ ଓ ବିଶ୍ଳେଷଣ ଜାଗାଟିକୁ ଦଖଲ କରିଛି ସଂକ୍ଷିପ୍ତ ଭିଡିଓ, ରିଲ୍‌ସ, ଗ୍ରାଫିକ୍‌ସ ଏବଂ ଆକର୍ଷଣୀୟ ଶିରୋନାମା । ଅନେକ ସମୟରେ ଶିରୋନାମା ସହିତ ବିଷୟବସ୍ତୁର କିଛି ସଂପର୍କ ବି ନଥାଏ । ଖବର ପରିବେଷଣରେ ଦୃଶ୍ୟ ବଢ଼ିଛି । କିନ୍ତୁ ଗଭୀରତା ଅନେକ ସମୟରେ କମିଯାଇଛି ବା ହଜିଯାଇଛି । ଦ୍ରୁତତାର ଦୌଡରେ ସମ୍ବାଦ ଅନେକ କ୍ଷେତ୍ରରେ ଚିନ୍ତା ଭାବନା ବଦଳରେ ପ୍ରତିକ୍ରିୟାରେ ପରିଣତ ହେଉଛି ।

ଗଣମାଧ୍ୟମ ପରିଚାଳନା (ମ୍ୟାନେଜମେଣ୍ଟ)ରେ ମଧ୍ୟ ବଡ ପରିବର୍ତ୍ତନ ଆସିଛି । କର୍ପୋରେଟ୍ ମାଲିକାନା, ଟିଆର୍‌ପି ନିର୍ଭରତା, କେତେ କ୍ଲିକ୍ ହେଲା, କେତେ ଭିଉଜ୍ ହେଲା (ଏହାକୁ ଆଜିକାଲି ଡିଜିଟାଲ୍ ମାଟ୍ରିକ୍ସ ବୋଲି କହୁଛନ୍ତି)-




ଏଗୁଡିକ ସମ୍ବାଦକୀୟ ସିଦ୍ଧାନ୍ତକୁ କ୍ରମଶଃ ଅଧିକ ପ୍ରଭାବିତ କରିବାରେ ଲାଗିଛି । ସମ୍ବାଦ ମାଧ୍ୟମ ବ୍ୟବସାୟିକ ପ୍ରତିଷ୍ଠାନ ଆଗରୁ ବି ଥିଲା, ଏବେ ବି ଅଛି କିନ୍ତୁ ପରିବର୍ତ୍ତନ ହେଇଛି ଯେ ପୂର୍ବରେ ଜନସ୍ୱାର୍ଥ ଏବଂ ଲାଭ ଏ ଉଭୟଟିକୁ ନଜରରେ ରଖାହେଉଥିଲା । ଏ ଦୁଇଟି ଭିତରେ ଭାରସାମ୍ୟ ରଖିବାର ଯେଉଁ ଚେଷ୍ଟା ହେଉଥିଲା, ସେ ଚେଷ୍ଟା ବି ଆଜିକାଲି କମ୍ ଦୃଶ୍ୟମାନ ହେଉଛି । ଗଣମାଧ୍ୟମ ସଂସ୍ଥାମାନଙ୍କ ପାଇଁ ଲାଭ ଅଧିକ ଆକର୍ଷଣୀୟ ହେଇ ଉଠିଛି । ଯେଉଁମାନେ ବ୍ୟକ୍ତିଗତ ଭାବରେ ସମ୍ବାଦ ପରିବେଷଣ ଓ ବିଶ୍ଳେଷଣ କରୁଛନ୍ତି - ହୁଏତ ସେମାନଙ୍କ ପାଇଁ ମଧ୍ୟ ।

ସହସ୍ରାବ୍ଦୀର ପ୍ରଥମ ପଚିଶ ବର୍ଷ ଶେଷରେ ଭାରତୀୟ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ମୋଡରେ ଠିଆ ହେଇଛି । ଇଣ୍ଟରନେଟ୍‌ର ବ୍ୟାପକ ପ୍ରସାର ଯୋଗୁଁ ତଥ୍ୟର ଅଭାବ ନାହିଁ କିନ୍ତୁ ବିଶ୍ୱାସରେ ଅଭାବ ହେଇଯାଉଛି । ଏଆଇ (କୃତ୍ରିମ ମେଧା)ର ବ୍ୟବହାର ବଢିବା ସହିତ ଏ ଦିଗଟି ଆହୁରି ଜଟିଳ ହେଇ ଉଠିଛି । କେଉଁଟା ସତ କେଉଁଟା ମିଛ ଜାଣିବା ଆଗ ତୁଳନାରେ ଏବେ ଆହୁରି କଷ୍ଟକର ହେଇଉଠିଛି । ଦେଶର ବୃହତାଂଶ ଲୋକ ଯେତେବେଳେ ଡିଜିଟାଲ୍ ସାକ୍ଷର ନୁହନ୍ତି ସେତେବେଳେ ଭୁଲ୍ ଠିକ୍ ବିଚାର କରିବା କଷ୍ଟ ହେଇଯାଉଛି । ଆଉ ଗୋଟେ ସମାଜରେ ଭୁଲ୍, ଠିକ୍‌ର ବିଚାର ଯେତେବେଳେ କଷ୍ଟ ହେଇଯିବ ସେତେବେଳେ ନାନା ପ୍ରକାର ବିସଙ୍ଗତି ଦେଖାଯିବ । ଦେଖା ବି ଯାଉଛି । ଭବିଷ୍ୟତରେ ଗଣମାଧ୍ୟମକୁ କେବଳ ପ୍ରଯୁକ୍ତି ନିର୍ଭର ହେଲେ ଚଳିବ ନାହିଁ । ତାହାକୁ ଦାୟିତ୍ୱଶୀଳ, ନୈତିକ ଏବଂ ସମ୍ବେଦନଶୀଳ ହେବା ପାଇଁ ପଡିବ । ଏକ ସୁସ୍ଥ ଗଣତନ୍ତ୍ର ପାଇଁ କେବଳ ଉଚ୍ଚ ସ୍ୱରରେ ଏବଂ ସମସ୍ତଙ୍କୁ ଶୁଭୁଥିବା ଭଳି କଥା କହିବାର କ୍ଷମତା ଥିବା ସାମ୍ବାଦିକତା ଏବଂ ଗଣମାଧ୍ୟମ ନୁହଁ, ବରଂ ପ୍ରଜ୍ଞାବାନ ଏବଂ ବିଶ୍ୱାସଯୋଗ୍ୟ ସାମ୍ବାଦିକତା ଆବଶ୍ୟକ ।

**www.mrinalchatterjee.com**
**ମୋ- ୯୪୩୭୦୨୬୧୯୪**

**ସମ୍ପାଦକଙ୍କୁ ପତ୍ର**

## ମୋବାଇଲ୍ ଖେଳର ନିଶା

ବର୍ତ୍ତମାନର ଯୁବ ପିଢ଼ିଙ୍କୁ ମୋବାଇଲ ନିଶା ଏଭଳି ଘାରିଛି ଯେ ଅନେକ ସମୟରେ ସେମାନେ ନିଜର ହିତାହିତ ଜ୍ଞାନ ଭୁଲି ଯାଉଛନ୍ତି । ଫଳରେ ଏହି ମୋବାଇଲ ନିଶା ହିଁ ବଡ଼ ବଡ଼ ଦୁର୍ଘଟଣାର କାରଣ ସାଜୁଛି । ଏବେ ଅନେକେ ମୋବାଇଲରେ ପିୟୁବିଜି ଖେଳ ଖେଳୁଥିବା ଦେଖିବାକୁ ମିଳୁଛି । ବିଶେଷକରି ଯୁବକମାନେ ଏହି ଖେଳରେ ବେଶ୍ ମାତିଛନ୍ତି । ଥରେ ଏହି ଖେଳ ଆରମ୍ଭ ହେଲେ ଏହା ଶେଷ ନହେବା ଯାଏଁ ଛାଡୁ ନାହାନ୍ତି । ଫଳରେ ଏହାକୁ ନେଇ ବିଭିନ୍ନ ସମୟରେ ଘରେ ବାହାରେ ନାନା ଅପ୍ରୀତିକର ସ୍ଥିତି ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି । ଏହି ଖେଳରେ ମାତିଥିବା ମଣିଷ ବେଳେ ବେଳେ ମୃତ୍ୟୁମୁଖରେ ପଡୁଛି ସିନା ନିଜକୁ ଏହି ନିଶାରୁ ମୁକ୍ତ ରଖି ପାରୁ ନାହିଁ । ନିକଟରେ ଏଭଳି ଏକ ଘଟଣା ନୂଆପଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି । ସାମାଜିକ ଗଣମାଧ୍ୟମର ଖବର ଅନୁଯାୟୀ, ମୋବାଇଲ ପିୟୁବିଜି ଖେଳରେ ମାତିଥିବା ଜଣେ ଯୁବକ ଖେଳୁ ଖେଳୁ କେତେବେଳେ ଗାଁ ପାଖ ରେଳ ଧାରଣା ଉପରକୁ ଆସିଗଲେ ସେ ଜାଣି ପାରିଲେ ନାହିଁ । ଫଳରେ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସୁଥିବା ରେଳ ଧକ୍କାରେ ଉକ୍ତ ଯୁବକଙ୍କର ଅକାଳ ମୃତ୍ୟୁ ଘଟିଗଲା । ଏହା ଏକ ଉଦାହରଣ ହୋଇପାରେ । ତେବେ ଏଭଳି ମୋବାଇଲ ଖେଳରେ ମାତିଥିବା ଅନେକ ଯୁବକଙ୍କୁ ଗାଁଠୁ ସହର ସବୁଠି ଦେଖିବାକୁ ମିଳୁଛି । ଏହାଦ୍ୱାରା ଯେ ସେମାନେ ନିଜର ଓ ନିଜ ପରିବାର ପାଇଁ ଅପୂରଣୀୟ କ୍ଷତି ସାଧନ କରୁଛନ୍ତି, ଏକଥା ଏବକାର ଶିକ୍ଷିତ ଯୁବ ବର୍ଗ ଜାଣିବା ଦରକାର ।

**ବୈଷ୍ଣବ ମେହେର, ସିନାପାଲି,**
**ନୂଆପଡ଼ା**

# ଜିଡିପିର ସୁଖଦ ସମାଚାର

ସମଗ୍ର ବିଶ୍ୱ ପାଇଁ ଆର୍ଥିକ ବର୍ଷ ୨୦୨୫-୨୬ ସର୍ବାଧିକ ପରିବର୍ତ୍ତନଶୀଳ ରହି ଆସିଛି, ଯେତେବେଳେ କି ସଶସ୍ତ୍ର ସଂଘର୍ଷ ଏବଂ ସୁରକ୍ଷାବାଦ ଏକ ବ୍ୟତିକ୍ରମ ହେବା ପରିବର୍ତ୍ତେ ବିଧି ବିଧାନରେ ପରିଣତ ହୋଇ ବୈଶ୍ୱିକ ଅନିଶ୍ଚିତତାକୁ ବୃଦ୍ଧି କରିବା ସହିତ ଉଦୀୟମାନ ଅର୍ଥନୀତିଗୁଡ଼ିକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଛି । ପରନ୍ତୁ, ଭାରତ ଏସବୁ ଭିତରେ ଏକ ସୁଖଦ ବ୍ୟତିକ୍ରମ ହୋଇ ରହିଛି ବୋଲି କୁହାଯାଇପାରେ, କାରଣ ଅଟକଳ ଯାହା ସୂଚାଇଛି, ତାହା ହେଉଛି- ଭାରତ ଆଶା କରା ଯାଉଥିବା ଅର୍ଥନୀତିକ ଅଭିବୃଦ୍ଧିଠାରୁ ଆହୁରି ଭଲ ରେକର୍ଡ କରିବା ସ୍ଥିତିରେ ଉପନୀତ ହୋଇଛି । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ନିକଟରେ ଜାରି କରାଯାଇଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପ୍ରଥମ ଅଗ୍ରୀମ ଅଟକଳ ଅନୁସାରେ ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ୭.୪ ପ୍ରତିଶତ ରହିବା ଭବିଷ୍ୟବାଣୀ କରାଯାଇଛି, ଯେତେବେଳେ କି ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ ରହିଥିଲା । ନାମମାତ୍ର ଜିଡିପି ଆଠ ପ୍ରତିଶତ ହାରରେ ବୃଦ୍ଧି ପାଇବା ଅଟକଳ କରାଯାଇଥିବା ବେଳେ ଏହା ସାମଗ୍ରିକ ଅର୍ଥନୀତିକ ଆକାରକୁ ୩୫୭.୧୪ ଲକ୍ଷ କୋଟି ଟଙ୍କା (୩.୯୭ ଟ୍ରିଲିଅନ୍ ଡଲାର)କୁ ନେବା ଆଶା କରାଯାଇଛି, ଯାହା ମୁଦ୍ରାଜନିତ ଚାପ ସମୂହ ଏବଂ ପୁଞ୍ଜି ପ୍ରବାହ ସତ୍ତ୍ୱେ ପରିପୋଷଣୀୟ ଆୟର ସମ୍ପ୍ରସାରଣ ସମ୍ପର୍କରେ ସୂଚନା ପ୍ରଦାନ କରିଛି । ଚଳିତ ଆର୍ଥିକ ବର୍ଷ ଉଦୀୟମାନ ଅର୍ଥନୀତିମାନଙ୍କ ନିମନ୍ତେ ସେମିତି ଉଦାରତାପୂର୍ଣ୍ଣ ବା ସୁଖଦ ରହିନାହିଁ । ବୈଶ୍ୱିକ ଅର୍ଥନୀତିକ ସ୍ଥିରତାରେ ବ୍ୟାଘାତ ସୃଷ୍ଟି କରିବା କ୍ଷେତ୍ରରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନ୍ୟାୟୋଚିତ ଏବଂ ଏକପାଖିଆ ଟାରିଫ୍ ବା ଶୁଳ୍କ ଧାର୍ଯ୍ୟ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି । ରୁଷିଆରୁ ନିରନ୍ତର ଭାବରେ ଅଶୋଧିତ ତୈଳ କିଣି ଚାଲିବା ଯୋଗୁଁ ସେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଅଭୂତପୂର୍ବ ୫୦ ପ୍ରତିଶତ ଟାରିଫ୍ ଲାଗୁ କରିଛନ୍ତି, ଯାହା ଭାରତର ଅନେକ ସଂଖ୍ୟକ ରପ୍ତାନୀ-ସମ୍ପର୍କିତ ଉଦ୍ୟୋଗକୁ ପ୍ରଭାବିତ କରିଛି । ସଙ୍ଗେ ସଙ୍ଗେ ବୈଶ୍ୱିକ ଡଲାରର ସାମର୍ଥ୍ୟ ଯୋଗୁଁ ଭାରତୀୟ ମୁଦ୍ରା ଟଙ୍କା ଚାପଗ୍ରସ୍ତ ହୋଇ ରହିଛି, ଯେତେବେଳେ କି ବିଦେଶୀ ଆନୁଷ୍ଠାନିକ ନିବେଶକମାନେ ଭାରତୀୟ ବଜାରଗୁଡ଼ିକ ପ୍ରତି ଉନ୍ମୁଖତା କ୍ଷେତ୍ରରେ କାଣ୍ଟଛାଣ୍ଟ ନୀତି ଅବଲମ୍ବନ କରିବା ବଜାୟ ରଖିଛନ୍ତି ।

ଏସବୁ ସତ୍ତ୍ୱେ ଗତ ବର୍ଷର ୬.୪ ପ୍ରତିଶତ ତୁଳନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ମୂଲ୍ୟ ଯୋଗ (ଜିଭିଏ)ର ପରିମାଣ ୭.୩ ପ୍ରତିଶତ ହାରରେ ବୃଦ୍ଧି ପାଇବା ଆକଳନ କରାଯାଇଛି । ଏହା ବାହ୍ୟ ଶକ୍ତିମାନଙ୍କ ଆଘାତରୁ ଘରୋଇ ଗତିଶୀଳତାକୁ ପୃଥକ୍ କରିବା କ୍ଷେତ୍ରରେ ଦେଶର ସାମର୍ଥ୍ୟକୁ ପ୍ରଦର୍ଶିତ କରୁଛି । ଏହି ଅଭିବୃଦ୍ଧି ମୁଖ୍ୟତଃ ସେବା କ୍ଷେତ୍ର ଦ୍ୱାରା ପରିଚାଳିତ ହୋଇଛି, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଭାରତର ଅଭିବୃଦ୍ଧି ମଡେଲର ମେରୁଦଣ୍ଡ ଭାବରେ କାର୍ଯ୍ୟ କରି ଆସୁଛି । ସାଧାରଣ ପ୍ରଶାସନ, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ସେବାଗୁଡ଼ିକ ସହିତ ଆର୍ଥିକ, ରିୟଲ ଇଷ୍ଟେଟ୍ ଏବଂ ବୃତ୍ତିଗତ ସେବାଗୁଡ଼ିକ ବାସ୍ତବ ଦୃଷ୍ଟିରେ ୯.୯ ପ୍ରତିଶତ ହାରରେ ବୃଦ୍ଧି ପାଇବା ଆକଳନ କରାଯାଇଛି । ବ୍ୟବସାୟିକ କାରବାର, ହୋଟେଲ, ପରିବହନ ଏବଂ ଯୋଗାଯୋଗ ସେବାଗୁଡ଼ିକ ୭.୫ ପ୍ରତିଶତ ହାରରେ ବୃଦ୍ଧି ପାଇବା ଆଶା କରାଯାଉଛି, ଯାହା ଚଳାଚଳ, ପର୍ଯ୍ୟଟନ ଏବଂ ଲଜିଷ୍ଟିକ୍ସ କାର୍ଯ୍ୟକଳାପଗୁଡ଼ିକର ପୁନରୁଦ୍ଧାର ହେବା ଉପରେ ଆଲୋକପାତ କରୁଛି । ଚାହିଦା ପାର୍ଶ୍ୱରେ, ଘରୋଇ ଶେଷ ଉପଭୋଗ (କଞ୍ଜମ୍ପସନ୍) ବ୍ୟୟ (ପିଏଫ୍‌ସିଇ) ବାସ୍ତବ ଦୃଷ୍ଟିରେ ସାତ ପ୍ରତିଶତ ହାରରେ ବୃଦ୍ଧି ପାଇବା ଅଟକଳ କରାଯାଇଛି, ଯାହାକି ଅଧିକତଃ ଗତ ବର୍ଷର ପ୍ରଦର୍ଶନ ହାର ସହିତ ପ୍ରାୟ ସମାନ । ଏହା ସୂଚାଉଛି ଯେ ମୁଦ୍ରାସ୍ଫୀତିଜନିତ ଚାପ ସମୂହ ଏବଂ ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ପାରିବାରିକ ବ୍ୟୟ ତା'ର ନମନୀୟତାକୁ ବଜାୟ ରଖିଛି । ଅନେକ ସଂଖ୍ୟକ ପ୍ରମୁଖ ଅର୍ଥନୀତିଙ୍କ କ୍ଷେତ୍ରରେ ଆର୍ଥିକ କଟକଣାଗୁଡ଼ିକ ଦୃଶ୍ୟମାନ ହେଉଥିଲେ ସୁଦ୍ଧା ସରକାରୀ ଉପଭୋଗ ମଧ୍ୟ ୫.୨ ପ୍ରତିଶତ ହାରରେ ବୃଦ୍ଧିଲାଭ କରିଛି ।

ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ ୭.୮ ପ୍ରତିଶତ ଅଭିବୃଦ୍ଧିରେ ମୋଟ ସ୍ଥାୟୀ ପୁଞ୍ଜି ଗଠନ ଅଧିକ ହେବା ଆଶା କରାଯାଉଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ଦେଖା ଯାଇଥିବା ୭.୧ ପ୍ରତିଶତ ବୃଦ୍ଧିଠାରୁ ଅଧିକ । ଏହା ନିରନ୍ତର ଭାବରେ ସରକାରୀ ଭିତ୍ତିଭୂମି ବ୍ୟୟ ଏବଂ ଉନ୍ନତ ଘରୋଇ ଉଦ୍ୟୋଗର ଭରସାରେ ବୃଦ୍ଧିଜନିତ ସହାୟତା ପ୍ରାପ୍ତ ହୋଇ ଉପରୋକ୍ତ ପ୍ରଦର୍ଶନ କରିବା ଆଶା କରାଯାଏ । ବିନିର୍ମାଣ ଏବଂ ନିର୍ମାଣ କ୍ଷେତ୍ର ସାତ ପ୍ରତିଶତ ହାରରେ ବୃଦ୍ଧି ପାଇବା ଆଶା କରାଯାଉଛି, ଯାହା ବୈଶ୍ୱିକ ଯୋଗାଣ ଶୃଙ୍ଖଳ ଏବଂ ବ୍ୟବସାୟିକ କାରବାରରେ ଉତ୍‌ଥାନ ପତନଜନିତ ବ୍ୟାଘାତଗୁଡ଼ିକ ସତ୍ତ୍ୱେ ଅବିଚଳିତ ଔଦ୍ୟୋଗିକ କାର୍ଯ୍ୟକଳାପ ବଜାୟ ରହିଥିବା ସମ୍ପର୍କରେ ସଙ୍କେତ ପ୍ରଦାନ କରୁଛି । କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପଗୁଡ଼ିକ ୩.୧ ପ୍ରତିଶତର ଏକ ମାଧ୍ୟମାନ ବୃଦ୍ଧିକୁ ପରିଲକ୍ଷିତ କରିଛି, ଯେତେବେଳେ କି ଖଣି କାରବାରରେ କେତେକାଂଶରେ ସଂକୁଚନ ଦେଖା ଯାଇଛି । ଏହି ଅଗ୍ରୀମ ଅଟକଳ ଯଦିଓ ଭାରତର ଦୃଢ଼ତାର ଏକ ସୁନ୍ଦର କାହାଣୀ ଶୁଣାଇଛି, ତା' ସତ୍ତ୍ୱେ ସରକାର ହୁଅନ୍ତୁ କି ଉଦ୍ୟୋଗ ଜଗତ- କେହି ହେଲେ ହାତ ବାନ୍ଧି ବସି ଯାଇ ପାରିବେ ନାହିଁ । ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ବଡ଼ ଧରଣର ପରିବର୍ତ୍ତନର ଦ୍ୱାରଦେଶରେ ଠିଆ ହୋଇଛି, ଯାହାକୁ ବ୍ରେଟନ୍ ଉଡସ୍ ସମୟ ସହିତ ତୁଳନା କରାଯାଇପାରେ, ଆଉ ଭାରତ ଆଗାମୀ କିଛି ବର୍ଷ ମଧ୍ୟରେ ଯାହା କରିବ, ତାହା ଆଗାମୀ ଦଶନ୍ଧିମାନଙ୍କରେ ଭାରତର ଗତିପଥକୁ ନିର୍ଦ୍ଧାରଣ କରିବାକୁ ଯାଉଛି ।

# ତିନି ଶୁଆଙ୍କ କଥା

ବେଳେବେଳେ ସମ୍ପର୍କର ଆକାଶରେ ସମସ୍ୟାର କଳା ବାଦଲ ଦେଖା ଦେଇଥାଏ । କୌଣସି ନା କୌଣସି କାରଣରୁ ଜଣେ ଅନ୍ୟ ଜଣକୁ ଅଣଦେଖା କରି ଥାଆନ୍ତି । ସେ ସମୟରେ ଅଣଦେଖାର ଶିକାର ହୋଇଥିବା ମଣିଷଟି ବିରହ, ବିଚ୍ଛେଦରେ ଅନେକ ପୀଡ଼ା ପାଇଥାଏ ।
ସେଦିନ ଗଛରେ ବସିଥିବା ତିନିଟି ଶୁଆ ଜଣେ ଧନୀ ଘରର ଝରକା ପାଖରେ ବସିଲେ । ଧନୀ ଜଣକ ଶୁଆ ତିନୋଟିଙ୍କୁ ଖୁସିରେ ଖାଇବାକୁ ଦେଲା । ଶୁଆମାନେ ଖାଇସାରି ଉଡ଼ିଗଲେ । କିନ୍ତୁ ଭୁଲି ନଥିଲେ ସେହି ଧନୀର ସ୍ନେହ ଓ ଖାଦ୍ୟକୁ । କିଛି ଦିନ ପରେ ସେହି ଶୁଆ ତିନୋଟି ପହଞ୍ଚିଲେ ଧନୀକର ଝରକା ପାଖରେ । ଏଥର ଧନୀଲୋକଟି ଶୁଆଙ୍କୁ ଦେଖି ବିରକ୍ତିରେ ଝରକା ବନ୍ଦ କରିଦେଲା । କିଛି ସମୟ ବସି ଫେରି ଆସିଲେ ଶୁଆ ତିନୋଟି । ଅଳ୍ପ ଦିନ ପରେ ଦୁଇଟି ଶୁଆ ପହଞ୍ଚିଲେ ସେହି ସ୍ଥାନରେ । ଗୋଟିଏ ଗଲାନାହିଁ । ଏଥର ଧନୀଲୋକ ଶୁଆଙ୍କୁ ଘଉଡ଼ାଇଲା । ଫେରି ଆସିଲେ ଶୁଆ ଦୁଇଟି । ପୁଣି କିଛି ଦିନ ପରେ ତୃତୀୟ ଥର ପାଇଁ ତୃତୀୟ ଶୁଆ ପହଞ୍ଚିଲା ଧନୀର ଝରକା ପାଖରେ । ଝରକା ବନ୍ଦ ଥିଲା । ଶୁଆଟି ଫେରି ଆସିଲା । କିଛି ଦିନ ଗଲା । ଧନୀ ଲୋକଟି ଖାଦ୍ୟ ଧରି ତା'ର ଛାତ ଉପରେ ଶୁଆମାନଙ୍କୁ ଡାକୁଥିଲା ।

ସମ୍ପର୍କକୁ ଅତି ନିମ୍ନ ସ୍ତରକୁ ନିଆ ନଯାଉ । ଯେଉଁ ସମ୍ପର୍କ ତୁମ ପାଇଁ ପୀଡ଼ା ଏବଂ ସମସ୍ୟା ସୃଷ୍ଟି କରୁଛି, ସେଥିରୁ ମୁକୁଳି ଆସନ୍ତୁ । ପୂର୍ବରୁ ଫୋନ୍ କଲ୍‌ଟିଏ ଗଲେ ଯେଉଁ ଲୋକ ଖୁସି ହେଉଥିଲେ, ସେହି ଲୋକ ଯଦି ତୁମ ଫୋନ୍ କଲ୍ ଦେଖି ବିରକ୍ତ ହେଉଛନ୍ତି, ତେବେ ଆଉ ଫୋନ୍ କରି ବିରକ୍ତ କରନାହିଁ । ତାଙ୍କ ବିରକ୍ତିର କାରଣ ବି ଖୋଜନାହିଁ । ପ୍ରଥମ ଶୁଆ ଭଳି ଅଟକି ଯାଅ । ତୁମ ସହ ସମ୍ପର୍କ କାଟିବାକୁ କେହି ତୁମକୁ ଫୋନ୍‌ରେ ବ୍ଲକ୍ କରିଦେଲେ, ତାଙ୍କଠାରୁ ମଧ୍ୟ ଦୂରେଇ ଯାଅ ଦ୍ୱିତୀୟ ଶୁଆ ଭଳି । କୌଣସି କାରଣ ଖୋଜନାହିଁ । ତୃତୀୟ ଶୁଆ ହିଁ କାରଣ ଖୋଜୁଥିଲା ଧନୀ କାହିଁକି ଖାଇବାକୁ ଦେଉନାହିଁ ବୋଲି । ଶେଷରେ ନିରାଶ ହେଲା । ସମୟ ଆସିବ, ତୁମକୁ ପ୍ରତ୍ୟାଖ୍ୟାନ କରୁଥିବା ମଣିଷ ବି ଦିନେ ମନେ ପକାଇବ । ଖୋଜିବ । ଯେମିତି ଧନୀକ ଖୋଜୁଥିଲା ଶୁଆଙ୍କୁ ।

ତୁମେ ଗଢୁଥିବା ସମ୍ପର୍କ ସ୍ୱାର୍ଥଯୁକ୍ତ- ଶୁଆ ଖାଇବାକୁ ଆସିଲା ଭଳି । ଧନୀ ଥରୁଟିଏ ଦେଇଥିଲା । ତା' ମାନେ ସେ ସବୁବେଳେ ଦେବନାହିଁ । ତା'ର ବି ସମସ୍ୟା ଥାଇପାରେ । ପରସ୍ପର ସହିତ ବୁଝାମଣା ନହେଲେ ସମ୍ପର୍କରେ ସ୍ଥାୟିତ୍ୱ ରହି ନଥାଏ ।

ପଦ୍ମାରବିନ୍ଦ

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ନିୟନ୍ତ୍ରଣକୁ ଆସୁନି ତାଳଚେର ବାୟୁ ପ୍ରଦୂଷଣ



**ତାଳଚେର,୯।୧/ଏନ୍ଏନ୍ଏସ୍:** ରାଜ୍ୟର ସବୁଠାରୁ ଅଧିକ ବାୟୁ ପ୍ରଦୂଷିତ ସହରଭାବେ ତାଲିକାରେ ତାଳଚେର ଅନ୍ତର୍ଭୁକ୍ତ। ଦେଶର ବାୟୁ ପ୍ରଦୂଷଣ ତାଲିକାରେ ଥିବା ତାଳଚେର, ଅନୁଗୁଳ, ବାଲେଶ୍ୱର, କଟକରେ ବାୟୁ ଗୁଣବତା ସୂଚକାଙ୍କ (ଏକ୍ୟୁଆଇ) ୨ଶହତଳକୁ ଖସିଛି। କିନ୍ତୁ ଏବେବି ବାୟୁ ପ୍ରଦୂଷଣ ସ୍ଥିତି ଦୁର୍ବଳ ରହିଛି। ଆଜି ଶିଳ୍ପନଗରୀ ତାଳଚେରରେ ବାୟୁ ଗୁଣବତା ସୂଚକାଙ୍କ ୨୧୭ ସର୍ବୋଚ୍ଚ ରହିଥିବା ବେଳେ ସର୍ବନିମ୍ନ ୧୧୦ ରହିଥିବା ଇଣ୍ଟରନେଟ୍ ତଥ୍ୟରୁ ଜଣାପଡ଼ିଛି। ଗତକାଲି ସହରରେ ଏକ୍ୟୁଆଇ ୨୨୭ ରହିଥିବା ବେଳେ ଆଜି ୨୧୭ ରହିଥିବା ଜଣାପଡ଼ିଛି। ଯାହାକି ଅତି ଦୁର୍ବଳ ସ୍ଥିତିରେ ରହିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ରାସ୍ତା ଗୁଡ଼ିକରେ ପାଣିସିଞ୍ଚନ ବ୍ୟବସ୍ଥା, ସହର ମଧ୍ୟରେ ଭାରୀଯାନ ଚଳାଚଳ ନିଷିଦ୍ଧ, ଢ଼ାବା ଓ ହୋଟେଲ ଗୁଡ଼ିକରେ କଞ୍ଚା କୋଇଲା ଜାଳେଣି ଉପରେ କଟକଣା କରାଯାଇଥିଲା। ପ୍ରଥମଦିନ ସୁରୁଖୁରୁ ଚାଲିଥିଲା ଏବଂ ପ୍ରଦୂଷଣ ମଧ୍ୟ ୩ଶହରୁ ଖସି ଆସିଥିଲା। ମାତ୍ର ଜିଲ୍ଲାପାଳ ଜାତୀୟ ରାଜପଥ ସମେତ କୋଇଲା ଖଣି ଅଞ୍ଚଳର ରାସ୍ତା ଗୁଡ଼ିକରେ ନିୟମିତ ପାଣି ସିଞ୍ଚନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କେବଳ ଜାତୀୟ ରାଜପଥ ଓ ଆଉ କିଛି କାଁଭାଁ ରାସ୍ତାରେ ଅଳ୍ପମାତ୍ରାରେ ପାଣି ସିଞ୍ଚନ କରୁଥିବାରୁ ଭାରୀଯାନ ଚଳପ୍ରଚଳ ଯୋଗୁଁ ପାଣି ସୁଖି ଯାଉଥିବାରୁ ପ୍ରଚୁର ଧୂଳି ଉଡୁଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଏହି ପାଣି ସିଞ୍ଚନ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବା ସହିତ ରାସ୍ତା ସମେତ ଏହାର ଉଭୟପାର୍ଶ୍ୱରେ ପ୍ରଚୁର ଧୂଳି ଜମି ରହୁଥିବାରୁ, ଭାରୀଯାନ ଚଳାଚଳ ବେଳେ ପ୍ରଚୁର ଧୂଳି ଉଡୁଥିବାରୁ ରାସ୍ତା ଦୃଶ୍ୟମାନ ହେଉନାହିଁ। ଏହାର ପ୍ରତିକାର ନେଇ ଜିଲ୍ଲାପାଳ ତୁରନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜମି ରହିଥିବା ଧୂଳିକୁ ଉଠାଇବା ବ୍ୟବସ୍ଥା କରିବା ସହିତ ବ୍ୟାପକ ପାଣି ସିଞ୍ଚନ କରିବା ପାଇଁ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବାକୁ ଏମସିଏଲ, ତାଳଚେର ପୌରପରିଷଦ, ପରିବହନ ବିଭାଗ, ସ୍ଥାନୀୟ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି



**କେନ୍ଦ୍ରାପଡ଼ା,୯।୧/ଏନ୍ଏନ୍ଏସ୍:** ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଗତକାଲି ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆଠାରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସକାଳ ୮.୩୦ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସ ଦିନ ରାମଧୂନ ପରିବେଷଣ, ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ସମେତ ପ୍ୟାରେଡ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏହାସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜେଲରେ ମୁଖ୍ୟଅତିଥିଙ୍କ ଦ୍ୱାରା ମିଷ୍ଟାନ ଏବଂ ଫଳ ବଣ୍ଟନ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲୀକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ସଚ୍ଚିଦାନନ୍ଦ ମିଶ୍ର, ଡିଏସପି ଡିଆର୍ଭି ଲକ୍ଷ୍ମୀନାରାୟଣ ତିୱାରୀ, ରିଜର୍ଭ ଇନ୍ସପେକ୍ଟର ଅଫ ପୁଲିସ ପ୍ରଶାନ୍ତ କୁମାର ରଣସିଂ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଡିପିସି ମିଶନ ଶକ୍ତି ଆରତୀ ସାହୁ, ଏସ୍ଇଆର୍ଏଣ୍ଡବି ରତିକାନ୍ତ ବେହେରା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ସାନ୍ତୁନୁ କୁମାର ଜେନା ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ବିଧାୟକ



**ଅନୁଗୁଳ,୯।୧/ଏନ୍ଏନ୍ଏସ୍:** ଆଜି ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ମହାମହିମ ଦ୍ରୌପଦୀ ମୁର୍ମୁଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ଅନୁଗୁଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସାକ୍ଷାତ କରି ଅନୁଗୁଳ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଶତବାର୍ଷିକୀ ସମାରୋହରେ ଯୋଗଦେବାକୁ ଅନୁରୋଧ କରିବା ସହିତ ଅନୁଗୁଳ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଅନୁଗୁଳ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ ବିଷୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ସାକ୍ଷାତକାରରେ ଅନ୍ୟମାନଙ୍କ ମଧ୍ୟରେ ନାଲକୋ ଟ୍ରକ୍ ମାଲିକ ସଂଘ ତଥା ନାଲ୍କୋ କଣ୍ଟ୍ରାକ୍ଟର ସଂଘର ସଭାପତି ମନୋରଞ୍ଜନ ଜେନା, ବିଜେପି ନେତା ତଥା ସମାଜସେବୀ ଦୁଃଖବନ୍ଧୁ ସାହୁ, ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ର ଅଧ୍ୟକ୍ଷ ଶ୍ରୀ ଅଶୋକ ଜୈନ, ସଭାପତି ଶ୍ରୀ ଦୀପକ କୁମାର ବର୍ମା, ଉପସଭାପତି ଶ୍ରୀ ବିକ୍ରମ ଅଗ୍ରୱାଲ, ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ମୁଖ୍ୟ ସଂଯୋଜକ ତଥା ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ଅନୁଗୁଳ ଓ ଅନୁଗୁଳ ଜିଲ୍ଲାରେ ପ୍ରତିଷ୍ଠିତ ଥିବା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଅଗ୍ରଗତି ନେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା,୯।୧/ଏନ୍ଏନ୍ଏସ୍:** ଜମଧର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆଜି ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାପାଳ ସରକାରୀ ନିୟମ ଅନୁଯାୟୀ ସମସ୍ତ ପଞ୍ଜିକୃତ ଚାଷୀମାନଙ୍କ ଧାନ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଭାବେ କ୍ରୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ଥିରିକୃତ ନିୟମାବଳୀ ବିଷୟରେ ମତ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମବାୟ ସମିତିର ଉପନିବନ୍ଧକ ପ୍ରଭାକର ନାୟକ,ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ,ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା ,ବିକ୍ରମ ରାଉତରାୟ, ଆରଏମସି ଉପସଭାପତି ବିଜୟ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ଜମଧର ପେକ୍ସ ସମ୍ପାଦକ ବୈରାଗୀ ଚରଣ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର ପାଗଳ ଅତିଥି ପରିଚୟ ପ୍ରଦାନ କରିଥିଲେ।ଚାଷୀ ସଂଘର ସଭାପତି ଶରତ ଚନ୍ଦ୍ର ମିଶ୍ର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହିତ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ମଧ୍ୟ ତାଙ୍କ ମତ ଉପସ୍ଥାପନ କରିଥିଲେ। ଜମଧର ପ୍ରାଥମିକ କୃଷି ସମବାୟ ସମିତି ଲିଃ.ର ସଭାପତି ଧରଣୀଧର ଦାସ ସଭାପତିତ୍ୱ କରିଥିବା ବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ସମବାୟ ସମିତିର ପରିଚାଳନା ପରିଷଦର ସଭାନେତ୍ରୀ ମମତା ପ୍ରଧାନ, କୈଳାସ ଚନ୍ଦ୍ର ଦାସ, ବସନ୍ତ ଜେନା, ଅମୟ ମଳିକ, ଅକ୍ଷୟ ବାରିକ, ନମିତା ଦାସ, କୃଷ୍ଣଚନ୍ଦ୍ର ଦାସ, ଗୀତାଞ୍ଜଳି ବେହେରା, ଅଭିନାଶ ବାରିକ, ସଂଗମ ସାମଲ, ଭୀମସେନ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ନିର୍ଦ୍ଦେଶ ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପାଖାପାଖି ୩ ଶହ ଚାଷୀ ଉପସ୍ଥିତ ଥିଲେ।

# କିଡ୍‌ନୀ ପ୍ରତିରୋପଣ ପାଇଁ ଅର୍ଥ ସାଜିଛି ବାଧକ



**ପରଜଙ୍ଗ,୯।୧/ଏନ୍ଏନ୍ଏସ୍:** କିଡ୍‌ନୀ ପ୍ରତିରୋପଣ ପାଇଁ ଅର୍ଥ ସାଜିଛି ବାଧକ। ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ ସରାଙ୍ଗ ଗ୍ରାମର ଅଲେଖ ମହାଳିକ ଓ ସବିତା ମହାଳିକଙ୍କ କନ୍ୟା ଅର୍ପିତା ମହାଳିକ (୧୬)। ଅର୍ପିତା ମହାଳିକ ସରାଙ୍ଗ ଆଇଜିଆଇଟିରେ ପ୍ରଥମ ବର୍ଷ ଛାତ୍ରୀ। ତାଙ୍କର ଦୁଇଟି ଯାକ କିଡ୍‌ନୀ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ଘରଖଣ୍ଡିକ ବ୍ୟତୀତ ଯାହା କିଛି ଉପାର୍ଜିତ ଅର୍ଥ ଓ ଜମିବାଡି ଥିଲା ସବୁକିଛି ଝିଅର ଚିକିତ୍ସାରେ ଖର୍ଚ୍ଚ ହୋଇଯାଇଅଛି। ମାଆ ସବିତା ମହାଳିକ ଗୋଟିଏ କିଡ୍‌ନୀ ଦେଇ ପ୍ରତିରୋପଣ କରିବା ପାଇଁ ଅର୍ଥ ସାଜିଛି ବାଧକ। ଅଲେଖ ମହାଳିକ ଜଣେ ରାଜମିସ୍ତ୍ରୀ ହୋଇଥିବା ବେଳେ ଘରେ ଅଛନ୍ତି ଆଉ ଏକ ବଡ଼ିଲା ଝିଅ ଓ ଭିନ୍ନକ୍ଷମ ଅକ୍ଷମ ପୁତ୍ର। ଏଭଳି ପରିସ୍ଥିତିରେ ଘରର ଏକମାତ୍ର ରୋଜଗାର ପନ୍ଥା ବନ୍ଦ ହୋଇଯାଇଥିବା ବେଳେ କାନ୍ଦି କାନ୍ଦି ସର୍ବ ସାଧାରଣ, ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଝିଅର ଚିକିତ୍ସା ଏବଂ ପ୍ରତିରୋପଣ ନିମିତ୍ତ ସାହାଯ୍ୟ ପାଇଁ ହାତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଏହି ଫୋନ୍ ପେ ନଂ -୭୦୬୪୨୧୩୪୬୨। ବ୍ୟାଙ୍କ୍ ଆ/ନଂ -୨୦୨୧୪୯୩୫୦୬୮। ଅଲେଖ ମହାଳିକ। ଯୋଗାଯୋଗ -ମୋ ନଂ -୭୦୬୪୨୧୩୪୬୨।

# ଆର୍‌ଆଇ ସୁରେନ୍ଦ୍ର ଦାସ ଗିରଫ



**ଆଠମଲ୍ଲିକ,୯।୧/ଏନ୍ଏନ୍ଏସ୍:** ଆଠମଲ୍ଲିକ ବ୍ଲକ୍ ଟୁସର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ଦାସ ୬ହଜାର ଟଙ୍କା ଲାଞ୍ଚ ନେବାବେଳେ ଅନୁଗୁଳ ଭିଜିଲାନ୍ସ ଜାଲରେ ଧରାପଡ଼ି ଗିରଫ ହୋଇଛନ୍ତି। ଟୁସର ରାଜସ୍ୱ ଅଧୀନରେ ଥିବା ଦୌଲତପୁର୍ ଗ୍ରାମର ତରଣୀ ପ୍ରଧାନ ଜମି ଚିହ୍ନଟ ପାଇଁ ତାଙ୍କ ପୁଅ ସତ୍ୟାନନ୍ଦ ଆଠମଲ୍ଲିକ ତହସିଲରେ ଦୀର୍ଘଦିନ ହେଲା ଆବେଦନ କରିଥିଲେ। ଉକ୍ତ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ୬ହଜାର ଟଙ୍କା ଜମି ଚିହ୍ନଟ କରିବା ପାଇଁ ଦାବି କରିଥିଲେ। ଏନେଇ ସତ୍ୟାନନ୍ଦ ଅନୁଗୁଳ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସତ୍ୟାନନ୍ଦ ଗୁରୁବାର କିଆକଟା ରାଜସ୍ୱ କାର୍ଯ୍ୟାଳୟ ରେଷ୍ଟ ରୁମ୍‌ରେ ଥିବାବେଳେ ସୁରେନ୍ଦ୍ର ତାଙ୍କୁ ୬ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏ ସମୟରେ ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାଟ୍ରା, ଏସ୍ଆଇ ସଞ୍ଜୟ ପଟ୍ଟନାୟକ ,ରୁଦ୍ର ନାରାୟଣ ବିଶ୍ୱାଳ, ପ୍ରିୟବ୍ରତ ପ୍ରଧାନ, ଅଖିଳ ସାହୁ, ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

# ବେଢ଼ାରୀ ସୋସାଇଟିରେ ଖୋଲିଲା ଧାନମଣ୍ଡି



**ପାଟକୁରା,୯।୧/ଏନ୍ଏନ୍ଏସ୍:** ଗରଦପୁର ବ୍ଲକ ଅଧିନସ୍ଥ ବେଢ଼ାରୀ ପ୍ରାଥମିକ କୃଷି ସମବାୟ ସମିତିରେ ବହୁ ପ୍ରତିକ୍ଷିତ ଧାନ ମଣ୍ଡି ଶୁକ୍ରବାର ଖୋଲିଲା। ଚାଷୀଙ୍କ ଧାନବସ୍ତା ସହ ଓଜନ ମେସିନ ଓ ଧାନର ମାନ ନିର୍ଦ୍ଧାରଣ ମେସିନକୁ ପୂଜାର୍ଚ୍ଚନା ପରେ ସୋସାଇଟିର ସଭାପତି ଘନଶ୍ୟାମ ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଏହି ସୋସାଇଟିର ପୂର୍ବତନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁବାସ ଖୁଣ୍ଟିଆ, ବେଢ଼ାରୀ ସର୍କଲ ଆରଆଇ. ଜିତାମିତ୍ରା ସ୍ୱାଇଁ, ସମ୍ପାଦକ ଉମାକାନ୍ତ ସାହୁ, ଧାନ ସଂଗ୍ରହଣ କମିଟିର ସଭାପତି ଚିତ୍ତ ରଞ୍ଜନ ଚୌଧୁରୀ, ଗିରିଶ ଜେନା, ରାଜେନ୍ଦ୍ର ପରିଡା, ସୋସାଇଟିରଡ଼ାଇରେକ୍ଟର ବୋର୍ଡ ମେମ୍ବର ଜୀବନାନନ୍ଦ ଚୌଧୁରୀ, ଦିଲୀପ ସାହୁ, ଭଜହରି ସାହୁ, କଙ୍ଗାଳି ବେହେରା, ଆରତୀ ଖୁଣ୍ଟୁର, ସହ ସମ୍ପାଦିକା ଦିପ୍ତିମୟୀ ମହାନ୍ତି, ମନୋଜ ସାହୁ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରା, ରବୀନ୍ଦ୍ରନାଥ ବାରିକ, ଧ୍ରୁବ ଚରଣ ସାହୁ, ରଞ୍ଜିତ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧାନମଣ୍ଡି ସୁରୁଖୁରୁରେ ଚାଲି ଚାଷୀଙ୍କ ଧାନ ଠିକଣା ମାର୍ଗରେ ମିଲରମାନେ ଆସି ନେବାକୁ ଗୁରୁତ୍ୱ ଆରୋପ କରିଥିଲେ। ଏଯାଏ ଚାଷୀଙ୍କ ପାଖରେ ଟୋକାନ ପହଞ୍ଚି ପାରିନାହିଁ। ଗତବର୍ଷ ଏହି ସୋସାଇଟି ମାଧ୍ୟମରେ ୨୦୭ ଜଣ ଚାଷୀ ୪ ହଜାର ୧୧୮ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। ଚଳିତ ବର୍ଷ ୨୯୯ ଜଣ ଚାଷୀ ମଣ୍ଡିରେ ଧାନ ଦେବାକୁ ପଞ୍ଜିକରଣ କରିଥିବା ସମ୍ପାଦକ ଉମାକାନ୍ତ ସାହୁ କହିଛନ୍ତି। ବେଢ଼ାରୀ ଓ ପଦ୍ମପୁର ପଞ୍ଚାୟତର ଅନେକ ଚାଷୀ ଏହି ଉତ୍ସବରେ ଉପସ୍ଥିତ ଥିଲେ।

# ପ୍ରେସ୍‌କ୍ଲବ୍‌ର ସାଧାରଣ ପରିଷଦ ବୈଠକ



**ବଡ଼ଚଣା,୯।୧/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲାର ସର୍ବପୁରାତନ ସାମ୍ବାଦିକ ସଂଘ ପ୍ରେସ୍‌କ୍ଲବ ଚଣ୍ଡିଖୋଲର ଏକ ସାଧାରଣ ପରିଷଦ ବୈଠକ ପ୍ରେସ୍‌କ୍ଲବ ସଭାଗୃହରେ ସଭାପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକମାନେ ସତ୍ୟନିଷ୍ଠ,ନିର୍ଭୀକ,ନିରପେକ୍ଷ ସମ୍ବାଦ ପରିବେଷଣ କରିବା ସହିତ ସାମ୍ବାଦିକମାନଙ୍କ ମଧ୍ୟରେ ଏକତା, ଭାଇଚାରା ରକ୍ଷା କରିବା, ସାମାଜିକ ସୁରକ୍ଷା ଓ ସାମ୍ବାଦିକମାନଙ୍କୁ ପେନସନ୍ ପ୍ରଦାନ, ସମେତ ବଣ ଭୋଜି, ସାଧାରଣତନ୍ତ୍ର ଦିବସ ପାଳନ ଉପରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ନିୟୁଜ୍ ସେଭେନ୍ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ବିୟୋଗର ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ହେମସ କୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ମହାନ୍ତି,ଆବାହକ ସଞ୍ଜୟ କୁମାର ସ୍ୱାଇଁ, ଦୁଇ ଉପସଭାପତି ସମରେନ୍ଦ୍ର ମାହାଲା ଓ ପ୍ରଶାନ୍ତ କୁମାର ଜେନା, ସହ ସମ୍ପାଦକ ସେକ୍ ସବିରୁଦ୍ଦିନ୍, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ, ସାଂସ୍କୃତିକ ସଂପାଦକ ସୁରେନ୍ଦ୍ର କୁମାର ସାମଲ, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରତାପ କୁମାର ରାଉତରାୟ, ଶିବରାମ ସାହୁ, ନରେନ୍ଦ୍ର କୁମାର ରାଉତ, ଦେବବ୍ରତ ଦେବତା, ଭାରତ ଭୂଷଣ ପଣ୍ଡା, ମୋହନ ଖିଲାର, ମହେଶ୍ୱର ରାଉତ, ମସିର ଆଲାମ, ଅଜିତ୍ କୁମାର ମିଶ୍ର, ସୁଶିଲ କୁମାର ଜେନା, ବସନ୍ତ ପଲେଇ, ତ୍ରିଲୋଚନ ବେହେରା, ରଶ୍ମି ରଞ୍ଜନ ବିଶ୍ୱାଳ, ଚିନ୍ମୟ ପୃଷ୍ଟି, ମନୋଜ କୁମାର ସାହୁ, ବେଦପ୍ରକାଶ ଦାସ, ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କନିଷ୍ଠଯନ୍ତ୍ରୀଙ୍କ ମୃତ୍ୟୁରେ ଶୋକସଭା

**କାମାକ୍ଷାନଗର,୯।୧/ଏନ୍ଏନ୍ଏସ୍:** କାମାକ୍ଷାନଗର ପଞ୍ଚାୟତ ସମିତିରେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ମନୋଜ କୁମାର ଦାସଙ୍କ ଅକାଳବିୟୋଗ ହୋଇଯାଇଛି। ବୁଧବାର ରାତିରେ ଘରେ ଶୋଇଥିବା ବେଳେ ହଟାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ମେଡିକାଲ୍‌ରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କନିଷ୍ଠଯନ୍ତ୍ରୀଙ୍କ ଏହି ଅକାଳ ବିୟୋଗକୁ ନେଇ ଆଜି କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ଠାରେ ପଞ୍ଚାୟତ ସମିତି ତରଫରୁ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ବିଡିଓ ପ୍ରଭୁ କଲ୍ୟାଣ ଦାସଙ୍କ ସଭାପତିତ୍ୱରେ ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ, ସମସ୍ତ ଅଧିକାରୀ ଓ କର୍ମଚାରୀ ବୈଠକରେ ସାମିଲ ରହି ମନୋଜ କୁମାର ଦାସଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ସ୍ୱର୍ଗତ ମନୋଜ କୁମାର ଦାସଙ୍କ କାର୍ଯ୍ୟଶୈଳୀ ଓ କର୍ତ୍ତବ୍ୟନିଷ୍ଠା ଉପରେ ଆଲୋଚନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

# ଗୋବିନ୍ଦପୁର ସମବାୟ ସମିତି ପକ୍ଷରୁ ଖୋଲିଲା ଧାନମଣ୍ଡି



**ଆଳି,୯।୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାରେ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଯାଇଛି ଧାନମଣ୍ଡି। ଏହି ଅବସରରେ ଆଳି ବ୍ଲକର ଗୋବିନ୍ଦପୁର ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ଗୋବିନ୍ଦପୁର ସମବାୟ ସମିତିର ସମ୍ପାଦକ ବିରଜା ପ୍ରସାଦ ଦାସଙ୍କ ନେତୃତ୍ୱରେ ସମବାୟର ସଭାପତି ଧନରଞ୍ଜନ ବୋଷ ମଣ୍ଡି ଉଦଘାଟନ କରିଥିଲେ। ମଣ୍ଡିରେ ଧାନ ବିକ୍ରି କରି ସରକାରୀ ମୂଲ୍ୟ ନେବା ନିମନ୍ତେ ଚାଷୀମାନଙ୍କୁ ନିବେଦନ କରିଛନ୍ତି ସଭାପତି ଓ ସଂପାଦକ। ଚାଷୀମାନେ କିଭଳି ଭାବେ ସୁରକ୍ଷିତ ଭାବେ ନିଜର ଧାନ ବିକ୍ରି କରିପାରିବେ ଓ ସରକାରୀ ମୂଲ୍ୟ ପାଇପାରିବେ ସେ ନେଇ ସମବାୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମଣ୍ଡି ଉଦଘାଟନ ସମୟରେ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ। ଧାନମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବା ବେଳେ ଚଳିତଥର ଆଳି ବ୍ଲକର ୧୩ ଟି ମଣ୍ଡି ଖୋଲାଯିବାକୁ ଥିଲା। ଶୁକ୍ରବାର ଦିନ ଗୋବିନ୍ଦପୁର ସମବାୟ ସମିତି ପକ୍ଷରୁ ମଣ୍ଡି ଖୋଲାଯାଇଛି। ଅନ୍ୟ ସମବାୟ ସମିତିଗୁଡିକ କେବେ ମଣ୍ଡି ଖୋଲିବେ ତାହା ଜଣାପଡିନି। ଖୁବଶୀଘ୍ର ସମସ୍ତ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି।

# ଯାଜପୁର ଗସ୍ତରେ ରାଜ୍ୟ ମୁଖ୍ୟ ସୂଚନା କମିଶନର



**ଯାଜପୁର,୯।୧/ଏନ୍ଏନ୍ଏସ୍:** ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ କୁମାର ପରିଡ଼ା ଦିନିକିଆ ଯାଜପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ସୂଚନା ଅଧିକାରୀ ଏବଂ ସହକାରୀ ଜନ ସୂଚନା ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏବଂ ଯାଜପୁର ଜିଲ୍ଲାରେ ୨୦୨୫ ବର୍ଷ ପାଇଁ ସୂଚନା ଅଧିକାର ମାମଲାଗୁଡ଼ିକର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ସହ ଜିଲ୍ଲାର ବିଭିନ୍ନ ଜନ ସୂଚନା ଅଧିକାରୀ (ପିଆଇଓ)ଏବଂ ସହ ଜନ ସୂଚନା ଅଧିକାରୀ (ଏପିଆଇଓ) ଉପସ୍ଥିତ ଥିଲେ। କମିଶନର ଶ୍ରୀ ପରିଡ଼ା ବୈଠକରେ ସୂଚନା ଅଧିକାର ଆଇନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପିଆଇଓ ଏବଂ ପ୍ରଥମ ଆପିଲେଟ ଅଥରିଟିମାନେ କୌଣସିମତେ ଆବେଦନକାରୀଙ୍କୁ ସୂଚନା ଅଧିକାର ଆବେଦନର କାରଣ ପଚାରିବେ ନାହିଁ। ଯଦି ଅନ୍ୟ ବିଭାଗର ଆରଟିଆଇ ଆବେଦନ ପାଇଛନ୍ତି, ତେବେ ଆବେଦନକୁ ଫେରସ୍ତ ନକରି ସଂପୃକ୍ତ ବିଭାଗକୁ ପ୍ରେରଣ କରିବେ। କେବଳ ଦେଶର ସୁରକ୍ଷା, ଅଖଣ୍ଡତା, ପ୍ରତିରକ୍ଷା ସମ୍ପର୍କିତ ଗୁପ୍ତ ତଥ୍ୟ ଏବଂ ଦରମା, ଜାତି ଭଳି ବ୍ୟକ୍ତିଗତ ତଥ୍ୟକୁ ସୂଚନା ଅଧିକାର ଆଇନରୁ ବାଦ୍ ଦିଆଯାଇଛି ବୋଲି ମୁଖ୍ୟ ସୂଚନା କମିଶନର ସ୍ପଷ୍ଟ ଭାବେ ବୁଝାଇଥିଲେ। ଲୋକଙ୍କୁ ସଠିକ୍ ସମୟରେ ସଠିକ୍ ସୂଚନା ପ୍ରଦାନ କରିବା ପାଇଁ ସେ ପିଆଇଓମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନା ଅଧିକାର ଆଇନକୁ ପାଳନ କରିବାର ଅର୍ଥ ଗଣତନ୍ତ୍ରକୁ ସମ୍ମାନ ଦେବା ବୋଲି କମିଶନର କହିଥିଲେ। ବୈଠକରେ ଉପସ୍ଥିତ ଜନ ସୂଚନା ଅଧିକାରୀମାନେ ସୂଚନା ଅଧିକାର ସମ୍ପର୍କିତ ବିଭିନ୍ନ ସଂଶୟ ଦୂର କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ଅଶୋକ କୁମାର ବେହେରା ବୈଠକକୁ ସଂଯୋଜନା କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବନ୍ଧୁମିଳନ



**କେନ୍ଦ୍ରାପଡ଼ା,୯।୧/ଏନ୍ଏନ୍ଏସ୍:** ଇଚ୍ଛାପୁରସ୍ଥିତ ମା'ବାରଙ୍ଗେଇ ଠାକୁରାଣୀ ମନ୍ଦିର ପରିସରରେ କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବନ୍ଧୁମିଳନ ଓ ବଣଭୋଜି ସଭାପତି ଡ. ଉପେନ୍ଦ୍ରନାଥ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ଉପଦେଷ୍ଟା ଅଜୟ ସାମଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ସମସ୍ତଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ବାର୍ତ୍ତା ସମ୍ପାଦକ ପ୍ରକୃତି ବନ୍ଧୁ ନୃସିଂହ ଚରଣ ତ୍ରିପାଠୀ ସମସ୍ତଙ୍କୁ ଇଂରାଜୀ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସଙ୍ଗେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ସଭ୍ୟ ପ୍ରାକ୍ତନ ଅଧ୍ୟକ୍ଷମୋହନ ଚରଣ ଜେନା, ସଂଘର କାର୍ଯ୍ୟକାରୀ ସଭାପତି ଡ. ଦିଲ୍ଲୀପ କୁମାର ମିଶ୍ର। ସଭ୍ୟ ମଦନ ମୋହନ ରାଉତ ଚମ୍ପୁ, ଛାନ୍ଦ ଓ ଭଜନ ଗାନ କରିଥିଲେ। ସଂଗଠନ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ ସମାଜର ହିତସାଧନ ନିମନ୍ତେ ବୃକ୍ଷରୋପଣ, ପରିବେଶ ସୁରକ୍ଷା ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଉକ୍ତ ବଣଭୋଜିରେ ସର୍ବଶ୍ରୀ ଗୋଲଖ ଚନ୍ଦ୍ର ମହାଭୋଇ, ପ୍ରଭାକର ସାମଲ, ମଧୁସୂଦନ ବାରିକ, ଅଧିକାରୀ ରାଧାକୃଷ୍ଣ ଦାଶ, ଦୟାନିଧି ପାତ୍ର, କ୍ଷୀରୋଦ ସାମଲ, ବିକ୍ରମ ମଲ୍ଲ, ରବିନ୍ଦ୍ର ଜେନା, ସୁକାନ୍ତ ସାହୁ, ଡା. ରମାନାଥ ମହାନ୍ତି, ବିଜୟ ଦାସ, ବିଜୟ ବେହେରା, ତ୍ରିଲୋଚନ ପ୍ରଧାନ,ଶଶୀକାନ୍ତ ମହାରଣା, ଧିରେନ ବେହେରା, ବେଣୁଧର ଶତପଥି, ଡ.ଚୈତନ୍ୟ ଚରଣ ପରିଡା, ସନାତନ ସାମଲ, ମଧୁସୂଦନ ରାଉତ, ଉପେନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ପଟ୍ଟନାୟକ, ପବିତ୍ର ମୋହନ ପଟ୍ଟନାୟକ, ଅଖିଳ ସାହୁ, କେଦାର ସ୍ୱାଇଁ, ବିଦ୍ୟାଧର ମହାନ୍ତି, ଅଲେଖ ପ୍ରଧାନ, ମାଧବ ଚନ୍ଦ୍ର ପତ୍ରୀ, ବସନ୍ତ ନାୟକ, ପ୍ରସନ୍ନ ସାହାଣୀ, ଅମୀୟ ନାୟକ, ନବଘନ ମହାରଣା,ବିଷ୍ଣୁଚରଣ ମହାପାତ୍ର, ପ୍ରଫୁଲ ପତି, ଡ. ବଳରାମ ଲେଙ୍କା ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମେ ବରିଷ୍ଠ ସଭ୍ୟ ସ୍ୱର୍ଗତ ନିରଞ୍ଜନ ଖଟୁଆଙ୍କ ଦେହାନ୍ତରେ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୬.୨୭ କୋଟିର ସାଇବର ଠକେଇ, ୫ ଗିରଫ

**ଫୁଲବାଣୀ,୯।୧/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ସାଇବର ପୁଲିସ ଏକ ବଡ ଧରଣର ସାଇବର ଠକାମୀର ପର୍ଦ୍ଦାଫାସ କରିଛି। ଘଟଣାର ତଦନ୍ତ ପରେ ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା ମ୍ୟୁଲ ଆକାଉଣ୍ଟ ଜରିଆରେ ୬ କୋଟି ୨୭ ଲକ୍ଷ ଟଙ୍କାର ସାଇବର୍ ଠକେଇ ହୋଇଥିବା ପୁଲିସ ଜାଣିପାରିଛି। ଘଟଣାର ମାଷ୍ଟରମାଇଣ୍ଡ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି ଘଟଣାର ଅଧିକ ତଦନ୍ତ ଚାଲିଥିବା ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦ ଶୁକ୍ରବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ପୁଲିସ ଭୁବନେଶ୍ୱରରେ ସୂର୍ଯ୍ୟୋଦୟ ବ୍ୟାଙ୍କରେ କାମ କରୁଥିବା ମାଷ୍ଟରମାଇଣ୍ଡ ତୁଷାରକାନ୍ତି ଦାସଙ୍କୁ ଉଠାଇ ଆଣି ପଚରା ଉଚରା କରିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା । ଏହି ଘଟଣାରେ ଆଉ ୪ ଜଣଙ୍କ ସମ୍ପୃକ୍ତି ଥିବା ଜଣା ପଡିବା ପରେ ସେମାନଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଫୁଲବାଣୀର ଅବିନାଶ ମହାପାତ୍ର, କିରଣ କୁମାର ବେହେରା, ଗୋପାଳ ସିଂ ଓ ବାଦଲ କୁମାର ସ୍ୱାଇଁ । ୧୦ ମ୍ୟୁଲ ଆକାଉଣ୍ଟଧାରୀଙ୍କୁ ନୋଟିସ ଜାରି କରାଯାଇଛି ।

## ପ୍ରଥମ ପୃଷ୍ଠାରୁ

### ଅକ୍ଷୟ ଶକ୍ତି ପାଇଁ ଟାଟା ...

ଦୁଇଟି ପର୍ଯ୍ୟାୟରେ ବିକଶିତ ହେବ। ଏହାର ସାମଗ୍ରିକ କ୍ଷମତା ୧୦ ଜିଡବ୍ଲ୍ୟୁ ଇନଗଟ୍-ୱେଫର ଏବଂ ୫ ଜିଡବ୍ଲ୍ୟୁ ସୌର ସେଲ୍ ଉତ୍ପାଦନ ହେବ। ପ୍ରାୟ ୧୦ ହଜାର କୋଟି ନିବେଶ ହେବ। ୫,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏଥିରେ ଉଚ୍ଚ-ଦକ୍ଷତା-କୁଶଳୀ ନିଯୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୩୪ ତମ ବୈଠକ ବସିଥିଲା। ଏଥିରେ ମୋଟ୍ ୮ଟି ବିଭାଗର ୧୧ଟି ପ୍ରସ୍ତାବରେ ମୋହର ବାଜିଛି। ତନ୍ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୩ଟି, ଜଳସମ୍ପଦ ବିଭାଗର ୨ଟି, ଶିଳ୍ପ, ଗୃହ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପର୍ଯ୍ୟଟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ରାଜସ୍ୱ ଆଦି ବିଭାଗରେ ଗୋଟିଏ କରି ପ୍ରସ୍ତାବ ଅନ୍ତର୍ଭୁକ୍ତ। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ ଟାଟା ପାୱାର ନବୀକରଣୀୟ ଶକ୍ତି ଲିମିଟେଡର ସମନ୍ୱିତ ସୌର ଉତ୍ପାଦନ ସୁବିଧାକୁ ଓଡ଼ିଶା କ୍ୟାବିନେଟ ଅନୁମୋଦନ କରିଛି। ଏଭଳି ଅକ୍ଷୟ ଶକ୍ତି ଉତ୍ପାଦନର ଅନୁକୂଳ ପରିବେଶ ସୃଷ୍ଟି କରି ଡାଉନ୍‌ଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ ନିବେଶକୁ ସୁଲଭ କରିବ। ସୌର ଶକ୍ତି ଉତ୍ପାଦନରେ ଓଡ଼ିଶା ଆତ୍ମ ନିର୍ଭର ହୋଇପାରିବ। ୨୦୩୦ ସୁଦ୍ଧା ୧୦୦ ଜିଡବ୍ଲ୍ୟୁ ଘରୋଇ ସୌର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ହାସଲ କରବାର ଭାରତର ଲକ୍ଷ୍ୟକୁ ସହଜ ମଧ୍ୟ କରିବ। ଏହା କାଚ, ରାସାୟନିକ ପଦାର୍ଥ, ପ୍ୟାକେଜିଂ, କ୍ଷେତ୍ରରେ ସହାୟକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମଧ୍ୟ ପ୍ରୋତ୍ସାହିତ ହାସଲ କରିବା ସହ ଟିକସ ରାଜସ୍ୱ ବୃଦ୍ଧି କରିବ। ଶ୍ରୀମତୀ ଗର୍ଗ କହିଥିଲେ ଟାଟା ପାୱାର ପୂର୍ବରୁ ଭାରତରେ ବଡ଼ ଧରଣର ସୌର ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନ କାର୍ଯ୍ୟ କରୁଥିବାରୁ ଏହି ପ୍ରକଳ୍ପ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି, ଶିଳ୍ପ ନୀତିରେ ସ୍ଥିରତା ଏବଂ ସୁବିଧା ପ୍ରତି ନିବେଶକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପ ସବୁଜ ଶିଳ୍ପାୟନ, ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନ ଏବଂ ଶିଳ୍ପ ବିବିଧତା ପାଇଁ ରାଜ୍ୟର ଦୃଷ୍ଟିକୋଣ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିବା ସହ ଭାରତରେ ଅକ୍ଷୟ ଶକ୍ତି ଉପକରଣ ଉତ୍ପାଦନ ପାଇଁ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ସ୍ଥାନିତ କରିବ ବୋଲି ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଛନ୍ତି।

### ଓଡ଼ିଶା ସରକାରଙ୍କୁ ...

ଗୁରୁତ୍ୱ ଦିଆଯାଇଛି। ସେହିପରି ହର ଘର ଜଳ ପ୍ରମାଣପତ୍ର ହାସଲ କରିବା, ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସଠିକ ସମୟରେ ପାନୀୟଜଳ ଯୋଗାଇ ଦେବା ପାଇଁ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ହିଁ ଉକ୍ତ ବ୍ୟବସ୍ଥାର ଅଂଶ ବିଶେଷ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଏହି ପଦକ୍ଷେପ ସମ୍ପୂର୍ଣ୍ଣ ଭାବରେ ଏକ ସାମୟିକ ଆର୍ଥିକ ବ୍ୟବସ୍ଥା। ଏହା କେନ୍ଦ୍ର ସରକାରଙ୍କ ଠାରୁ ନିର୍ଦ୍ଧାରିତ ଅର୍ଥ ପ୍ରାପ୍ତି ପରେ ସମ୍ପୂର୍ଣ୍ଣ ଭାବରେ ସମାଧାନ ହୋଇପାରିବ।

### ସରଳୀକରଣ ହେଲା ...

ଓ୍ୱନରସିପ୍ ଆଣ୍ଡ ମ୍ୟାନେଜମେଣ୍ଟ, ୨୦୨୩ ପ୍ରଥମ ଆପାର୍ଟମେଣ୍ଟ ହସ୍ତାନ୍ତର ଦଲିଲ୍ ପଞ୍ଜୀକରଣ ସମୟରେ ସମୁଦାୟ ସାଧାରଣ କ୍ଷେତ୍ର ଆସୋସିଏସନ ଅଫ ଆଲଟିଙ୍କୁ ହସ୍ତାନ୍ତର କରିବା ବାଧ୍ୟତାମୂଳକ। ଏଥିପାଇଁ ଆସୋସିଏସନ ଅଫ୍ ଆଲଟିଙ୍କୁ ଦଲିଲ୍ ପାଇଁ ୫% ଷ୍ଟାମ୍ପ ଦେୟ ଦେବାକୁ ପଡ଼ିଥାଏ। ତାହା ଆପାର୍ଟମେଣ୍ଟ ମାଲିକଙ୍କ ଉପରେ ଅଧିକ ଆର୍ଥିକ ଭାର ସୃଷ୍ଟି କରୁଥିଲା ଏବଂ ଆପାର୍ଟମେଣ୍ଟ ପଞ୍ଜିକରଣରେ ବାଧା ସୃଷ୍ଟି ହେଉଥିଲା। ଏବେ କ୍ୟାବିନେଟ୍ ଅନୁମୋଦନ ପରେ ସମସ୍ୟାର ସମାଧାନ ହୋଇଛି। ଆପାର୍ଟମେଣ୍ଟ କ୍ରେତା ଏହାର ସୁଫଳ ପାଇବେ ବୋଲି ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଛନ୍ତି।

### ଫେବୃଆରୀ ୧ରେ ...

ଅନ୍ତର୍ଗତ ପୂର୍ବବର୍ଷଗୁଡ଼ିକରେ ମିଳିଥିବା ସଫଳତା ଏବଂ ଆଗାମୀ ବର୍ଷ ପାଇଁ ଆଶା କରାଯାଉଥିବା ଉପଲବ୍ଧିଗୁଡ଼ିକ ସମ୍ପର୍କରେ ସମ୍ୟକ ସୂଚନା ଦେବେ। ତେବେ ଚଳିତ ବଜେଟ୍ ଅଧିବେଶନ ଅନେକ କାରଣରୁ ସ୍ୱତନ୍ତ୍ର ହେବାକୁ ଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରଣାଳୟର ମୁଖ୍ୟ ଅର୍ଥ ସଚିବଙ୍କ ଅନୁପସ୍ଥିତିରେ ଏହି ବଜେଟ୍‌କୁ ଏଥର ପ୍ରସ୍ତୁତ କରାଯାଉଛି। ବରିଷ୍ଠତମ ସଚିବ ଏବଂ ସମାନମାନଙ୍କ ମଧ୍ୟରେ ପ୍ରଥମ ଭାବରେ ବିବେଚିତ ଅର୍ଥ ସଚିବ ସାଧାରଣତଃ ବଜେଟ୍ ସମ୍ବନ୍ଧୀୟ କାର୍ଯ୍ୟର ସମନ୍ୱୟ ଏବଂ ମନ୍ତ୍ରଣାଳୟର ଦୈନନ୍ଦିନ କାର୍ଯ୍ୟ ତଦାରଖ କରିବାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରନ୍ତି। ତଥାପି, ପୂର୍ବତନ ଅର୍ଥନୈତିକ ବ୍ୟାପାର ସଚିବ ଅଜୟ ସେଠ, ଯାହାଙ୍କୁ ଅର୍ଥ ସଚିବ ଭାବରେ ମଧ୍ୟ ମନୋନୀତ କରାଯାଇଥିଲା, ଜୁନ୍ ୩୦, ୨୦୨୫ ରେ ଅବସର ନେବା ପରଠାରୁ ଏହି ପଦବୀ ଖାଲି ରହିଛି। ଅର୍ଥ ସଚିବ ପଦ ଖାଲି ଥିବା ସତ୍ତ୍ୱେ ଅର୍ଥ ମନ୍ତ୍ରଣାଳୟ କିନ୍ତୁ ଦୃଢ଼ତାର ସହ କହିଛି ଯେ, ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ସୁଗମ ଭାବରେ ଜାରି ରହିଛି। ବ୍ୟକ୍ତିଗତ ବିଭାଗଗୁଡ଼ିକ ସେମାନଙ୍କର ନିଜ ନିଜ ଦାୟିତ୍ୱ ପରିଚାଳନା କରୁଛନ୍ତି। ଅର୍ଥ ସଚିବଙ୍କ ଅଭାବ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ଷମ ବାଧା ସୃଷ୍ଟି କରିନାହିଁ, ଏବଂ କେନ୍ଦ୍ରୀୟ ବଜେଟ୍ ପାଇଁ ପ୍ରସ୍ତୁତି ନିର୍ଦ୍ଧାରିତ ସମୟ ଅନୁଯାୟୀ ରହିଛି।

### ଅର୍ଥନୈତିକ ଉନ୍ନତି ...

ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ସମାପନୀ ସମାରୋହରେ ରାଜ୍ୟର ଦକ୍ଷ ଓ ଯୁବ କୁଶଳୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଶିଳ୍ପାୟନ ଲକ୍ଷ୍ୟର ତିନୋଟି ମୁଖ୍ୟ ସ୍ତମ୍ଭ ହେଉଛି- ଭିତ୍ତିଭୂମି, ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଏବଂ ଦକ୍ଷତା। ଏ ସବୁ କ୍ଷେତ୍ରକୁ ସୁଦୃଢ଼ କରି ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ୍ ଇକୋ-ସିଷ୍ଟମକୁ ଶ୍ରେଷ୍ଠ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଗତ ୧୮ ମାସ ମଧ୍ୟରେ ୬.୧୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଯାହାଦ୍ୱାରା ୩ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ।

ସେ ଆହୁରି କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ସରକାର ଉଦ୍ୟମ କରୁଛନ୍ତି। କ୍ୟାବିନେଟରେ ଉତ୍କର୍ଷ ଆଇଟିଆଇ ସ୍କିମ୍‌କୁ ଅନୁମୋଦନ କରାଯାଇଛି। ରାଜ୍ୟର ୪୭ ଟି ଆଇଟିଆଇକୁ ସେଣ୍ଟର ଅଫ୍ ଏକସେଲନ୍ସରେ ପରିଣତ କରିବା ସହିତ ଏଠାରେ ଭିତ୍ତିଭୂମିରେ ଉନ୍ନତି ଏବଂ ଅତ୍ୟାଧୁନିକ ସ୍କିଲ ମାଧ୍ୟମରେ ଟ୍ରେନିଂ ଦିଆଯାଇ ପାରିବ ବୋଲି ସେ କହିଥିଲେ। ସେହିପରି କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦକ୍ଷତା ହାସଲ ପାଇଁ ରାଜ୍ୟର ୯ଟି ଆଇଟିଆଇରେ ଏଆଇ ଲ୍ୟାବେରେଟୋରୀ ଖୋଲାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହି ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ସ୍ୱର୍ଣ୍ଣ ବିଜେତା ମାନଙ୍କୁ ୨୫ ହଜାର, ରୌପ୍ୟ ବିଜେତାଙ୍କୁ ୨୦ ହଜାର ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୫ ହଜାର ଟଙ୍କା କ୍ୟାସ୍ ପ୍ରାଇଜ ଓ ମାନପତ୍ର ଦିଆଯାଇଥିଲା। ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡ଼ିଶା ଦକ୍ଷତା ପ୍ରତିଯୋଗିତା କେବଳ ଏକ ପ୍ରତିଯୋଗିତା ନୁହେଁ ବରଂ ନୂତନ ଓଡ଼ିଶାର ସାମୂହିକ ଆକାଂକ୍ଷାକୁ ପ୍ରଦର୍ଶନ କରୁଛି। ଏହା ପ୍ରତିଭା ଚିହ୍ନଟ, ଉତ୍କର୍ଷତାକୁ ପ୍ରୋତ୍ସାହନ ଏବଂ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ସୁଯୋଗ ଦେଇପାରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ, ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କ ସୋଲପଟା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

**ଓଡ଼ଗାଁ,୯।୧/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ପିଏମ୍ ଶ୍ରୀ ସୋଲପଟା ଉଚ୍ଚ ବିଦ୍ୟାଳୟକୁ ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଚାନକ ପରିଦର୍ଶନ କରିଛନ୍ତି। ସ୍କୁଲରେ ପହଞ୍ଚି ପ୍ରଥମେ ସ୍କୁଲ ହତାଭିତରେ ଥିବା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ସହିତ ପିଲାଙ୍କୁ ଠିକ୍ ଭାବରେ ମଧ୍ୟାହ୍ନ ଭୋଜନ ଓ ପାଠପଢ଼ା ବିଷୟରେ ପଚାରି ବୁଝିଥିଲେ। ପରେ ଲାଇବ୍ରେରୀ କକ୍ଷ, ସାଇନ୍ସ ଲ୍ୟାବ,ସ୍ମାର୍ଟ କ୍ଲାସରୁମ ବୁଲିଥିଲେ। କ୍ଲାସ୍‌ରୁମ୍ ପରିଦର୍ଶନବେଳେ ମନ୍ତ୍ରୀ କିଛି ଛାତ୍ରଛାତ୍ରୀଙ୍କୁ ସାଧାରଣ ପ୍ରଶ୍ନ ପଚାରିଥିଲେ। ଦେଶର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନାମ ପଚାରିବାରୁ ଛାତ୍ରଛାତ୍ରୀମାନେ ସଠିକ୍ ଉତ୍ତର ଦେଇଥିବାରୁ ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କ୍ଲାସ ରୁମ୍‌ରେ ପାଠ ପଢ଼ାଉଥିବା ସମୟରେ ମନ୍ତ୍ରୀ ପିଲାଙ୍କ ପାଖରେ ବସି ପାଠପଢ଼ାର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ସାଇନ୍ସଲ୍ୟାବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ତିଆରି ହୋଇଥିବା ପ୍ରୋଜେକ୍ଟ ଦେଖିବା ସହିତ ସ୍କୁଲର ପରିବେଶ ଦେଖି ବେଶ୍ ଆନନ୍ଦିତ ହୋଇଥିଲେ। ନୟାଗଡ଼ ଜିଲ୍ଲା ଶିକ୍ଷାଅଧିକାରୀ



ଚିତରଞ୍ଜନ ପାଣ୍ଡେ, ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ମହାପାତ୍ର ଓ ସ୍କୁଲ ପରିଚାଳନା ପରିଷଦ ସଭାପତି କୁବେର ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ସ୍କୁଲରେ ଖେଳପଡ଼ିଆ ନ ଥିବାରୁ ଏକ ଖେଳପଡ଼ିଆ ନିର୍ମାଣ, ଡାଇନିଙ୍ଗ ହଲ୍, ସ୍କୁଲରେ ଅର୍ଦ୍ଧନିର୍ମିତ ହୋଇ ପଡ଼ିରହିଥିବା ଗୃହଗୁଡ଼ିକ ସମ୍ପୂର୍ଣ୍ଣ କରାଯିବା ସହିତ ପିଏମ୍ ଶ୍ରୀ ସ୍କୁଲକୁ ଏକ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି କରିବା ନିମନ୍ତେ ମନ୍ତ୍ରୀଙ୍କ ନିକଟରେ ମୋ ସ୍କୁଲର ସଭାପତି ସୁଶାନ୍ତ କୁମାର ଜେନା ଦାବି ଜଣାଇଥିଲେ।

## ଆମ ପୁଲିସ୍ କାର୍ଯ୍ୟକ୍ରମ

**ଚାରିଛକ,୯।୧/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଚାରିଛକ ଥାନାର ୩ବର୍ଷ ପୂର୍ତ୍ତି ଉପଲକ୍ଷେ ଥାନା ପରିସରରେ ଆଜି ସନ୍ଧ୍ୟାରେ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସଚିନ୍ ପଟେଲ, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଶିକ୍ଷାବିତ୍ ଡଃ. ସନ୍ତୋଷ କୁମାର ମିତ୍ର ଯୋଗଦେଇ ଜନତା ଓ ପୁଲିସ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରୁ ଚୋରୀ ରାହାଜାନି କମିବା ସହିତ ଜନସାଧାରଣ ତ୍ୱରିତ ନ୍ୟାୟ ପାଇ ପାରିବେ ବୋଲି ମୁଖ୍ୟଅତିଥି ଏସପି ଶ୍ରୀ ସିଂ ମତବ୍ୟକ୍ତ କରିଥିଲେ। ଚାରିଛକ ପୁଲିସ ୩ ବର୍ଷ ମଧ୍ୟରେ ଅନେକ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ଅଞ୍ଚଳରୁ ଚୋରି, ରାହାଜାନି ଓ ନିଶା ବ୍ୟବସାୟୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚାରିଛକ ବଜାରରେ ଟ୍ରାଫିକ ନିୟନ୍ତ୍ରଣ କରିବାରେ ବେଶ ସକ୍ଷମ ହୋଇପାରିଛି। ନିୟମିତ ରାତ୍ର ପାଟ୍ରୋଲିଂ ସହ ଅନେକ ବେଆଇନ ଖଣିଜ ଲଘୁ ସମ୍ପଦ ଚୋରା ଚାଲାଣ ରୋକିବାରେ ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳ ବେଶ ପ୍ରଶଂସିତ ହୋଇପାରିଛନ୍ତି। ଚାରିଛକ ଥାନା ଅଞ୍ଚଳର ଜନସାଧାରଣ ସ୍ଥାନୀୟ ପୁଲିସକୁ ସହଯୋଗ କରିଥିବାରୁ ଉପସ୍ଥିତ ଜସାଧାରଣଙ୍କୁ ସାଧୁବାଦ ଜଣାଇବା ସହିତ ଜନ ସାଧାରଣ ପୁଲିସ ଠାରୁ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଏସ୍‌ପି କହିଥିଲେ। ଚାରିଛକ ଥାନାରେ ଆବଶ୍ୟକ ସଂଖ୍ୟକ ଗୃହ ନ ଥିବାରୁ କର୍ମଚାରୀମାନେ ବାହାରେ ଘରଭଡ଼ା କରି ରହୁଛନ୍ତି। ଏଠାରେ ନୂତନ ଥାନା ଗୃହ ନିର୍ମାଣ କରିବା ସହିତ ଆବଶ୍ୟକ କର୍ମଚାରୀ ଯୋଗାଇଦେବାକୁ ଆଜି ଆମ ପୁଲିସ କାର୍ଯ୍ୟକ୍ରମରେ ଅନେକ ଅତିଥି ମତ ରଖିଥିଲେ। ଥାନା ଅଞ୍ଚଳରେ ଥିବା ବଡବଡ ବ୍ୟବସାୟ ପ୍ରତିଷ୍ଠାନ ଓ ସବୁ ଜୁଏଲାରୀ ଦୋକାନ ଗୁଡିକରେ ସିସି ଟିଭି ଲଗାଇବାକୁ ପରାମର୍ଶ ଦେଇଥିଲେ। ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି,ଏଏସ୍‌ଆଇ ଇନ୍ଦୁଲତା ମିଶ୍ର,ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁ,ଏଏସ୍‌ଆଇ କୈଳାସ ଚନ୍ଦ୍ର ପ୍ରଧାନ,ଏଏସ୍‌ଆଇ ସବିତା କୁମାରୀ ଦେବୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଆଇଆଇସିସ୍ତରରେ ଅଦଳବଦଳ

**ଓଡ଼ଗାଁ,୯।୧/ଏନ୍ଏନ୍ଏସ୍:** ନୟାଗଡ଼ ପୁଲିସ ପକ୍ଷରୁ ଆଇଆଇସି ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୋଟ ୧୪ ଜଣ ଆଇଆଇସିଙ୍କୁ ବିଭିନ୍ନ ଥାନାକୁ ବଦଳି ହୋଇଥିବା ନେଇ ଚିଠି ପ୍ରକାଶ ପାଇଛି। ନୟାଗଡ଼ ମୁଖ୍ୟାଳୟରୁ ମିଳିଥିବା ଚିଠି ସଂଖ୍ୟା ୫୧ ଅନୁଯାୟୀ ନୟାଗଡ଼ ପୁଲିସ ମୁଖ୍ୟାଳୟରୁ ଆଇଆଇସି ପ୍ରିୟତମା ପ୍ରଧାନଙ୍କୁ ନୟାଗଡ଼ ସଦରଥାନାକୁ ବଦଳି କରାଯାଇଛି। ସେହିପରି ସଦରଥାନା ଆଇଆଇସି ଶରତ ଚନ୍ଦ୍ର ସେଠୀଙ୍କୁ ପୁଲିସ ମୁଖ୍ୟାଳୟକୁ ନିଆଯାଇଛି। ନୟାଗଡ଼ ପୁଲିସ ମୁଖ୍ୟାଳୟରୁ କୃତିବାସ ହରିଚନ୍ଦନଙ୍କୁ ଖଣ୍ଡପଡ଼ା ଆଇଆଇସି ଭାବେ ନିଯୁକ୍ତି କରାଯାଇଥିବାବେଳେ ନୟାଗଡ଼ ମୁଖ୍ୟାଳୟରୁ ଅଜୟ ସାହୁଙ୍କୁ ଫତେଗଡ଼ ଆଇଆଇସି ଭାବେ ବଦଳି କରାଯାଇଛି। ସେହିପରି ଫତେଗଡ଼ ଆଇଆଇସି ପଞ୍ଚାନନ ପରିଡ଼ାଙ୍କୁ ନୟାଗଡ଼ ଟାଉନ ଥାନାର ଅତିରିକ୍ତ ଦାୟିତ୍ୱ ମିଳିଛି। ନୟାଗଡ଼ ମୁଖ୍ୟାଳୟରୁ ଟଙ୍କଧର ଛତ୍ରିଆଙ୍କୁ ଗଣିଆ ଆଇଆଇସି ଓ ଗଣିଆ ଆଇଆଇସି ଲକ୍ଷ୍ମଣ ଦଣ୍ଡସେନାଙ୍କୁ ମହିଳା ଓ ଶିଶୁବିଭାଗ ନୟାଗଡ଼କୁ ନିଆଯାଇଛି। ନୟାଗଡ଼ ମୁଖ୍ୟାଳୟରୁ ସତ୍ୟନାରାୟଣ ବାରିକଙ୍କୁ ଓଡ଼ଗାଁ ଆଇଆଇସି ଭାବେ ନିଯୁକ୍ତି କରାଯାଇଛି।ଓଡ଼ଗାଁ ଆଇଆଇସି ଅଭୟ ବେହେରାଙ୍କୁ ଚାନ୍ଦପୁର ଆଇଆଇସି ଭାବେ ବଦଳି ହୋଇଛି। ସେହିପରି ମହିଳା ଓ ଶିଶୁବିଭାଗ ଦାୟିତ୍ୱରେ ଥିବା ଆଇଆଇସି ପରମାନନ୍ଦ ଦଳେଇଙ୍କୁ ସାଇବର ଓ କ୍ରିମିନାଲ ସେଲ ଥାନା ନୟାଗଡ଼କୁ ନିଆଯାଇଛି। ଚାନ୍ଦପୁର ଆଇଆଇସି ଦିଲିପ କୁମାର ସ୍ୱାଇଁଙ୍କୁ ସାଇବର ଏବଂ କ୍ରିମିନାଲ ସେଲ ଥାନା ନୟାଗଡ଼କୁ ବଦଳି କରାଯାଇଛି। ନୟାଗଡ଼ ମୁଖ୍ୟାଳୟରୁ ଲିଜା ମଲ୍ଲିକଙ୍କୁ ନୟାଗଡ଼ ଥାନାକୁ ଅତିରିକ୍ତ ଦାୟିତ୍ୱ ମିଳିଛି। ନୟାଗଡ଼ ମୁଖ୍ୟାଳୟରୁ ସଂଘମିତ୍ରା ଚାନ୍ଦଙ୍କୁ ରଣପୁର ଥାନାକୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ନୟାଗଡ଼ ମୁଖ୍ୟାଳୟରୁ ମିନତୀ କୁମାରୀ ନାୟକଙ୍କୁ ନୟାଗଡ଼ ମହିଳା ସେଲ୍ ଓ ଡିଏଚ୍‌ଆର୍‌ପିସିକୁ ବଦଳି ହୋଇଥିବା ନେଇ ଚିଠି ପ୍ରକାଶ ପାଇଛି। ସମସ୍ତ ଆଇଆଇସି ନୂତନ ଥାନାରେ ଯୋଗ ଦେବାକୁ ପୁଲିସ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ସାଲେପୁର,୯।୧/ଏନ୍ଏନ୍ଏସ୍:** ଶୌଚ ହେବାକୁ ଯାଇ ପୋଖରୀରେ ଗୋଡ଼ ଖସିଯିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ପ୍ରକାଶ ଯେ ସାଲେପୁର ବ୍ଲକ୍ ବାଲିସାହି ପଞ୍ଚାୟତ ରାଘବପୁର ଗ୍ରାମର ହେମନ୍ତ କୁମାର ସାମଲଙ୍କ ମା' ନିର ସାମଲ (୬୫) ଆଜି ସକାଳୁ ଶୌଚ ହେବା ପାଇଁ ଘର ନିକଟବର୍ତ୍ତୀ ପୋଖରୀକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକମାନେ ଦେଖି ପରିବାର ଲୋକଙ୍କୁ ଖବର ଦେବା ସହିତ ବୃଦ୍ଧାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ତାଙ୍କ ପୁଅ ହେମନ୍ତ ଖବର ପାଇ ଗ୍ରାମବାସୀଙ୍କ ସହାୟତାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଲେପୁର ପୁଲିସ ପହଞ୍ଚି ଶବ ଜବତ ସହିତ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଥିବା ଜଣାପଡ଼ିଛି। ହେମନ୍ତ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ଏହି ଖବର ପାଇ ସାଲେପୁର ଅଞ୍ଚଳର ଯୁବ ସମାଜସେବୀ ତଥା ଟାଙ୍ଗୀ ସାଲେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ସଂସ୍କାର କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ପ୍ଲାଷ୍ଟିକ ଓ ମାଞ୍ଜା ସୂତା ଜବତ

**ବୟାଳିଶମୌଜା,୯।୧/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଅଞ୍ଚଳର ସମସ୍ତ ସାମ୍ବାଦିକ ତଥା ଥାନା ପୁଲିସ ପକ୍ଷରୁ ବେଣ୍ଟକାର ପରିସରରେ ମାଞ୍ଜା ସୂତା ଉପରେ ଏକ ଆଲୋଚନା ହୋଇଛି। ଯେହେତୁ ଗତ ସପ୍ତାହରେ ୪୨ ମୌଜା ଶ୍ରୀରାମ ଗ୍ରାମର ୨ ଜଣ ବ୍ୟକ୍ତି ବାଇକ୍‌ରେ ଯାଉଥିବା ବେଳେ ମାଞ୍ଜା ସୂତା ଲାଗି ବେକରେ ଆଘାତ ଲାଗିଥିଲା, ଏହାକୁ ୪୨ ମୌଜା ଥାନା ପୁଲିସ ପକ୍ଷରୁ ଗୁରୁତ୍ୱ ଦେଇ ଥାନା ଅଧିକାରୀ ହେମନ୍ତ କୁମାର ସେଠୀଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ୬ ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ପେଟି ମାଞ୍ଜା ସୂତା ଜବତ କରିଛନ୍ତି। ୪୨ ମୌଜା ଥାନାର ଏହି ପଦକ୍ଷେପ ପରେ ଜନସାଧାରଣ ଆଶ୍ୱସ୍ତ ହୋଇଛନ୍ତି। ଆଗାମୀ ଦିନରେ ଏହି ଭଳି ଚଢ଼ଉ ଜାରି ରହିବ। ଆଗକୁ ମକର ସଂକ୍ରାନ୍ତି ଆସୁଛି। ଯେଉଁ ବ୍ୟବସାୟୀ ହେଉ କିମ୍ବା ଗୁଡ଼ି ଉଡ଼ାଳି ମାଞ୍ଜା ସୂତା ବ୍ୟବହାର କରିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ




**ବାଣପୁର,୯।୧/ଏନ୍ଏନ୍ଏସ୍:** ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡକ୍ରସ ଓ ରୋଭର୍ସ ଶାଖାର ମିଳିତ ଆୟୋଜନରେ ଆଜି ପ୍ଲାଷ୍ଟିକ ମୁକ୍ତ ସ୍ଥାୟୀ ପରିସର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଡକ୍ଟର ମୋନାଲିସା ମାନସିଂହ, ଅଧ୍ୟାପିକା ରୀନା ରାଉତ, ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପିକା ସ୍ନିଗ୍ଧାରାଣୀ ମୁଦୁଲି, ଅଧ୍ୟାପିକା ଝରଣା ନାଥ, ଅଧ୍ୟାପକ ଶିବରାମ ସିଂହ, ଅଧ୍ୟାପକ ଧୋବି ଚରଣ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ପ୍ଲାଷ୍ଟିକ ଓ ପଲିଥିନ ଆବର୍ଜନା ସଫେଇକରିବା ସହ ଚିଲିକା କୂଳରେ ସଫେଇକାର୍ଯ୍ୟ କରି ପ୍ଲାଷ୍ଟିକମୁକ୍ତ ଚିଲିକା ଅଭିଯାନ ପାଇଁ ସଂକଳ୍ପ କରିଥିଲେ। ଏଥିସହିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଚିଲିକାକୂଳ ଜନସାଧାରଣଙ୍କୁ ଚିଲିକା କୂଳରେ ପ୍ଲାଷ୍ଟିକ ଆବର୍ଜନା ନ ପକାଇବାକୁ ସ୍ୱେଚ୍ଛାସେବୀମାନଙ୍କୁ ଅନୁରୋଧ କରିଥିଲେ।

## ଦୁର୍ଘଟଣାରେ ବୃଦ୍ଧଙ୍କର ମୃତ୍ୟୁ

**ଖଣ୍ଡପଡ଼ା,୯।୧/ଏନ୍ଏନ୍ଏସ୍:** ଭାପୁରଠାରେ ଆୟୋଜିତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ବୁଲିସାରି ମହୋତ୍ସବ ପଡ଼ିଆରୁ ଗୁରୁବାର ରାତିରେ ଘରକୁ ଫେରୁଥିବା ବେଳେ ଭାପୁର ବ୍ଲକ ଅଧୀନ ଶାଳପଡ଼ା ଗ୍ରାମର ଶିବ ପ୍ରସାଦ ଜତି (୬୫) ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଛନ୍ତି। ଉକ୍ତ ବୃଦ୍ଧ ଜଣକ ମହୋତ୍ସବ ପଡ଼ିଆରୁ ରାତିରେ ସାଇକେଲ ଯୋଗେ ଗାଁକୁ ଫେରୁଥିବା ବେଳେ ଶାଳପଡ଼ା ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେବାରୁ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ।

## ଶିଖରଘାଟ ରାସ୍ତା ନିର୍ମାଣରେ ବିଳମ୍ବ, ଦାନା ବାନ୍ଧୁଛି ଆନ୍ଦୋଳନ

**ନୟାହାଟ,୯।୧/ଏନ୍ଏନ୍ଏସ୍:** ନୟାହାଟରୁ ଶିଖରଘାଟ ରାସ୍ତା ଦୀର୍ଘ ୩ କି.ମି ନରସିଂପୁରରୁ ନୟାହାଟ ପର୍ଯ୍ୟନ୍ତ ରାସ୍ତା ମେଟାଲ୍ ଉଠି ବଡ଼ ବଡ଼ ଖାଲରେ ପରିଣତ ହୋଇଛି। ପ୍ରତିଦିନ ବାଲି ଗାଡ଼ି ଯାତ୍ରୀବାହୀ ବସ୍ ଯାତାୟାତ ଫଳରେ ବାଲି ଧୂଳି ଉଡ଼ି ପରିବେଶକୁ ପ୍ରଦୂଷଣ କରୁଛି। ଏହି ରାସ୍ତା ଉପରେ ଧୁମାଳ, ବିନୀଶି ପୁରୁ, ନିଭରଣ ତିନୋଟି ପଞ୍ଚାୟତର ଲୋକମାନେ ନୟାହାଟ ବଜାରକୁ ଯା'ଆସ କରନ୍ତି। ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ନୂତନ ରାସ୍ତା ନିର୍ମାଣ ପାଇଁ ସମାଜସେବୀ ଅଭିମନ୍ୟୁ ସିଂହ, ଧୁମାଳ ସରପଞ୍ଚ ମୋନାଲିସା ସିଂହ, ଅଶୋକ ସାହୁ, ସହଦେବ ମାଣିକ, ସମିତି ସଭ୍ୟା ଭାନୁମତୀ ମାଣିକ, ଦିଲ୍ଲୀପ ରାୟ ବ୍ୟବସାୟୀ ସଂଘର ସଭାପତି ଫକୀର ବାରିକ ପ୍ରମୁଖ କହିଛନ୍ତି ଯେ ରାସ୍ତା ନିର୍ମାଣ ନ ହେଲେ ଜନ ଆନ୍ଦୋଳନ କରିବେ ବୋଲି ସୂଚନା ଦେଇଛନ୍ତି। ନୟାହାଟ ଶିଖରଘାଟ ରାସ୍ତା ଟେଣ୍ଡର ହେବାକୁ ଯାଉଥିବାରେ ବିଳମ୍ବ ହେବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ମାହାଙ୍ଗା,୯।୧/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଆନନ୍ଦପୁର ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆନନ୍ଦପୁରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନଳିନୀପ୍ରଭା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ମନୋରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ତଥା ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଦୀପା ରାଣୀ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଙ୍ଗ। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡାରେ ଭାଗ ନେବା ଉଚିତ। ଶିକ୍ଷକ ରମାକାନ୍ତ ମିଶ୍ର ଓ ନାରାୟଣ ନାୟକ ଖେଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ନାୟକ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ରୀତାଞ୍ଜଳି ନାୟକ, ଜାନକୀ ବିଶ୍ୱାସଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଯୁବକଙ୍କୁ ହତ୍ୟା

**ପୁରୀ,୯।୧/ଏନ୍ଏନ୍ଏସ୍:** ପୁରୀରେ ଗତକାଲି ବିଳମ୍ବିତ ରାତିରେ ସାମାନ୍ୟ କଥା କଟାକଟିକୁ ନେଇ ଯୁବକଙ୍କୁ ହତ୍ୟା କରାଯାଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ହତ୍ୟାର ଶିକାର ହୋଇଥିବା ଯୁବକ ଜଣଙ୍କ ହେଉଛନ୍ତି ଭଦ୍ରକ ଅଞ୍ଚଳର ରଞ୍ଜନ କୁମାର ଦାସ। ସେହିପରି ଆହତ ଜଣଙ୍କ ହେଉଛନ୍ତି ମାନସ ରଞ୍ଜନ ନାୟକ। ଭଦ୍ରକ ବନ୍ତ ଥାନା ଅନ୍ତର୍ଗତ ଆପଣ୍ଡା ଗ୍ରାମର ଜଣେ ମହିଳାଙ୍କର ଗୁରୁବାର ମୃତ୍ୟୁ ହୋଇଥିଲା। ତାଙ୍କର ଶବ ସତ୍କାର ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ସହ ରଞ୍ଜନ ତାଙ୍କ ସହ ପୁରୀ ଆସିଥିଲେ। ରଞ୍ଜନ ଓ ଅନ୍ୟମାନେ ଶବ ସତ୍କାର କରି ସ୍ୱର୍ଗଦ୍ୱାର ବାହାରକୁ ଆସିଥିବାବେଳେ ଚୈତନ୍ୟ ଛକ ନିକଟରେ କୌଣସି ଘଟଣାକୁ ନେଇ ପୁରୀର ଜଣେ ଯୁବକଙ୍କ ସହ ଜଣେ ବ୍ୟକ୍ତିଙ୍କ ବଚସା ହୋଇଥିଲା।

## ଅବୈଧ ବାଲି ଉଠାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ପୁରୀ,୯।୧/ଏନ୍ଏନ୍ଏସ୍:** ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବୈଧ ବାଲି ଉଠାଣ ବିରୋଧରେ ପୁରୀ ପୁଲିସ୍ ଦ୍ୱାରା ବିଶେଷ ଅଭିଯାନ ଜାରି ରହିଛି। ଏହି ଅଭିଯାନ ସମୟରେ ଅବୈଧ ଭାବରେ ବାଲି ଉଠାଯାଉଥିବା ସୂଚନା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅବୈଧ ବାଲି ଉଠାଣରେ ଲିପ୍ତ ଥିବା ୫ଟି ଟ୍ରାକ୍ଟର, ୧ଟି ଜେସିବି ଏବଂ ବାଲି ଭରା ଅବସ୍ଥାରେ ୨ଟି ହାଇୱା ଟ୍ରକ୍ ଚନ୍ଦନପୁର ଥାନା ଦ୍ୱାରା ଜବତ କରାଯାଇଛି। ଏହା ସହିତ ଏହି ଘଟଣାରେ



ସମ୍ପୃକ୍ତ ୪ ଜଣଙ୍କୁ ଚନ୍ଦନପୁର ଥାନାରେ ଅଟକ ରଖାଯାଇଛି। ଏ ସମ୍ପର୍କରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଆଗାମୀ ତଦନ୍ତ ପ୍ରକ୍ରିୟା ଚାଲିଛି। ପରିବେଶ ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଅବୈଧ ବାଲି ଉଠାଣ ବିରୋଧରେ ପୁରୀ ପୁଲିସ୍ ଆଗାମୀ ଦିନରେ ମଧ୍ୟ ଏପରି କଡା ଅଭିଯାନ ଜାରି ରଖିବ। ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି ଯେ ଅବୈଧ ବାଲି ଉଠାଣ ସମ୍ପର୍କରେ କୌଣସି ସୂଚନା ମିଳିଲେ ତୁରନ୍ତ ସ୍ଥାନୀୟ ପୁଲିସ୍ କିମ୍ବା ୧୧୨ ନମ୍ବରରେ ସୂଚନା ଦେବାରେ ସହଯୋଗ କରନ୍ତୁ।

## ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଉତ୍ସବ

**କଣ୍ଟାପଡ଼ା,୯।୧/ଏନ୍ଏନ୍ଏସ୍:** ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ କଣ୍ଟାପଡ଼ାର ୪ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବାଗଲପୁରସ୍ଥିତ କଲ୍ୟାଣ ମଣ୍ଡପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ପ୍ରଶାସନିକ ସେବା ଅବସରପ୍ରାପ୍ତ ଅଧିକାରୀ ରାଜକିଶୋର ଚୌଧୁରୀ, ଭାରତୀୟ ପୁଲିସ ସେବା ପ୍ରାକ୍ତନ ଅଧିକାରୀ ରାଜକିଶୋର ଦାଶ, ଅବସରପ୍ରାପ୍ତ ନ୍ୟାୟ ସେବା ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ସମ ହସପିଟାଲ-୨ ଡିନ ଡାକ୍ତର ରାଜେଶକୁମାର ସେଠୀ, ଶିକ୍ଷାବିତ ପ୍ରଶାନ୍ତକୁମାର ମହାନ୍ତି ପ୍ରମୁଖ ଅତିଥିରୂପେ ମଞ୍ଚାସୀନ ଥିଲେ। ସମ୍ପାଦକ ଇଂ.ଫଣିଭୂଷଣ ମହାନ୍ତି ଅତିଥି ପରିଚୟ ଓ ସଭାପତି ପଦ୍ମନାଭ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ରାମପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ଉପସଭାପତି ଜିତେନ୍ଦ୍ର ମହାନ୍ତି, କେଦାରନାଥ ମିଶ୍ର, ଅଭିମନ୍ୟୁ ବେହେରା, ଅଜୟକୁମାର ନନ୍ଦ, ପ୍ରଭାକର ବାରିକ ଓ ଅନ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି କପିଳଚରଣ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱାସ କରିବା ଏକ ଗୁଣ। କିନ୍ତୁ ଅବିଶ୍ୱାସ କରିବା ଦୁର୍ବଳତାର ପରିଚୟ।
- ଗାନ୍ଧୀ ବାଣୀ



ନିତିଦିନ NITIDIN

ପ୍ରକୃତିର ଅଦ୍ଭୁତ ସୃଷ୍ଟି

## ଶୁଖିଲା ପତ୍ର



ପ୍ରକୃତରେ ଏହା ଶୁଖିଲା ପତ୍ର ଭଳି ଦେଖାଯାଉଥିଲେ ବି ଏହା ଏକ ଛୋଟ ସରୀସୃପ। ନାଁ ହେଉଛି ସାଟାନିକ ଲିଫ୍-ଟେଲ୍ଡ଼ ଗେକୋ। ଏମାନେ ହେଉଛନ୍ତି ମାଡ଼ାଗାସ୍କର ଦ୍ୱୀପର ମୂଳ ବାସିନ୍ଦା। ଏହି ସରୀସୃପଙ୍କ ଶିରାପ୍ରଶିରା ମଧ୍ୟ ଶୁଖିଲା ପତ୍ରର ଶିରାପ୍ରଶିରା ଭଳି ଦେଖାଯାଏ। ଦେହର ଉପରି ଭାଗରେ ରହିଛି ବାଦାମୀ ରଙ୍ଗର କିଛିଟା ବଡ଼ବଡ଼ ବିନ୍ଦୁ। ଲାଞ୍ଜର ଆକୃତି ମଧ୍ୟ ଠିକ୍ ଏକ ପୂର୍ଣ୍ଣ ପତ୍ର ଭଳି। ପୂରା ଶରୀର ଲମ୍ବା ଭାବରେ ଯୋଡ଼ି ହୋଇ ରହିଥିବା ଏକାଧିକ ପତ୍ର ଭଳି ଦେଖାଯାଏ। ଦେହର ଲମ୍ବ ୩ରୁ୬ ସେଣ୍ଟିମିଟର ଏବଂ ଓଜନ ୧୦ରୁ ୩୦ଗ୍ରାମ। କୀଟ ପତଙ୍ଗ ହେଉଛି ସେମାନଙ୍କ ମୁଖ୍ୟ ଖାଦ୍ୟ।

ରେକର୍ଡ

## ବରଫ ଭିତରେ ୩୦ ମିନିଟ୍



ଗୋଲକ ଆକୃତିର ଏକ ବରଫ ପିଣ୍ଡୁଳା (ଗ୍ଲୋବ) ମଧ୍ୟରେ ସର୍ବାଧିକ ସମୟ ବିତାଇ ବିଶ୍ୱ ରେକର୍ଡ଼ ସୃଷ୍ଟି କରିଛନ୍ତି ୟୋସିକାଜୁ ୟାମାଗୁଚି। ତାଙ୍କ ଘର ଜାପାନରେ। ୨୦୧୮ରେ ସେ ବରଫ ପିଣ୍ଡୁଳା ଭିତରେ ସଂପୂର୍ଣ୍ଣ ବନ୍ଦ ରହି ୩୦ ମିନିଟ୍ ୪୫ ସେକେଣ୍ଡ କଟାଇଥିଲେ। ୟାମାଗୁଚି ହେଉଛନ୍ତି ଜଣେ ଗବେଷକ। ସେ ଭୂମିକମ୍ପ ବିଷୟରେ ବିଶେଷ ଗବେଷଣା କରି ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି।

## ଆମ ଗର୍ବ, ଆମ ଗୌରବ



**ଲକ୍ଷ୍ମୀକାନ୍ତ ଦଳେଇ**
**ଜନ୍ମ ତାରିଖ: ୦୭.୦୬.୧୯୬୮**
**ସ୍ଥାୟୀ/ବର୍ତ୍ତମାନ ଠିକଣା: ଶଶାଙ୍କ ନିବାସ, ବାଲିଘାଟ (କଣ୍ଢେଇ କାରଖାନା ରାସ୍ତା), ପୁରୀ -୭୫୨୦୦୨**
**ମୋ: ୯୦୪୦୫୧୦୧୦୪**

ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିଶୁ ସାହିତ୍ୟ ରଚନାରେ ମଗ୍ନ। ପିଲାଙ୍କ ପାଇଁ ଉଭୟ ଗପ ଓ କବିତା ଲେଖିଥାନ୍ତି। କବିତାରେ ଉପଧା ମିଳନକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। 'ମହକେଇ ଦିଅ ଦୁନିଆ', 'ଡାଉ୍ଲ ପାଇଁ ଗୀତ', 'ଜଙ୍ଗଲ ଓ ଅନ୍ୟାନ୍ୟ ଗପ' ଆଦି ପୁସ୍ତକ ପ୍ରକାଶିତ। ଆକାଶବାଣୀର ନିୟମିତ ଲେଖକ। ସରଗଶଶୀ, ଅଭିନନ୍ଦନିକା, ବାନର ସେନା, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ଆଦି ଅନେକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହେବା ସହିତ ସାହିତ୍ୟ ପାଇଁ 'ଶ୍ରୀକ୍ଷେତ୍ର- ଶ୍ରୀ' ଉପାଧିରେ ଭୂଷିତ।

ଆମ ପ୍ରଶ୍ନ: ଶିଶୁସାହିତ୍ୟରେ କର୍ମଶାଳାର କେତେ ଆବଶ୍ୟକତା ରହିଛି ?

ଆପଣଙ୍କ ଉତ୍ତର: ଶିଶୁସାହିତ୍ୟରେ କର୍ମଶାଳାର ଯଥେଷ୍ଟ ଆବଶ୍ୟକତା ରହିଛି। ସରଳ ଭାଷାରେ ଯାହା ବି ଲେଖିଦେଲେ ଯେ ତାହା ଶିଶୁସାହିତ୍ୟ ଏବଂ ପିଲାଙ୍କ ମନକୁ ଛୁଇଁବ, ଏପରି ଧାରଣା ହିଁ ଭ୍ରମାତ୍ମକ। ଶିଶୁସାହିତ୍ୟ ରଚନା ସମୟରେ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ, ସତର୍କତା ଅବଲମ୍ବନ କରିବାକୁ ହୁଏ। କାରଣ, ସମୟ ବଦଳିବା ସହିତ, ଶିଶୁର ବୟସ ବଢିବା ସହିତ ତା'ର ପଠନ ରୁଚି ଓ ସ୍ୱାଦରେ ଅନେକ ପରିବର୍ତ୍ତନ ଆସିଥାଏ। ଆନନ୍ଦ ପ୍ରଦାନ ଶିଶୁସାହିତ୍ୟର ମୂଳ ଲକ୍ଷ୍ୟ ହୋଇଥିଲେ ହେଁ ସୂକ୍ଷ୍ମ ଭାବରେ ଏହା ମାଧ୍ୟମରେ ଶିଶୁର ଭାଷା ଜ୍ଞାନ, ବୁଦ୍ଧିମତ୍ତା, ସାମାଜିକ ସମ୍ପର୍କ, ସମସ୍ୟା ସମାଧାନ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ ପରିବେଶ ସଚେତନତା ଆଦି ଗୁଣଗୁଡ଼ିକ ବି ବିକଶିତ ହୋଇଥାଏ। ତେଣୁ, କର୍ମଶାଳାମାନଙ୍କରେ ଶିଶୁସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା, ପର୍ଯ୍ୟାଲୋଚନା, ମତ ବିନିମୟ ସହିତ ଏଥିରେ ଅଧିକରୁ ଅଧିକ ପିଲାମାନଙ୍କୁ ସାମିଲ କରି ସେମାନଙ୍କ ରୁଚି ପ୍ରତି ବିଶେଷ ଧ୍ୟାନ ଦିଆଯାଇପାରିଲେ ସଠିକ୍ ଓ ଉଚ୍ଚ ମାନର ଶିଶୁସାହିତ୍ୟ ସୃଷ୍ଟି କରାଯାଇପାରନ୍ତା।

## ବେଲୁନ୍ ମୋର ନାଁ



ସଭିଏଁ ମତେ ପାଆନ୍ତି ଭଲ
ବେଲୁନ୍ ମୋର ନାଆଁ,
ପିଲାଏ ମତେ ଦେଖି ଖୁସିରେ
କରନ୍ତି ବାହା ବାହା।
ରଙ୍ଗ ରଙ୍ଗିଆ ରୂପ ମୋହର
ମୋ ପରି କେହି ନାହିଁ,
ଖୁସିବାସିରେ ଲୋଡ଼ା ମୁଁ ଆଗ
ସାଜସଜାଣ ପାଇଁ।
ପେଟରେ ମୋର ପବନ ଭରି
ହାତରୁ ଦେଲେ ଛାଡ଼ି,
ଝୁଲିଝୁଲିକା ଉଡ଼ଇ ମୁହିଁ
ପଛେ ପିଲାଙ୍କ ଧାଡ଼ି।
ନୁହେଁ ମୁଁ ଖାଲି ଖେଳଣା ଏକ
ଅନେକ ମୋର କାମ,
ପ୍ରଚାରଠାରୁ ଡାକ୍ତରୀ ପାଠ
ସବୁଠି ମୋର ନାମ।
ଦୁନିଆ ସାରା ଖୁସି ମୁଁ ବାଣ୍ଟେ
ସେଥିରୁ ଖୁସି ପାଏ,
ଖୁସି ବାଣ୍ଟିଲେ ସରେନା କେବେ
ଆହୁରି ବଢୁଥାଏ।

## ମାଟି ଓ ଆକାଶ



ରତ୍ନାକର ନାୟକ

ଦିନେ ଆକାଶ, ମାଟି
କରିଲେ ବଡ଼ ପାଟି
ବିଶାଳ କେତେ ଆକାଶ କହି
ହାତକୁ ଦେଲା ଛାଟି।
ଦେହେ ସୂରୁଯ, ତାରା
ପଡୁଛି ମେଘ, ଖରା
ନଥିଲେ ମୁହିଁ ବାଦଲ, ଜହ୍ନ
ହୁଅନ୍ତେ ଧରା ପରା।
ମାଟିଲୋ ଟିକେ ଶୁଣ
କାହାର କେତେ ଗୁଣ
ସବାତଳେ ତୁ ରହିଛୁ ପଡ଼ି
ହଜାରେ ତୋର ଖୁଣ।
ଖରା, ବରଷା ପାଣି
ସବୁରି ମନ ଜାଣି
ଯାହା ମୁଁ ଦିଏ ଦେବରେ କିଏ
ଦେଖାଉ ମିଛେ ଠାଣି।
ମାଟି ଖୋଲିଲା ପାଟି
ଶୁଣି ଆକାଶ ଭାଇ
ଗରବ ମୋର ନାହିଁ
କାମ ସରିନି ଆଶା କରିନି
ବଡ଼ ଆସନ ପାଇଁ।
ମାଟିର କଥା ଶୁଣି
ମନରେ ହେଲା ଗୁଣି
ସତେଲୋ ମାଟି ତୁ ମାଆଟି
ସଭିଏଁ ଆମେ ଋଣୀ।
**ଧର୍ମଶଳା, ଯାଜପୁର**
**ମୋ: ୯୯୩୭୧୭୬୬୩୧**

## ମାମୁ ଘରେ ମଜା ମକର ଯାତ



ବିଶ୍ୱଜିତା ମହାନ୍ତି

ମାମୁଘରପରି ଘର ନାହିଁ ସେତ
ମରତେ ସରଗ ଜାଣ
ହସରେ, ଖୁସିରେ ବିତିଯାଏ ବେଳ
ନଥାଏ ଆକଟ ଟାଣ।
ଘେରିଥିବେ ମୋତେ ଭାଇ ଭଉଣୀଏ,
ସାଥେ ପୁଣି ଅଜା-ଆଈ
ତାଙ୍କଠାରୁ ଯେତେ ସେନେହ-ଆଦର
ପାଇନି ମୁଁ ଆଉ କାହିଁ।
ଗାଆଁ ଚାରିପଟେ ଦେବଦେବୀମାନେ
ବସିଛନ୍ତି ଜଗି ରହି
କାହିଁ କେତେକାଳୁ ମହିମା ତାଙ୍କରି
ଆସୁଛନ୍ତି ଲୋକେ କହି।
ପାଖ ପଡ଼ୋଶୀଏ ମଜାରେ ଗପରେ
କାଟୁଥିବେ ରାତି ଦିନ
ଭୁଲିଯାଇ ନିଜ ଦୁଃଖ, ରାଗ ଯେତେ
ନମଣି କାହାକୁ ହୀନ।
ଗାଆଁଟି ସୁନ୍ଦର ଦେବୀନଦୀ ଆଉ
ସବୁଜ ବନାନୀ ପାଇଁ
ଉଛନ୍ନ ସଭିଏଁ, ଆସିଲେ ମକର
ଯାତ ଦେଖିଯିବା ପାଇଁ।
ରହିଥିବେ ଚାହିଁ ମାମୁ-ମାଇଁ, ପିଣ୍ଟୁ,
ରୀନା, ସୋନି, ମୁନା ଭାଇ
ମୋ' ସୁନା ଭାଉଜ, ବଡ଼ ଭାଇ ମୋତେ
ମାମୁଘର ନେବା ପାଇଁ।
ପାଦ ମୋର ଆଉ ଲାଗେନି ମାଟିରେ
ଯାଏ ମୁଁ ସେଠାକୁ ଯେବେ
ଯେତେ କହିଲେ ମୋ 'ମାମୁ ଘର' କଥା
ସରିବନି ଜମା କେବେ।
**ଉତ୍ତରା ଛକ, ସରଦେଇ ପୁର,**
**ଗୋପୀନାଥ ପୁର, ଭୁବନେଶ୍ୱର-୨**
**ମୋ: ୮୪୮୦୯୯୮୦୯୧**

## ଚାରିଟି ସଂଯମ



ଶ୍ରୀକାନ୍ତ କୁମାର ମହାଳିକ

ଅବାଟରେ 'ଅର୍ଥ' ବ୍ୟୟ କରିବନି
ସଂଯମ ତ ରକ୍ଷା କରିବ,
ସଂଯମର ରକ୍ଷା କରିଲେଟି ଜାଣ
ଅଭାବେ କେବେ ନପଡିବ।
'ସମୟ' ସଂଯମ କରିବଟି ପିଲେ
ସମୟକୁ ଜଗି ଚାଲିବ,
ଜୀବନର ମାନେ ସମୟ ଅଟଇ
ଏକଥାକୁ ମନେ ରଖିବ।
'ବିଚାର'ରେ ତୁମେ ସଂଯମକୁ ରକ୍ଷା
ସଦା ସରବଦା କରିବ,
ଭଲ ବିଚାରରେ ଆନନ୍ଦ ମିଳଇ
କୁବିଚାରୁ ଦୂରେ ରହିବ।
'ଇନ୍ଦ୍ରିୟ' ସଂଯମ ସବୁଠୁ ମହତ
ଏକଥା ମନୁ ନ ଭୁଲିବ,
ଇନ୍ଦ୍ରିୟ ସଂଯମ କରିଲେଟି ଜାଣ
ବିପଦେ କେବେ ନପଡିବ।
ଏଚାରି ସଂଯମ ପାଳନ ପାଇଁକି
ଧିଆନଟି ସଦା ରଖିବ,
ଏଚାରି ସଂଯମ ପାଳନ କରିଲେ
ଶ୍ରେଷ୍ଠ ମଣିଷଟି ହୋଇବ।
**ଚାନ୍ଦବାଲି, ଭଦ୍ରକ**
**ମୋ: ୮୬୫୮୪୩୯୭୦୨**

## ହେନ୍ତାଳ ବଣ



ଅମ୍ବିକା ବିଶ୍ୱାଳ

ହେନ୍ତାଳ ବଣ
ଦରିଆ କୂଳରେ ଠିଆ ହୋଇଥିଲେ
କାଟୁ କରିବନି ଝଡ଼-ପବନ।
ଆସିଲେ ବଢ଼ି
ଏଇ ଗଛ-ମାଳ ଗାଆଁକୁ ବଞ୍ଚେଇ
ଚକିରି-ବାଆକୁ ଦିଅନ୍ତି ତଡ଼ି।
ପାଚେରି ହେଇ
ଧରି ରଖିବ ସେ ଗଛକୁ ଶକତ
ମୂଳ ଚାରିପାଖେ ମାଟି ବେଢ଼େଇ।
ବିଜ୍ଞାନୀ କହେ
ଲୁଣା ଜଙ୍ଗଲ ଏ ଭାରି ଉପକାରୀ
ତା' ପାଇଁ ମଣିଷ ନିଦକ ରହେ।
**୧୩୭-ହାଉସିଂବୋର୍ଡ଼ କଲୋନୀ**
**ଚାରିବାଟିଆ, କଟକ**
**ମୋ: ୭୦୦୮୭୦୮୩୪୨**

## ସବୁରି ମୂଳରେ ଗଛ



ଶିଶିର କୁମାର ପଣ୍ଡା

ଭୁଲନା ଭୁଲନା ଗଛ ଉପକାର
ହେ ମୋର ମଣିଷ ଜାତି
ଗଛ ନାହିଁ ବୋଲି ଜଙ୍ଗଲ ଛାଡ଼ିକି
ଗାଆଁକୁ ଆସନ୍ତି ହାତୀ।
ବେଳ ଅବେଳରେ ବାଘ ଭାଲୁ ପୁଣି
ଏଠାକୁ ପଳେଇ ଆସେ
ହାବୁଡ଼ରେ ଯିଏ ପଡ଼ଇ ତାଙ୍କର
ଜୀବନ ଅକାଳେ ନାଶେ।
ଚାଷବାସ ଆଉ କରେଇ ଦେଉନି
ଆସିକି ମାଙ୍କଡ଼ ପଲ
ଚାଷ ନ ହୋଇଲେ ଖାଇବାକୁ ନାହିଁ
ହେଉ ଆମେ କଲବଲ।
କଲ-କାରଖାନା ବଢ଼ି ବଢ଼ି ଚାଲେ
ଅଗଣିତ ଚାଲେ ଗାଡ଼ି
ବାୟୁ ମଣ୍ଡଳକୁ କରନ୍ତି ଦୂଷିତ
କଳା କଳା ଧୂଆଁ ଛାଡ଼ି।
ସଡ଼କ ସବୁଠି ଚଉଡ଼ା ହେଉଛି
ପୁରୁଣା ଗଛକୁ କାଟି
ଖରାଦିନ ଖରା କରେ ଦରମରା
ତାତିଯାଏ ବାଲି ମାଟି।
ପାଣି ମିଳୁନାହିଁ କୂଅ ନଳକୂଅ
ପୋଖରୀ ଯାଉଛି ଶୁଖି
ବଗ ଚିଲ କିସ ଖାଇବେ ଏକଥା
ଭାବିକି ହୁଅନ୍ତି ଦୁଃଖୀ।
ସବୁରି ମୂଳରେ ଗଛ
ଆଗ କାମ ହେଉ ଚାରା ରୋପିବାଟା
ଆଉ ସବୁ କାମ ପଛ।
**କୁଆଁସ, ମେରଦା କାଟିଆ, ଯାଜପୁର**
**ମୋ: ୮୯୮୧୭୩୭୨୨୮**

## ଘନ କୁହୁଡ଼ି



ଅରୁଣ ଚନ୍ଦ୍ର ମହାନ୍ତି

ଘନ କୁହୁଡ଼ି ଯାଇଛି ମାଡ଼ି
ଦିଶୁନି ବାଟ ଘାଟ
ଆଖି ଖୋଜୁଛି ମନ୍ଦିର ଚୂଳ
ଦିନ ହେଲାଣି ଆଠ।
ପଥିକ ବନ୍ଧୁ ଡରରେ ଚାଲେ
ଦିଶୁନି କାହା ମୁହଁ
କୁହୁଡ଼ି ମାଡ଼ ଦେହରେ ବାଜି
ଥରେଇ ଦିଏ ଦେହ।
ଇସ୍କୁଲ ଗାଡ଼ି ଛାଡୁଛି ରଡ଼ି
ଗଡୁଛି ଧୀରେ ଧୀରେ
ଚାଷୀ ଭାଇଟି କ୍ଷେତକୁ ଚାଲେ
ପଗଡ଼ି ବାନ୍ଧି ଶିରେ।
ଡାଳରେ ପକ୍ଷୀ ଦିଶୁନାହାନ୍ତି
ଦିଶୁନି ତାଙ୍କ ମେଳ
ଡେଉଁ ନାହାନ୍ତି ଡାଳରୁ ଡାଳ
ଜମୁନି ତାଙ୍କ ଖେଳ।
ଦେଖିଲି ଯାଇ ଗହଳ ନାହିଁ
ସକାଳ ଓଳି ହାଟ
ଡର ନରଖି ଖୁସି ମନରେ
ବାହାରୁ ଥିଲେ ଚାଟ।
**ଛାୟାଲୋକ, ପ୍ଲଟ୍. ୧୪୭୧**
**ଏକାମ୍ର ନିବାସ ସାମ୍ନା,**
**ପୁରୁଣା ଭୁବନେଶ୍ୱର-୨**
**ମୋ: ୯୯୩୮୪୫୮୭୨୬**

ଗପ

## ମନ୍ଦବୁଦ୍ଧିର ଫଳ



ଦୁର୍ଗାବତୀ ପ୍ରଧାନ

ଚିତାବାଘଟିଏ ପାହାଡ଼ ପର୍ବତରେ ଚରାବୁଲା କରିବାରେ ଥିଲା ଓସ୍ତାଦ। ବେଳେବେଳେ ସେ ସମୁଦ୍ରକୂଳ ଆଡ଼େ ମଧ୍ୟ ଆସେ। ଚିତାବାଘର ଗୋଟିଏ ସାଙ୍ଗ ଥିଲା ହାତୀ। ସେ ମଧ୍ୟ ମଝିରେ ମଝିରେ ତା ସାଙ୍ଗରେ ସମୁଦ୍ରକୂଳକୁ ଆସେ। ଦୁଇଜଣଯାକ ସମୁଦ୍ରକୁ ଉପଭୋଗ କରନ୍ତି। ହାତୀକୁ ନିରୋଳା ଜାଗା ଭଲ ଲାଗେ। ସମୁଦ୍ରର ସୁଲୁସୁଲିଆ ପବନରେ ଆରାମରେ ବସେ। ତରଙ୍ଗ ପରେ ତରଙ୍ଗ ଆସୁଥାନ୍ତି, କୂଳରେ ମୁଣ୍ଡ ପିଟୁଥାନ୍ତି। ଏସବୁ ଦେଖି ହାତୀ ବେଶୀ ଖୁସି ହୁଏ।

ସମୁଦ୍ର ଭିତରେ ସିଲ୍‌ଟିଏ ପାଣିରେ ଆସି ପହଁରୁଥାଏ। ସେ ହେଲା ସିଲ୍‌ମାନଙ୍କର ମୁଖିଆ। ଏହିପରି କେତେଦିନ ବିତିଗଲା। ସବୁଦିନ ଦେଖାସାକ୍ଷାତରୁ ତିନିଜଣଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଗଲା। ଏହିପରି ତିନିହେଁ ସାଙ୍ଗ ହୋଇଗଲେ। ତିନିଜଣଯାକ କଥାବାର୍ତ୍ତା ହୁଅନ୍ତି। ଦିନେ ସିଲ୍ କହିଲା- ଚିତାଭାଇ ତମେ ଆମକୁ ଆକ୍ରମଣ କରିବ ନାହିଁ। ସିଲ୍ ଭାବିଲା, ଯଦି ସେ ଆକ୍ରମଣ କରେ ତେବେ ସବୁ



ସିଲ୍‌ମାନେ ଏକାଠି ହୋଇ ତାକୁ ମାରିଦେବେ। ଏମିତି କେତେଦିନ ଚାଲିଲା। ସିଲ୍ ସମସ୍ତଙ୍କୁ କହିଦେଲା ଚିତାବାଘଟି ମୋର ସାଙ୍ଗ। ସେ ତୁମକୁ ମାରିବ ନାହିଁ। ସବୁ ସିଲ୍‌ମାନେ ଆସି ତା' ସାଥିରେ ଖେଳନ୍ତି। ଚିତାର ତ ମନ୍ଦ ବୁଦ୍ଧି। ସେ ସମୟକୁ ଅପେକ୍ଷା କରି ରହିଥାଏ। ଦିନେ ଗୋଟିଏ ସିଲ୍ ଖେଳୁଥାଏ। ଚିତା କହିଲା, ସିଲ୍ ଭାଇ ଶୁଖିଲାକୁ ଆସୁନ, ଖେଳିବା। ବାଘ କଥା ସିଲ୍‌କୁ ଅସୁବିଧା ଲାଗିଲା। ସେ ଭାବିଲା, ମୁଁ ତ ଏକା ଖେଳୁଛି ସେ ମୋତେ କାହିଁକି ଡାକୁଛି ? ଅନ୍ୟ ସିଲ୍ ଥିଲାବେଳେ ତ ଡାକୁନାହିଁ। ଏହାର ଉଦ୍ଦେଶ୍ୟ ମନ୍ଦ। ସେ ଚାଲିଗଲା। ହାତୀ କିନ୍ତୁ ଚିତାବାଘର ଉଦ୍ଦେଶ୍ୟ ଭଲ ନୁହେଁ ବୋଲି ଜାଣିପାରିଲା। ସେ ତାକୁ ବହୁତ ବୁଝାଇଲା। ବାଘ କିନ୍ତୁ ବୁଝିଲା ନାହିଁ। କଥାରେ ଅଛି- ପ୍ରକୃତି ମଲେ ତୁଟେ। ଦିନେ ଚିତାବାଘ ପାଟିରୁ ଲାଳ ଗଡ଼ିଲା। ସେ ଚିନ୍ତା କଲା ତା' ସାଙ୍ଗ ତ ନାହିଁ। ମୁଁ ଏହି ସମୟରେ ଗୋଟିଏ ସିଲ୍ ମାରିଖାଇବି। ସେ କୂଳକୁ ଯାଇ ଗୋଟିଏ ସିଲ୍ ଛୁଆଟିକୁ ଖାପ୍‌କିନା ମାଡ଼ିବସିଲା। ଦେଖୁ ଦେଖୁ ସବୁ ସିଲ୍‌ମାନେ ତାକୁ ଘେରିଗଲେ। ଦାନ୍ତରେ ତାକୁ କ୍ଷତାକ୍ତ କରିଦେଲେ ଏହି ସମୟରେ ବନ୍ଧୁ ସିଲ୍‌ଟି ଆସି ପହଞ୍ଚିଲା। ସବୁ ସିଲ୍ ତାକୁ ଘେରିଯାଇ ତା' ବନ୍ଧୁ ବିଷୟରେ କହିଲେ। ସିଲ୍‌ଟି ଚିତା ପାଖକୁ ଯାଇ କହିଲା- ସାଙ୍ଗ, ମୁଁ ମନା କରିଥିଲି ନା, ତମେ ଏ କ'ଣ କଲ ? ବିଶ୍ୱାସଘାତକତା କଲ। ଏ ସିଲ୍‌ମାନେ ମୋତେ କ'ଣ କହିବେ ? ତା ମୁହଁକୁ ପାଣି ଛାଟି ସୁସ୍ଥ କରାଇ ଛାଡ଼ିଦେଲା। ହାତୀ କହିଲା, ମୁଁ ତୋତେ ବାରମ୍ବାର ମନା କରିଥିଲି। ତୁ ଏତେବଡ଼ ଭୁଲ୍ କାମ କାହିଁକି କଲୁ ? ଏବେ ତୋର ଜୀବନ ଚାଲିଯାଇଥାନ୍ତା, ସିଲ୍ ମୁଖିଆ ଆସିଗଲାରୁ ସିନା ତୁ ବଞ୍ଚିଗଲୁ!

**ସର୍ବୋଦୟନଗର, ପୁରୀ-୨**
**ମୋ: ୯୮୬୧୨୫୩୦୬୯**

## ତୁମ ପାଇଁ ବହି



**ତେଲିଙ୍ଗିବାଜା**
**କର୍ମଶାଳା ଓ ନୂଆବର୍ଷ ବିଶେଷାଙ୍କ**
**ମୁଖ୍ୟ ସମ୍ପାଦକ: ସତ୍ୟବ୍ରତ ଦାସ**
**ସମ୍ପାଦକ: ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
**ବେଦବ୍ୟାସ ଜି.ଭି.ଏ ମାର୍କେଟ କମ୍ପ୍ଲେକ୍ସ, ରାଉରକେଲା-୪, ମୂଲ୍ୟ: ୩୦ ଟଙ୍କା**

ତ୍ରୟମାସିକ ପତ୍ରିକା 'ତେଲିଙ୍ଗିବାଜା'ର ସଦ୍ୟତମ ସଂଖ୍ୟା ବହୁ ପ୍ରବୀଣ ଓ ନବୀନ ଲେଖକଙ୍କ ସୃଷ୍ଟିରେ ସମୃଦ୍ଧ ହୋଇଛି। ମୁଖ୍ୟତଃ ଶିଶୁସାହିତ୍ୟିକ କର୍ମଶାଳାରେ ଆଲୋଚ୍ୟ ପ୍ରବନ୍ଧ, କବିତା ଓ ଗଳ୍ପ ଲିଖନର ମାର୍ମିକ କୌଶଳ ସମ୍ପର୍କରେ ବହୁ ଭିତ୍ତି ପ୍ରବନ୍ଧ ସ୍ଥାନ ପାଇଛି। ଏହା ଶିଶୁସାହିତ୍ୟିକଙ୍କ ମାର୍ଗଦର୍ଶନରେ ନିଶ୍ଚିତ ଭାବେ ସହାୟକ ହୋଇପାରିବ। ଶିଶୁକିଶୋରମାନେ ଏହାର ଅନୁସରଣରେ ଭବିଷ୍ୟତରେ ଭଲ ଲେଖକ ହେବାର ଖୋରାକ ଆହରଣ କରିପାରିବେ। ମନୋରମ ପ୍ରଚ୍ଛଦ ଓ ପରିଚ୍ଛନ୍ନ ମୁଦ୍ରଣ ପରିପାଟୀ ଏହି ସଂଖ୍ୟାର ନିଆରା ପଣ ଯୋଗୁଁ ପତ୍ରିକାଟି ସଂଗ୍ରହଣୀୟ।

## କୁନାକୁନିଙ୍କ ଚିତ୍ର





ସାନ୍‌ଭି ଶନାୟା ସା,
କ୍ଲାସ୍-୪, ବିଜେଇଏମ୍-୧,
ଭୁବନେଶ୍ୱର



ଦମୟନ୍ତୀ ଟୁଡୁ, କ୍ଲାସ୍-୪,
ସରକାରୀ ଉଚ୍ଚ ବିଦ୍ୟାଳୟ ଅଦାପାଳ,
ଉଦଳା, ମୟୂରଭଞ୍ଜ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ବୋମା ଧମକ ପରେ କୋର୍ଟ ପରିସରରେ ବଢ଼ିଲା ସୁରକ୍ଷା

**କଟକ,୯।୧/ଏନ୍‌ଏନ୍‌ଏସ୍:** ବୋମା ଧମକ ପରେ କଟକର ବିଭିନ୍ନ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ହାଇକୋର୍ଟ ସମେତ ନିମ୍ନ ଅଦାଲତର ଆଜି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉଭୟ ସ୍ଥାନରେ ସାଢ଼େ ୩ ପ୍ଲାଟୁନ ସଶସ୍ତ୍ର ବାହିନୀ ଏନେଇ ମୁତୟନ ହୋଇଛନ୍ତି। ଉଭୟ ହାଇକୋର୍ଟ ଏବଂ ଜିଲ୍ଲା ଜଜ୍ କୋର୍ଟରେ ଅଧିକ ସଂଖ୍ୟକ ମେଟାଲ୍ ଡିଟେକ୍ଟର ଲଗାଯାଇଛି। ସମସ୍ତ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାରରେ କଡ଼ାକଡ଼ି ଚେକିଂ କରାଯାଉଛି। ହାଇକୋର୍ଟ ଭିତରକୁ କୌଣସି ବକ୍ସ କିମ୍ବା ବ୍ୟାଗ୍ ଅବା ଜିନିଷପତ୍ର ନେବା ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି। ଏଭଳି ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଇନଜୀବୀମାନେ ସନ୍ତୋଷ ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ୩ଟି କୋର୍ଟକୁ ବୋମାରେ ଉଡ଼ାଇଦେବା ନେଇ ଧମକପୂର୍ଣ୍ଣ ଇ-ମେଲ ଆସିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଦେବଗଡ଼, ସମ୍ବଲପୁର ଏବଂ କଟକ ଜିଲ୍ଲା କୋର୍ଟକୁ ଧମକପୂର୍ଣ୍ଣ ମେଲ ଆସିଥିଲାତେବେ ପରେ ଜଣାପଡ଼ିଥିଲାଯେ, ଏହା ଏକ ମିଥ୍ୟା ଧମକ ଇ-ମେଲ ଥିଲା। ତେବେ ଘଟଣାର ଉଭୟ କ୍ରାଇମବ୍ରାଞ୍ଚ୍ ଏବଂ ସାଇବର ସେଲ ତଦନ୍ତ ଆରମ୍ଭ ଚଳାଇଛି। ଧମକପୂର୍ଣ୍ଣ ଇମେଲର ସୋର୍ସ କ'ଣ ତାହା ଜାଣିବା ପାଇଁ ପୁଲିସ ସବୁ ପ୍ରକାର ଚେଷ୍ଟା ଚଳାଇଛି। ଏଭଳି କାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ବାର ଆସୋସିଏସନ ତରଫରୁ ଦାବି ହୋଇଛି।

## ସିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବୈଠକ

**କଟକ,୯।୧/ଏନ୍‌ଏନ୍‌ଏସ୍:** ସିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ କଟକ ମହାନଗର ନିଗମ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ତ ରଞ୍ଜନ ପଣ୍ଡା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ସିଏମସିର ପୂର୍ବତନ ଅତିରିକ୍ତ ନିର୍ବାହୀ ଅଧିକାରୀ ତଥା ବରିଷ୍ଠ ପ୍ରଶାସକ ଅଶୋକ କୁମାର ତାରେଣିଆଙ୍କ ବିୟୋଗ ହେତୁ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଇଁ ଆଲୋଚନା କରାଯାଇଥିଲା। ଆସନ୍ତା ଫେବୃୟାରୀ ୪ ତାରିଖ ଯୋବ୍ରା ଆନିକଟ ନିକଟସ୍ଥ ଆଖଣ୍ଡଳମଣି ମନ୍ଦିର ପାଖରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକରଣ କରି ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ କରି ଆଲୋଚନା କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ମହାପାତ୍ର, ସୁରେନ୍ଦ୍ର ଦାସ, ଗୋପାଳ ଚରଣ ବେହେରା, ରାଜକିଶୋର ମଙ୍ଗଳ, ସରୋଜ ବାରିକ, ସୁବାସ ଚନ୍ଦ୍ର ମହାନ୍ତି, ପ୍ରଫୁଲ ପଣ୍ଡା, ବିଜୟ ପଣ୍ଡା ଓ ପ୍ରତ୍ୟୁଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିବସ

## ମଞ୍ଚ ବିଚାରଧାରା ଓ ସାହିତ୍ୟିକ ପରିଚୟର ସଂଳାପ ଉପରେ ଆଲୋଚନା

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ଦ୍ୱାଦଶ କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ) ୨ୟ ଦିନରେ ବିଚାରଧାରା, ଭାଷା, ଇତିହାସ ଓ ଆଧୁନିକ ପ୍ରସଙ୍ଗଗୁଡ଼ିକର ଏକ ସମୃଦ୍ଧ ଓ ନିମଜ୍ଜିତ ଉତ୍ସବ ଭାବେ ଉନ୍ମୋଚିତ ହୋଇଛି। ଆଲୋଚନାରେ ରଶ୍ମୀରଞ୍ଜନ ପରିଡ଼ା କହିଥିଲେ ଯେ କଳିଙ୍ଗ ସାହିତ୍ୟ ମହୋତ୍ସବ ସବୁବେଳେ ବିଶ୍ୱାସ କରିଆସିଛି ଯେ ସାହିତ୍ୟ କେବଳ ପୁସ୍ତକଗୁଡ଼ିକରେ ସୀମିତ ନାହିଁ। ଏହା ଗଣତନ୍ତ୍ର, ଲିଙ୍ଗଗତ ଆଲୋଚନା, ସିନେମା, ବିଜ୍ଞାନ, ସ୍ମୃତି ଓ ସମାଜର ଦୈନନ୍ଦିନ ସଂଘର୍ଷରେ ବଞ୍ଚିରହିଛି। ଲୋକପ୍ରିୟ ଅନୁବାଦକ ଓ ଲେଖକ ଡେଜି ରକ୍‌ୱେଲ, ବୁକର ପୁରସ୍କାର ବିଜେତା ଲେଖକ ଦୀପା ଭାସ୍ଥି ଏବଂ କବି ଓ ବିଦ୍ୱାନ ରଞ୍ଜିତ ହସ୍‌କୋଟେ, ସୈକତ ମଜୁମଦାରଙ୍କ ସଂଯୋଜନାରେ ଅନୁବାଦ କିଭଳି ମାନବଜାତିକୁ ଆକାର ଦେଉଛି ଏବଂ ସୀମାପାର ସଂସ୍କୃତିଗୁଡିକୁ ସଂଯୋଗ କରୁଛି ତାହାକୁ ଅନ୍ୱେଷଣ କରିଥିଲେ। ମାତୃଭାଷା ଓ ବହୁଭାଷୀୟ କବିତାଗୁଡ଼ିକର ସେଲିବ୍ରେଶନ, ଡଃ ସନ୍ତୋଷ ରଥ, ବସନ୍ତ ପଣ୍ଡା ଓ ରମେଶ ମଲ୍ଲିକଙ୍କ ଭଳି ବ୍ୟକ୍ତିଙ୍କ ସହିତ ଓଡିଶାର ଗଭୀର ସାହିତ୍ୟିକ ସଂଯୋଗକୁ ଆଲୋକିତ କରିଥିଲା। ସେହିପରି ସକାଳ ଅଧିବେଶନରେ ଭାରତୀୟ ଲୋକତନ୍ତ୍ର: ସଂସଦ, ସମ୍ବିଧାନ ଅର୍ ଜନତା, ଯେଉଁଠାରେ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ଜୟ ପ୍ରକାଶ ପାଣ୍ଡେ ଆଲୋଚନାରେ ଯୋଗ ଦେଇଥିଲେ। ମହୋତ୍ସବର ମହତ୍ତ୍ୱ ଉପରେ ଅଶୋକ କୁମାର ବଳ କହିଛନ୍ତି, କେଏଲଏଫ ହେଉଛି ସଂସ୍କୃତି, ଭାଷା ଓ ଜୀବନ୍ତ ବାସ୍ତବତାର ଏକ ମିଳନସ୍ଥଳ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଏକାମ୍ର ନାଟ୍ୟ ସଂଗଠନ ଏବଂ ଏକାମ୍ର ନୃତ୍ୟଶାଳାର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରର ଏକାମ୍ର ନାଟ୍ୟ ସଂଗଠନ ପକ୍ଷରୁ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ସହଯୋଗରେ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡଳରେ ଏହାର ସପ୍ତମ ବାର୍ଷିକ ସମାରୋହ ସହିତ ଏକାମ୍ର ନୃତ୍ୟଶାଳାର ଷଷ୍ଠ ବାର୍ଷିକ ସମାରୋହ ସଫଳତାର ସହିତ ଆୟୋଜିତ ହୋଇଯାଇଛି। କଳା ଏବଂ ସଂସ୍କୃତିର ପ୍ରଚାର ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ପଶ୍ଚିମ ଓଡ଼ିଶାର ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ବିଶେଶ୍ୱର ଖୁଲାରୀଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଶତଦ୍ରୀର କଳାକାର ଧୀର ମଲ୍ଲିକ, ପ୍ରସିଦ୍ଧ ନୃତ୍ୟଶିଳ୍ପ ନିର୍ଦ୍ଦେଶକ ଶାଶ୍ୱତି ଯୋଶୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଆ ନାଟ୍ୟ ଏବଂ ନୃତ୍ୟର ସମୃଦ୍ଧ ପରମ୍ପରାକୁ ପାଳନ କରାଯାଇଥିଲା, ଯାହା ସହରର କଳାକାର, ଛାତ୍ର, ନାଟ୍ୟ ପ୍ରେମୀ ଏବଂ ସାଂସ୍କୃତିକ ଉତ୍ସାହୀମାନଙ୍କୁ ଏକତ୍ର କରିଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ନାଟକ 'ମୁ ନାଥୁରାମ କହୁଚି'ର ମଞ୍ଚସ୍ଥ ହେବା, ଯାହା ଏହାର ଶକ୍ତିଶାଳୀ ବର୍ଣ୍ଣନା, ଆକର୍ଷଣୀୟ ପ୍ରଦର୍ଶନ ଏବଂ ଚିନ୍ତାପ୍ରବଣ ବିଷୟବସ୍ତୁ ପାଇଁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ନିମାଇଁ ଚରଣ ଲେଙ୍କା ଏହି ନାଟକର ରଚନା କରିଥିବାବେଳେ ଜିତେନ୍ଦ୍ର ପଟ୍ଟନାୟକ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଭୁବନେଶ୍ୱରର ଏକାମ୍ର ନାଟ୍ୟ ସଂଗଠନର ସଚିବ ନିମାଇଁ ଚରଣ ଲେଙ୍କା କହିଛନ୍ତି ଯେ ଏକାମ୍ର ନାଟ୍ୟ ସଂଗଠନ ଏବଂ ଏକାମ୍ର ନୃତ୍ୟଶାଳା ନାଟ୍ୟ ଏବଂ ନୃତ୍ୟକୁ ଜୀବନ୍ତ କଳା ଭାବରେ ପରିପୋଷଣ କରିବା ପାଇଁ ପ୍ରତିବଦ୍ଧ। ଏହିପରି ବାର୍ଷିକ ମଂଚ ମାଧ୍ୟମରେ, ଆମେ ଯୁବ କଳାକାରମାନଙ୍କୁ ଉତ୍ସାହିତ କରିବା, ଓଡ଼ିଆ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ କରିବା ଏବଂ ଶାସ୍ତ୍ରୀୟ ଏବଂ ସମସାମୟିକ ସୃଜନଶୀଳ ଅଭିବ୍ୟକ୍ତି ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ।

### ଆଜିଠୁ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ୭୪ ବିଶ୍ୱବିଦ୍ୟାଳୟ ଦଳ ଭାଗ ନେବେ

**କଟକ,୯।୧/ଏନ୍‌ଏନ୍‌ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଚଳିତବର୍ଷର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ୨୦୨୫-୨୬ ଆୟୋଜନ କରିବାର ଦାୟିତ୍ୱ ମିଳିଛି। ଭାରତୀୟ ବିଶ୍ୱ ବିଦ୍ୟାଳୟ ସଂଘ (ଏଆଇୟୁ) ଦ୍ୱାରା ପ୍ରଦତ୍ତ ଏହି ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ରୀଡ଼ା ମହୋତ୍ସବରେ ପୂର୍ବାଞ୍ଚଳର ମୋଟ ୭୪ଟି ବିଶ୍ୱ ବିଦ୍ୟାଳୟର ଦଳ ଅଂଶଗ୍ରହଣ କରିବେ। ପ୍ରାୟ ୧୫୦୦ଖେଳାଳୀ



ଏବଂ ଅଧିକାରୀଙ୍କ ପାଇଁ ସ୍ଥାନୀୟ ନରାଜ ସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍‌ରେ ରହିବା ବ୍ୟବସ୍ଥା କରାଯାଇଛି। ମ୍ୟାଚ୍‌ଗୁଡ଼ିକ ରେଭେନ୍ସା ପଡ଼ିଆ ବ୍ୟତୀତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, କିଟ୍ ବିଶ୍ୱବିଦ୍ୟାଳୟ, ଏମ୍‌ଜିଏମ୍ ଏକାଡେମୀ ଏବଂ ବିଡ଼ାନାସୀ କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଆୟୋଜନ କମିଟି ଅଧ୍ୟକ୍ଷ ଧର୍ମବ୍ରତ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ନକ-ଆଉଟ-କମ-ଲିଗ୍ ଭିତ୍ତିରେ ଖେଳାଯିବ। ଏଥିରେ ୭୦ଟି ନକ୍-ଆଉଟ୍ ଏବଂ ୬ଟି ଲିଗ ମ୍ୟାଚ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ ୨୦ ଓଭର ବିଶିଷ୍ଟ ହେବ। ଏଥିରେ ଲାଲ ବଲ ଓ ଧଳା ପୋଷାକର ବ୍ୟବହାର କରାଯିବ। ଓସିଏ ପ୍ୟାନେଲ୍‌ର ଅମ୍ପେଆର ଏବଂ ସ୍କଲ୍‌ମାନେ ମ୍ୟାଚ ପରିଚାଳନା କରିବେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୨ଟି ଦଳ ସର୍ବଭାରତୀୟ ଟୁର୍ନାମେଣ୍ଟପାଇଁ ଯୋଗ୍ୟତା ଅର୍ଜନ କରିବେ।

## ପୋଷ୍ୟପୁତ୍ରଙ୍କୁ ମିଳିବ ଅନୁକମ୍ପାମୂଳକ ନିଯୁକ୍ତି

**କଟକ,୯।୧/ଏନ୍‌ଏନ୍‌ଏସ୍:** ପୋଷ୍ୟପୁତ୍ରଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ। ଏହି ମର୍ମରେ କ୍ୟାଟ୍ ଦେଇଥିବା ଆଦେଶକୁ ହାଇକୋର୍ଟ କାୟମ୍ ରଖିବା ସହ ଦକ୍ଷିଣ-ପୂର୍ବ ରେଳବାଇ କର୍ତ୍ତୃପକ୍ଷଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ପ୍ରତିପକ୍ଷ ତଥା ନିଯୁକ୍ତି ଆବେଦନକାରୀ କେ. ମନୋଜ ପାତ୍ରଙ୍କୁ ୨ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ନିଯୁକ୍ତି ଦିଆ ନ ଯାଏ, ତାହା ହେଲେ ଏହାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାର ତଥା ଦକ୍ଷିଣପୂର୍ବ ରେଳବାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଡି. କେ. ଶ୍ରୀପଦ ଏବଂ ଜଷ୍ଟିସ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ ରେଳବାଇ ବିଭାଗରେ କେ ସାଧୁପାତ୍ର ଜଣେ ଟେକ୍‌ନିସିଆନ୍ ଭାବେ କାର୍ଯ୍ୟ କରୁଥିଲେ। ୨୦୦୮ ଏପ୍ରିଲ ୨ ତାରିଖରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିବା କେ. ମନୋଜ ପାତ୍ର ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। କିନ୍ତୁ ପୋଷ୍ୟପୁତ୍ରଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ ନାହିଁ ବୋଲି ଦର୍ଶାଇ ତାଙ୍କ ଆବେଦନ୍‌କୁ ଖାରଜ କରିଦେଇଥିଲେ। ଏହାକୁ ଚାଲେଞ୍ଜ୍ କରି କେ ସାଧୁପାତ୍ରଙ୍କ ପତ୍ନୀ ଏବଂ ପୋଷ୍ୟପୁତ୍ର କେ. ମନୋଜ ପାତ୍ର କ୍ୟାଟ୍ (କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ)ରେ ମାମଲା ରୁଜୁ କରିଥିଲେ। କ୍ୟାଟ ୨୦୨୫ ରେ ରେଳବାଇ କର୍ତ୍ତୃପକ୍ଷଙ୍କ ଆଦେଶକୁ ଖାରଜ କରିଦେଇଥିଲେ। ଏହି ଆଦେଶ ବିରୋଧରେ ରେଳବାଇ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରେଳବାଇ କର୍ତ୍ତୃପକ୍ଷଙ୍କ ଏହି ଆବେଦନକୁ ଖାରଜ କରି ପୋଷ୍ୟପୁତ୍ର ମନୋଜକୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେ. ମନୋଜ ପାତ୍ରଙ୍କ ପକ୍ଷରୁ ଆଇନଜୀବୀ ଦିଲ୍ଲୀପ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଶିଶୁଭବନ ପରିସରରୁ ଭଙ୍ଗାଗଲା ଅସୁରକ୍ଷିତ କୋଠା



**କଟକ,୯।୧/ଏନ୍‌ଏନ୍‌ଏସ୍:** ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଶିଶୁ ଭବନ ପରିସରରେ ଥିବା ଅସୁରକ୍ଷିତ କୋଠାଗୁଡ଼ିକୁ ଭଙ୍ଗାଯାଇଛି। ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ପୁଲିସ ଉପସ୍ଥିତିରେ ଶିଶୁ ଭବନ ପରିସରରେ ଥିବା ପ୍ରାୟ ୪ଟି କ୍ୱାର୍ଟର୍ସ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଆଜି ଶିଶୁ ଭବନ ପରିସରରରୁ ଅସୁରକ୍ଷିତ କୋଠା ଉଚ୍ଛେଦ ସମୟରେ ଆର୍ ଆଣ୍ଡ ବି, ବିଭାଗୀୟ ଅଧିକାରୀ, ଟିପିସିଓଡିଲ୍ ଓ ୱାଟ୍‌କୋର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ କର୍ମଶାଳା

**କଟକ,୯।୧/ଏନ୍‌ଏନ୍‌ଏସ୍:** ବାଲିଯାତ୍ରା ପଡ଼ିଆରେ ଉଦ୍‌ଘାଟିତ ହୋଇଥିବା କୃଷି ଯନ୍ତ୍ରପାତି ମେଳାର ଆଜି ଦ୍ୱିତୀୟ ଦିବସ କୃଷକମାନଙ୍କ ସକ୍ରିୟ ଭାଗିଦାରୀରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ କୃଷି କର୍ମଶାଳାର ଆୟୋଜନ କରାଯାଇଥିଲା। କର୍ମଶାଳାରେ ଇଂ ପ୍ରଦୀପ ପାଇକରାୟ କ୍ଷେତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି କୃଷି କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ଉପରେ ଉପସ୍ଥିତ ଚାଷୀମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲା କୃଷି ଅଧିକାରୀ, ବାଙ୍କୀ ଶ୍ରୀମତୀ ଶୁଭଶ୍ରୀ ଜେନା ସରକାରଙ୍କ ବିଭିନ୍ନ ବହୁମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କର୍ମଶାଳାରେ ଉପସ୍ଥିତ ଚାଷୀ ଓ ବିଭାଗୀୟ ଅଧିକାରୀ ମାନଙ୍କମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଏକ ଜିଲ୍ଲାସ୍ତରୀୟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଫସଲ ବିବିଧିକରଣ ଯୋଜନା




ମାଧ୍ୟମରେ ଆୟୋଜନ କରଯାଇଥିଲା ଯେଉଁଥିରେ ବଡମ୍ବା ଓ ନରସିଂହପୁର ଅଞ୍ଚଳରୁ ଆସିଥିବା ୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ମାଣ୍ଡିଆ, ମୁଗ ଓ ମକାରେ ତିଆରି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ମହିଳାମାନେ ପୁରସ୍କୃତ ହୋଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୩୦୦ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରୋଜାଲିନ୍ ସୁନ୍ଦରରାୟଙ୍କ ଦ୍ୱାରା ଓଡ଼ିଶୀ ଓ ଆଞ୍ଚଳିକ ନୃତ୍ୟ ପରିବେଷଣ ସହ ବଦ୍ରିନାରାୟଣ ମିଶ୍ରଙ୍କ ଦ୍ୱାରା ପ୍ରଦର୍ଶିତ ମ୍ୟାଜିକ ଶୋ ଦର୍ଶକଙ୍କ ମନ ମୋହିଥିଲା। ଏହି ଅବସରରେ ଜିଲ୍ଲା କୃଷି ଅଧିକାରୀ ଡ. ରୋଜାଲିନ ନାୟକ, କୃଷି ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଶାନ୍ତ କୁମାର ଜେନା ଉପସ୍ଥିତ ରହି କୃଷକଙ୍କ ମଧ୍ୟରେ ଆଧୁନିକ କୃଷି ଯନ୍ତ୍ରପାତି ପ୍ରତି ଉତ୍ସାହ ବଢ଼ାଇଥିଲେ।

## ବନ୍ଧୁଘର ସାହିତ୍ୟ ପିଣ୍ଡାର ବରିଷ୍ଠ ଟ୍ରଷ୍ଟିଙ୍କ ଦେହାନ୍ତ

**କଟକ,୯।୧/ଏନ୍‌ଏନ୍‌ଏସ୍:** ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ବଡ଼ପୁଅ ତଥା ଭୁବନେଶ୍ୱର ବନ୍ଧୁଘର ସାହିତ୍ୟ ପିଣ୍ଡାର ବରିଷ୍ଠ ଟ୍ରଷ୍ଟି ସୁଧାଂଶୁ କୁମାର ମହାନ୍ତିଙ୍କର ଆଜି ସକାଳ ଛଅଟାରେ କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ଶେଷଦର୍ଶନ କରିବାକୁ ତାଙ୍କ କଟକ ଅରୁଣୋଦୟ ନଗର ଘରେ ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ, ଡାକ୍ତର ଆଲୋକ କାନୁନ୍‌ଗୋ, ଗଜେନ୍ଦ୍ର ନାଥ ମହାନ୍ତି, ବିଚିତ୍ରାନନ୍ଦ ଦାସ, ତାଙ୍କ ଗାଆଁ ସାତପୁରା ଜଗତସିଂହପୁରର ପରିଜନମାନେ ଉପସ୍ଥିତ ଥିଲେ। ଖାନନଗର ଶ୍ମଶାନରେ ତାଙ୍କର ଦାହସଂସ୍କାର କରାଯାଇଥିଲା। ତାଙ୍କ ଏକମାତ୍ର ପୁଅ ସିଦ୍ଧାର୍ଥ ମହାନ୍ତି ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ଛଅସ୍ତରି ବର୍ଷ ବୟସ ହୋଇଥିଲା। ବିଭିନ୍ନ କମ୍ପାନୀରେ ଉଚ୍ଚ ପଦବୀରେ କାମ କରି ତାଙ୍କ ଶେଷଜୀବନ ସେ ସମାଜସେବାରେ କଟାଇଥିଲେ। ସାହିତ୍ୟ ପିଣ୍ଡାର ଅନ୍ୟ ଟ୍ରଷ୍ଟି ସ୍ୱରାଜ ମିଶ୍ର, ପ୍ରେମଲତା ଖୁଣ୍ଟିଆ ଓ କଣ୍ଠଶିଳ୍ପୀ ବିବୁଦାସ ଶେଷସମ୍ମାନ ଜଣାଇଥିଲେ। ତାଙ୍କ ଦାହ ସଂସ୍କାର ବେଳେ ପ୍ରଫେସର ସୁନ୍ଦର ରାଓ, ଇଞ୍ଜିନିୟର ସୁଧୀର ମୁଦାଲି, ଆର୍କିଟେକ୍ଟ ଏ. କେ. ସୁର, ଡାକ୍ତର ହିମାଂଶୁ ମହାନ୍ତି, ଶୀତାଂଶୁ ମହାନ୍ତି, ଶୁଭ୍ରାଂଶୁ ମହାନ୍ତି, ଜୟଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସାହିତତ୍ୟିକ ଦାଶ ବେନହୁର ଓ ବରିଷ୍ଠ ସାମ୍ବାଦିକ ଅଶୋକ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି।



## ଗ୍ରାମ୍ୟ ସାଧନ କର୍ମୀଙ୍କ ପ୍ରଶିକ୍ଷଣ କର୍ମଶାଳା

**କଟକ,୯।୧/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକରେ ୪ଦିନିଆ ଗ୍ରାମ୍ୟ ସାଧନ କର୍ମୀଙ୍କ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ ସମେତ ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକର ୨୬ ଜଣ ଗ୍ରାମ୍ୟ ସାଧନାକର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସାଲେପୁରର ୧୦ ଜଣ ଓ ନିଶ୍ଚିନ୍ତକୋଇଲି ବ୍ଲକର ୩ ଜଣଙ୍କ ସମେତ କଟକ ସଦର ବ୍ଲକର ୧୩ ଜଣ କର୍ମୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଛି। ଗ୍ରାମ୍ୟ ସାଧନାକର୍ମୀଙ୍କ ପ୍ରଶିକ୍ଷଣ କର୍ମଶାଳା ସଦର ବିଡିଓ ପ୍ରତୀକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାନୁଆରୀ ୬ରୁ ୯ତାରିଖ ପର୍ଯ୍ୟନ୍ତ ଚାଲିଥିଲା। କାର୍ଯ୍ୟକ୍ରମରେ ମନରେଗା, ଜାତୀୟ ଖାଦ୍ୟ ସୁରକ୍ଷା, ଗ୍ରାମୀଣ ଗୃହ ନିର୍ମାଣରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପଞ୍ଚଦଶ ଅର୍ଥ କମିଶନ୍ ଯୋଜନା, ଏନ୍‌ଏସ୍‌ଏପି ଇତ୍ୟାଦି ସମ୍ପର୍କରେ



ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏବିଡିଓ ଗିରିଜା ପ୍ରସାଦ ବାରିକ୍, ଡିଏସଏ କଳ୍ପନା ବିଶ୍ୱାଳ, ଟାଙ୍ଗୀ ଚୌଦ୍ୱାର ବ୍ଲକ ସୋସିଆଲ ଅଡିଟର୍ ମନୋଜ କୁମାର ବାରିକ, ସଦର ବ୍ଲକ ସୋସିଆଲ ଅଡିଟର୍ ରଶ୍ମୀ ନାୟକ,ସଦର ଏପିଓ, ବିଏସଏସଓ, ଜିପିଡିଓ, ଜେଇ, ବିପିସିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଲାଗି ଏଭଳି ପ୍ରଶିକ୍ଷଣ ଦିଆଯାଉଛି ବୋଲି ଅଧିକାରୀମାନେ କହିଛନ୍ତି।

### ସ୍କୁଟିକୁ ଧକ୍କା ଦେଲା ହାଇୱା

## ମା' ମୃତ, ପୁଅ ଗୁରୁତର

**ମୁଣ୍ଡମୁହାଣ,୯।୧/ଏନ୍‌ଏନ୍‌ଏସ୍:** ଇନ୍‌ଫୋ ଭ୍ୟାଲି ଥାନା ୧୬ନଂ ଜାତୀୟ ରାଜପଥ ଗଙ୍ଗପଡ଼ା ନିର୍ମାଣଧିନ ଫ୍ଲାଏଓଭର ନିକଟରେ ଏକ ସ୍କୁଟିକୁ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ପ୍ରାୟ ୧୧ଟାରେ ଭୁବନେଶ୍ୱରରୁ ଏକ ସ୍କୁଟିରେ ୩୫ ବର୍ଷୀୟା ମହିଳା ଏବଂ ୩ ବର୍ଷର ଶିଶୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ସେହି ଦିଗରୁ ଆସୁଥିବା ଏକ ହାଇୱା ଟ୍ରକ ସ୍କୁଟି ପଛକୁ ଧକ୍କାଦେବାରୁ ସ୍କୁଟି ପଛରେ ବସିଥିବା ୩ ବର୍ଷର ଶିଶୁଟି ଛିଟିକି ପଡ଼ି ଗୁରୁତର ହୋଇଥିଲା ଏବଂ ମହିଳା ଜଣଙ୍କ ଟ୍ରକ ଚକାରେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଖୋର୍ଦ୍ଧା ହସ୍ପିଟାଲରେ ଇନ୍‌ଫୋଭ୍ୟାଲି ଥାନା ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏବେ ବି ଛୋଟ ପିଲାଟି ଏମ୍ସରେ ଚିକିତ୍ସିତ ହେଉଛି। ମହିଳାଙ୍କ ଘର ବାଲେଶ୍ୱର ହୋଇଥିବା ବେଳେ ସେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ରହୁଥିଲେ।

# ପାଦଚଲା ରାସ୍ତାରୁ ଉଚ୍ଛେଦ ପରିବର୍ତ୍ତେ ପୁଣି ଜବରଦଖଲ

**କଣ୍ଟିଲୋ,୯।୧/ଏନ୍‌ଏନ୍‌ଏସ୍:** ଭାରତର ରାଷ୍ଟ୍ରପତିଙ୍କ କଣ୍ଟିଲୋ ଗସ୍ତ ପୂର୍ବରୁ କଣ୍ଟିଲୋ ମାଛ ବଜାରଠାରୁ ନୀଳମାଧବଙ୍କ ପଶ୍ଚିମ ପାର୍ଶ୍ୱ ପାବଛ ପର୍ଯ୍ୟନ୍ତ ଲମ୍ବିଥିବା ମାଳବନ୍ଧକୁ ନବୀକରଣ କରାଯାଇ ମହାନଦୀ ପାର୍ଶ୍ୱ ରାସ୍ତାରେ ଯାତ୍ରୀ ମାନଙ୍କ ସୁବିଧା ପାଇଁ ପାଦ ଚଲା ରାସ୍ତା ନିର୍ମାଣ ହୋଇଥିବା ବେଳେ ମନ୍ଦିର ପାବଛ ଠାରୁ ହାଟ ମୁଣ୍ଡ ପାଟଣାର ଅଧିବାସୀଙ୍କର ଗୃହକୁ ଲାଗି ତାରିଣୀ ଛକ ପର୍ଯ୍ୟନ୍ତ ମଧ୍ୟ ପାଦ ଚଲା ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ରାଷ୍ଟ୍ରପତିଙ୍କ ଗସ୍ତ ଶେଷ ହେବା ପରେ ପରେ ଉଭୟ ପାର୍ଶ୍ୱ ପାଦ ଚଲା ରାସ୍ତାକୁ ଜୋର୍ ଜବରଦସ୍ତ ବେନିୟମ ଭାବେ ଦଖଲ କରି ବ୍ୟବସାୟୀ ମାନେ ନିଜ ନିଜର ବ୍ୟବସାୟିକ ଅନୁଷ୍ଠାନ ଖୋଲିଛନ୍ତି। ଏ ସମ୍ପର୍କରେ ବହୁବାର ନିତିଦିନ ଖବର କାଗଜରେ ଖବର ପ୍ରକାଶ ହେବା ପରେ ଜଳ ସମ୍ପଦ ବିଭାଗ ନୟାଗଡ଼ ଅଧିକ୍ଷଣ ଯନ୍ତ୍ରୀ, ଏସଡିଓ ଓ କଣ୍ଟିଲୋ ସହକାରୀ ଯନ୍ତ୍ରୀମାନେ ସରଜମିନ ତଦନ୍ତ କରି ପାଦ ଚଲା ରାସ୍ତାରୁ ସବୁ ଦୋକାନ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇ ଚାଲି ଯାଇଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ମାନଙ୍କର ନିର୍ଦ୍ଦେଶକୁ ଭ୍ରୂକ୍ଷେପ ନକରି ସେହି ପାଦ ଚଲା ରାସ୍ତା ଉପରେ ଦିନକୁ ଦିନ ଜବରଦଖଲକାରୀମାନେ ନିଜର ଦବଙ୍ଗଗିରି ଆରମ୍ଭ କରି ନିଜର ଦୋକାନ ବଜାର ଖୋଲି ସର୍ବ ସାଧାରଣ ଜନତାଙ୍କ ପାଇଁ ବିପଦ ସାଜିଛନ୍ତି। ଦ୍ୱିତୀୟତଃ ପଶ୍ଚିମ ପାର୍ଶ୍ୱ ଗାଡ଼ି ପାର୍କିଂ ପାଇଁ ସ୍ଥାନ ନଥିବାରୁ ପ୍ରତ୍ୟେକ ଗାଡ଼ି ରାସ୍ତା ଉପରେ ପାର୍କିଂ କରୁଥିବାରୁ ଛାଲି ଚାଲି ଯାଉ ଥିବା ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତା ଅଧିକାଂଶ ସମୟରେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି। ଆଜକୁ ପ୍ରାୟ ୧୧ ମାସ ଅତିବାହିତ ହୋଇଥିଲେ ମଧ୍ୟ ନୟାଗଡ଼, ଖଣ୍ଡପଡ଼ା ଓ କଣ୍ଟିଲୋ ଜଳସମ୍ପଦ ବିଭାଗ ର ଯନ୍ତ୍ରୀ, ଏସଡିଓ ଓ ଅଧିକ୍ଷଣ ଯନ୍ତ୍ରୀ ମାନଙ୍କର ଉଦାସୀନତା, ନିଷ୍କ୍ରିୟତା ଓ ନିରବତା ଯୋଗୁଁ ବ୍ୟବସାୟୀ ମାନେ ଉକ୍ତ ପାଦ ଚଲା ରାସ୍ତାକୁ ଜୋର୍ ଜବରଦସ୍ତ ନିଜ ଦଖଲରେ ରଖିଛନ୍ତି। ସୂଚନା ଯୋଗ୍ୟ ଯେ ପ୍ରତିଶ୍ରୁତି ଦେଇ ଜଳ ସମ୍ପଦ ବିଭାଗ ଆବଶ୍ୟକୀୟ ଡଷ୍ଟ ପିନ ନିର୍ମାଣ କରି ନଥିବାରୁ ରାସ୍ତା ଉପରେ କୁଢ କୁଢ ପଇଡ଼, ପଲିଥିନ, ଗ୍ଲାସ, ଜରି , କଦଳୀ ଚୋପା, ଓ କଦଳୀ ବାହୁଙ୍ଗା ପଡ଼ି ରହି ଥିବାରୁ ଦୁର୍ଗନ୍ଧରେ ନାକ ପାଟି ପଡୁଛି।ଜଳ ସମ୍ପଦ ବିଭାଗର ଅଧିକାରୀ ମାନେ କାହିଁକି ଓ କାହା ଚାପରେ ଆଜି ପର୍ଯ୍ୟନ୍ତ ସ୍ଥାଣୁ ପାଲଟି ନୀରବ ଦ୍ରଷ୍ଟା ସାଜିଛନ୍ତି ତାହା ବର୍ତ୍ତମାନ ସାଧାରଣ ଜନତା ଓ ସ୍ଥାନୀୟ ବୁଦ୍ଧିଜୀବୀ ମାନଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଯଥା ଶୀଘ୍ର ପାଦ ଚଲା ରାସ୍ତାରୁ ଜବର ଦଖଲ କାରୀଙ୍କୁ ଉଚ୍ଛେଦ କରି ସର୍ବ ସାଧାରଣ ଜନତାଙ୍କ ଧନଜୀବନର ସୁରକ୍ଷା କରିବା ସହିତ ଆସନ୍ନ ଦୁର୍ଘଟଣା କୁ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନୟାଗଡ଼ ଓ ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

### ମେଗା ଶିଶିର ସରସ ପାଇଁ ପ୍ରସ୍ତୁତି ଜୋର୍‌ଦାର୍

## ପ୍ରଦର୍ଶନୀ ପଡ଼ିଆରୁ ମନ୍ତ୍ରୀଙ୍କ କ୍ଷେତ୍ରସ୍ତରୀୟ ସମୀକ୍ଷା

**ଭୁବନେଶ୍ୱର,୯।୧/ଏନ୍‌ଏନ୍‌ଏସ୍:** ଆରମ୍ଭ ହେବାକୁ ଯାଉଛି ମେଗା 'ଶିଶିର ସରସ–୨୦୨୬'। ମେଳା ପୂର୍ବରୁ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ପରିଦର୍ଶନ କରି ମେଳା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ସମସ୍ତ ବିଭାଗର ନୋଡାଲ୍ ଅଧିକାରୀଗଣ ମେଳା ପ୍ରସ୍ତୁତି ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଯଥା ନିର୍ଦ୍ଧାରିତ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ଜଣାଇଥିଲେ। ଏହି ଅବସରରେ ପ୍ରସ୍ତୁତି କାର୍ଯ୍ୟକୁ ପ୍ରଶଂସା କରିବା ସହ ମନ୍ତ୍ରୀ ଅବଶିଷ୍ଟ କାମକୁ ସମୟ ମଧ୍ୟରେ ସମ୍ପନ୍ନ ନିମନ୍ତେ ତ୍ୱରିତ ଗତିରେ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ। ମନ୍ତ୍ରୀ ଶ୍ରୀ ନାଏକ ମେଳା ପରିସରରେ ଷ୍ଟଲ୍ ସ୍ଥାପନ, ଆଲୋକ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ ଓ ସୁରକ୍ଷା ବ୍ୟବସ୍ଥା ସହ ପରିଦର୍ଶକମାନଙ୍କ ସୁବିଧା ସମ୍ପର୍କିତ ବ୍ୟବସ୍ଥାକୁ ସମୀକ୍ଷା କରିଥିଲେ। ମେଳାକୁ ସୁସଂଗଠିତ, ପରିଷ୍କାର ଓ ପ୍ଲାଷ୍ଟିକମୁକ୍ତ ଭାବେ ଆୟୋଜନ କରାଯିବା ପାଇଁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ୧୦ ରୁ ୧୮ ଜାନୁଆରୀ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ମେଳାରେ ୩୪୦ଟି ବିକ୍ରୟ ଷ୍ଟଲ୍ ସହ ଦେଶର ୨୦ଟି ରାଜ୍ୟର କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରିବେ। ବିବିଧ ହସ୍ତଶିଳ୍ପ, ସାଂସ୍କୃତିକ ସନ୍ଧ୍ୟା ଓ ପ୍ରାୟ ୩୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ସହ ଏହି ମେଗା ମେଳା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସାବ୍ୟସ୍ତ ହେବ ବୋଲି ମାନ୍ୟବର ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

# ମାଲେସିଆ ଓପନ୍ ସେମିରେ ପିଭି ସିନ୍ଧୁ

## ପୁରୁଷ ଡବଲ୍ସ କ୍ୱାର୍ଟର୍‌ରେ ହାରିଲେ ସାତ୍ତ୍ୱିକ-ଚିରାଗ



**କ୍ୱାଲାଲମ୍ପୁର୍, ୯।୧/ଏଜେନ୍ସି:** ଭାରତର ଷ୍ଟାର୍ ଶଟ୍‌ଲର୍ ଏବଂ ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଶୁକ୍ରବାର ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ସୁପର୍ ୧୦୦୦ ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଏବଂ ଚିରାଗ ସେଟ୍ଟୀଙ୍କ ଭାରତୀୟ ଯୋଡ଼ି କ୍ୱାର୍ଟର୍ ଫାଇନାଲ୍‌ରେ ହାରି ବିଦାୟ ନେଇଛନ୍ତି।

ଶୁକ୍ରବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ସିନ୍ଧୁ ତିନିଥରର ବିଶ୍ୱ ଚାମ୍ପିଅନ୍ ତଥା ତୃତୀୟ ସିଡ୍ ଜାପାନର ଅକାନେ ୟାମାଗୁଚି ଭେଟିଥିଲେ। ସିନ୍ଧୁ କେବଳ ୧୧ ମିନିଟ୍‌ରେ ପ୍ରଥମ ଗେମ୍ ୨୧-୧୧ରେ ନିଜ ନାମରେ କରିଥିଲେ। ଏହା ପରେ ୟାମାଗୁଚି ଆଣ୍ଠୁରେ ଆଘାତ କାରଣରୁ ମ୍ୟାଚ୍‌ରୁ ଓହରି (ରିଟାୟର୍ଡହର୍ଟ) ଯାଇଥିଲେ। ଫଳରେ ସିନ୍ଧୁଙ୍କୁ ସେମିଫାଇନାଲ୍ ଟିକେଟ୍ ମିଳିଛି। ଏହି ବିଜୟ ଫଳରେ ୟାମାଗୁଚିଙ୍କ ବିପକ୍ଷରେ ବିଶ୍ୱର ନଂ-୧୮ ସିନ୍ଧୁଙ୍କ ହେଡ୍-ଟୁ-ହେଡ୍ ରେକର୍ଡ ୧୫-୧୨ ହୋଇଛି। ଆଠ ବର୍ଷ ପରେ ମାଲେସିଆ ଓପନ୍ ସେମିଫାଇନାଲ୍‌ରେ ପ୍ରବେଶ କରିଥିବା ସିନ୍ଧୁ ପରବର୍ତ୍ତୀ ମ୍ୟାଚ୍‌ରେ ଇଣ୍ଡୋନେସିଆର ପୁତ୍ରୀ କୁସୁମା ୱାର୍‌ଦାନି କିମ୍ବା ୬ଷ୍ଠ ସିଡ୍ ଚୀନ୍‌ର ୱାଙ୍ଗ୍ ଝି ୟି'ଙ୍କୁ ଭେଟିବେ।

ପୁରୁଷ ଡବଲ୍ସରେ ଭାରତର ସାତ୍ତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ି କ୍ୱାର୍ଟର୍ ଫାଇନାଲ୍‌ରେ ୬ଷ୍ଠ ସିଡ୍ ଇଣ୍ଡୋନେସିଆର ଫଜର୍ ଆଲ୍‌ଫିୟାନ୍ ଏବଂ ମୁହମ୍ମଦ ଶୋହିବୁଲ୍ ଫିକ୍ରିଙ୍କଠାରୁ ୨୧-୧୦, ୨୩-୨୧ରେ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି।

**ମହିଳା ପ୍ରିମିୟର୍ ଲିଗ୍ ଆରମ୍ଭ**

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଜିତିଲା ବେଙ୍ଗାଲୁରୁ

**ନଭି ମୁମ୍ବାଇ, ୯।୧/ଏଜେନ୍ସି:** ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ୪ର୍ଥ ସିଜନ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ପୂର୍ବତନ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୩ ୱିକେଟ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ନଭି ମୁମ୍ବାଇର ଡିୱାଇ ପାଟିଲ୍ ଏକାଡେମୀରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ୬ ୱିକେଟ୍ ହରାଇ ୧୫୪ ରନ୍ କରିଥିଲା। ଜବାବରେ ଆର୍‌ସିବି ୭ ୱିକେଟ୍ ବିନିମୟରେ ୧୫୭ ରନ୍ କରି ବିଜୟୀ ହୋଇଛି। ଆର୍‌ସିବି ବିଜୟରେ ସାଉଥ୍ ଆଫ୍ରିକା ଅଲ୍‌ରାଉଣ୍ଡର୍ ନାଦିନ୍ ଡି କ୍ଲାର୍କ ପ୍ରମୁଖ ଭୂମିକା ତୁଲାଇଛନ୍ତି। ଡିକ୍ଲାର୍କ ଅନ୍ତିମ ଓଭର୍‌ରେ ଆବଶ୍ୟକ ୧୮ ରନ୍ କରି ଟିମ୍‌କୁ ବିଜୟୀ କରାଇଛନ୍ତି।

ଲକ୍ଷ୍ୟର ପିଛା କରୁଥିବା ଆର୍‌ସିବି ଜୋର୍‌ଦାର ଆରମ୍ଭ ଥିଲା। କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନା ଓ ଗ୍ରେସ୍ ହାରିସ୍ ୩.୫ ଓଭର୍‌ରେ ୪୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ମନ୍ଧାନା (୧୮ ରନ୍)ଙ୍କୁ ଆଉଟ୍ କରି ଶବନିମ ଇସ୍ମାଇଲ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ମନ୍ଧାନାଙ୍କ ଆଉଟ୍ ପରେ ହାରିସ୍‌ଙ୍କୁ ବ୍ୟକ୍ତିଗତ ୨୫ ରନ୍‌ରେ ନାଟ୍ ସାଇବର୍-ବ୍ରଣ୍ଟ୍ ପ୍ୟାଭିଲିୟନ୍ ଫେରାଇଥିଲେ। ହେମଲତା (୭), ରାଧା ଯାଦବ (୬) ଓ ରିଚା ଘୋଷ (୧ ରନ୍) ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ରିଚା ଆଉଟ୍ ହେବା ବେଳକୁ ଆର୍‌ସିବି ସ୍କୋର୍ ୫ ୱିକେଟ୍‌ରେ ୬୫ ରନ୍ ଥିଲା। ଏହାପରେ ନାଦିନ୍ ଡି କ୍ଲାର୍କ ଓ ଅରୁନ୍ଧତି ରେଡ୍ଡୀ ୬ଷ୍ଠ ୱିକେଟ୍ ପାଇଁ ୫୧ ବଲ୍‌ରେ ୫୨ ରନ୍ ଯୋଡ଼ି ଟିମ୍‌ର ଆଶା ଉଜ୍ଜୀବିତ ରଖିଥିବା ବେଳେ ଅରୁନ୍ଧତି (୨୦ ରନ୍)ଙ୍କୁ ଆଉଟ୍ କରି ନିକୋଲା କେରୀ ଏହି ଯୋଡ଼ି ଭାଙ୍ଗିଥିଲେ। ପରେ ନିକୋଲା ଓଭର୍‌ର ଶେଷ ବଲ୍‌ରେ ଶ୍ରେୟଙ୍କା ପାଟିଲ୍ (୧ ରନ୍)ଙ୍କୁ ମଧ୍ୟ ଆଉଟ୍ କରିଥିଲେ। ଶେଷ ଓଭର୍ ବୋଲିଂ ପାଇଁ ଆସିଥିବା ସିଭର୍-ବ୍ରଣ୍ଟ୍‌ଙ୍କ ପ୍ରଥମ ଦୁଇଟି ବଲ୍ ଡଟ୍ ରହିଥିଲା। ଏହାପରେ ଡି କ୍ଲାର୍କ ଦୁଇଟି ଲେଖାଏଁ ଛକା ଓ ଚୌକା ମାରି ଟିମ୍‌କୁ ଶେଷ ବଲ୍‌ରେ ବିଜୟୀ କରାଇଥିଲେ। ଡି କ୍ଲାର୍କ ୪୪ ବଲ୍‌ରେ ୭ ଚୌକା ଓ ୨ ଛକା ସହାୟତାରେ ୬୩ ରନ୍ କରି ପ୍ରେମା ରାୱତ୍ (୮ ରନ୍)ଙ୍କ ସହ ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ନିକୋଲା କେରୀ ଓ ଆମେଲିଆ କେର୍ ୨-୨ ଏବଂ ସିଭର୍-ବ୍ରଣ୍ଟ୍ ଓ ଇସ୍ମାଇଲ୍ ୧-୧ ୱିକେଟ୍ ନେଇଥିଲେ। ୬୩ ରନ୍ ସହ ୪ଟି ୱିକେଟ୍ ନେଇଥିବା ଡି କ୍ଲାର୍କ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି।



ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ୩୫ ରନ୍‌ର ସ୍କୋର୍‌ରେ ଆମେଲିଆ କେର୍(୪ରନ୍) ଏବଂ ନାଟ୍ ସାଇବର୍-ବ୍ରଣ୍ଟ୍ (୪ ରନ୍)ଙ୍କ ରୂପରେ ଦୁଇଟି ବଡ଼ ୱିକେଟ୍ ହରାଇଥିଲା। ଏହାପରେ ୨୮ ବଲ୍‌ରେ ୩ ଛକା ଓ ଗୋଟିଏ ଛକା ସହାୟତାରେ ୩୨ ରନ୍ କରି ସେଟ୍ ହୋଇଆସୁଥିବା ଜି କମଳିନୀଙ୍କୁ ବୋଲ୍ଡ କରି ଶ୍ରେୟଙ୍କା ପାଟିଲ୍ ଟିମ୍‌କୁ ତୃତୀୟ ଝଟ୍‌କା ଦେଇଥିଲେ। କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ କୌର୍ ବ୍ୟକ୍ତିଗତ ୨୦ ରନ୍‌ରେ ନାଦିନ୍ ଡି କ୍ଲାର୍କଙ୍କ ଶିକାର ହୋଇଥିଲେ। ଏହାପରେ ସଜୀବନ ସଜନା ଏବଂ ନିକୋଲା କେରୀ ୫ମ ୱିକେଟ୍ ପାଇଁ ୮୨ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ଉନ୍ନତ ସ୍କୋର୍‌ରେ ପହଞ୍ଚିବାରେ ସହାୟତା କରିଥିଲେ। ସଜନା ୭ ଚୌକା ଓ ଗୋଟିଏ ଛକା ସହାୟତାରେ ୨୫ ବଲରେ ୪୫ ରନ୍ ଏବଂ କେରୀ ୨୯ ବଲ୍‌ରେ ୪ ଚୌକା ବଳରେ ୪୦ ରନ୍ କରି ଡି କ୍ଲାର୍କଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଆର୍‌ସିବି ପକ୍ଷରୁ ନାଦିନ୍ ଡି କ୍ଲାର୍କ ୪ଟି ୱିକେଟ୍ ନେଇଥିବା ବେଳେ ଲୌରେନ୍ ବେଲ୍ ଓ ଶ୍ରେୟଙ୍କା ପାଟିଲ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ମ୍ୟାଚ୍ ପୂର୍ବରୁ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଡବ୍ଲ୍ୟୁପିଏଲ୍-୪ର ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ଗାୟକ ହନି ସିଂହ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିସ୍ ପରଫର୍ମ କରିଥିଲେ। ଏହି ଅବସରରେ ପୂର୍ବତନ ମିସ୍ ୟୁନିଭର୍ସ ହରନାଜ୍ ସନ୍ଧୁ ମଧ୍ୟ ଉପସ୍ଥିତ ଥିଲେ।

**ନାଦିନ୍ ଡି କ୍ଲାର୍କଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ**

**ମୁମ୍ବାଇ ଇଣ୍ଡିଆନ୍ସ ୩ ୱିକେଟ୍‌ରେ ପରାଜିତ**

**ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ସକର୍**

# ଓଡ଼ିଶା ମହିଳା ଟିମ୍ ଚାମ୍ପିଅନ୍




**କଟକ, ୯।୧/ଏନ୍‌ଏନ୍‌ଏସ୍:** ଡିଫେଣ୍ଡିଂ ଚାମ୍ପିଅନ୍ ଓଡ଼ିଶା ମହିଳା ଟିମ୍ ଦିଉର ଘୋଘଲା ବିଚ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଗେମ୍ସ ୨୦୨୬ରେ ବିଜୟୀ ହୋଇ ବିଚ୍ ସକର୍ ଚାମ୍ପିଅନ୍ ହୋଇଛି। ଶୁକ୍ରବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଓଡ଼ିଶା ୨-୧ରେ ଗୁଜରାଟକୁ ହରାଇ ଦେଇଦ୍ୱିତୀୟ ଥର ପାଇଁ ଖେଲୋ ଇଣ୍ଡିଆ ବିଚ୍ ସକର୍ ଟାଇଟଲ୍ ହାସଲ କରିଛି। ଖୁଣ୍ଡୋଙ୍ଗବାମ୍ ଅମ୍ବାଲିକା ୨୮ ତମ ମିନିଟ୍‌ରେ ଓଡ଼ିଶା ପକ୍ଷରୁ ମ୍ୟାଚ୍ ବିଜୟୀ ଗୋଲ୍‌ଟି ସ୍କୋର୍ କରିଥିଲେ। ଏହା ପୂର୍ବରୁ ଦ୍ୱିତୀୟ କ୍ୱାର୍ଟର୍ ଶେଷ ବେଳକୁ ସ୍ଥିତି ୧-୧ ରହିଥିଲା। ମନୀଷା ନାଏକ ମ୍ୟାଚ୍‌ର ୧୩ଶ ମିନିଟ୍‌ରେ ଗୋଲ୍ ଦେଇ ଓଡ଼ିଶାକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ତେବେ ଏହାର ଏକ ମିନିଟ୍ ପରେ (୧୪ଶ ମିନିଟ୍) ଭୂମିଶା ଦ୍ରାବିଡ୍‌ଙ୍କ ଷ୍ଟ୍ରାଇକ୍‌ରେ ଗୁଜରାଟ ସ୍ଥିତି ବରାବର କରିଥିଲା।

ଓଡ଼ିଶା ଟିମ୍‌ର ଏହି ଉପଲବ୍ଧି ପାଇଁ ଫୁଟ୍‌ବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଇଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟମାନେ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହିତ ଏହି ସଫଳତା ଜାରି ରଖିବା ପାଇଁ ଶୁଭକାମନା ଜଣାଇଛନ୍ତି।

**ଘନଉଛି ମୁସ୍ତାଫିଜୁର୍ ରହମାନ୍ ବିବାଦ**

# ୩ ଖେଳାଳିଙ୍କ ସ୍ପନ୍‌ସରଶିପ୍ ସ୍ଥଗିତ ରଖିଲା 'ଏସ୍‌ଜି'

**ଦ୍ୱିତୀୟ ଥର ଆଇସିସିକୁ ଚିଠି ଲେଖିଲା ବିସିବି**

**ତମିମ୍‌ଙ୍କ ବିରୋଧରେ ଟିପ୍ପଣୀକୁ ନେଇ ଅସନ୍ତୋଷ**

**ନୂଆଦିଲ୍ଲୀ, ୯।୧/ଏଜେନ୍ସି:** ଆଇସିସି ଟି-୨୦ ବିଶ୍ୱକପ୍ ଭେନ୍ୟୁ ପରିବର୍ତ୍ତନ ଦାବିରେ ଅଡ଼ି ବସିଥିବା ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଅଡୁଆ ବଢ଼ିବାରେ ଲାଗିଛି। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସହିତ ବିବାଦ ମଧ୍ୟରେ ଭାରତର ସ୍ପୋର୍ଟ୍ସ ମାନ୍ୟୁଫାକ୍ଚରର୍ କମ୍ପାନୀ ସାନ୍ସପେରିଲ୍ସ ଗ୍ରୀନ୍‌ଲାଣ୍ଡ୍ସ (ଏସ୍‌ଜି) ବାଂଲା କ୍ୟାପ୍‌ଟେନ୍ ଲିଟନ୍ ଦାସ ଏବଂ ମୋମିନୁଲ୍ ହକ୍‌ଙ୍କ କରି କେତେକ ଖେଳାଳିଙ୍କ ସ୍ପନ୍‌ସରଶିପ୍ ସ୍ଥଗିତ ରଖିଛି। କମ୍ପାନୀର ଜଣେ ଅଧିକାରୀ ମିଡିଆକୁ କହିଛନ୍ତି ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ଆମେ କେତେକ ସ୍ପନ୍‌ସରଶିପ୍ ସ୍ଥଗିତ କରିଛୁ। ଭାରତୀୟ ଟିମ୍ ବାଂଲାଦେଶ ସହିତ ବହୁ ସମୟରୁ କ୍ରିକେଟ୍ ଖେଳିନାହିଁ। ଏପରିସ୍ଥଳେ ସେଠାକାର ଖେଳାଳିଙ୍କୁ ସ୍ପନ୍‌ସର୍ କରିବାର କୌଣସି ମାନେ ନାହିଁ। ଇତିମଧ୍ୟରେ ବିସିବି ୫ ଦିନ ମଧ୍ୟରେ ଦ୍ୱିତୀୟ ପତ୍ର ଲେଖି ନିଜର ବିଶ୍ୱକପ୍ ମ୍ୟାଚ୍ ଭାରତ ପରିବର୍ତ୍ତେ ଶ୍ରୀଲଙ୍କାରେ କରାଇବାକୁ ଆଇସିସି ନିକଟରେ ଦାବି କରିଛି। ଅନ୍ୟପକ୍ଷରେ ବାଂଲାଦେଶର ପୂର୍ବତନ କ୍ୟାପ୍‌ଟେନ୍ ତମିମ୍ ଇକ୍‌ବାଲ୍ ଟି-୨୦ ବିଶ୍ୱକପ୍ ଖେଳିବାକୁ ନେଇ କୌଣସି ଇମୋସନାଲ୍ ନିଷ୍ପତ୍ତି ନନେବାକୁ ବିସିବିକୁ ଚେତାଇଛନ୍ତି। କାରଣ ଏହି ନିଷ୍ପତ୍ତିର ପ୍ରଭାବ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ପଡ଼ିପାରେ ବୋଲି ସେ କହିଛନ୍ତି। ଇକ୍‌ବାଲ୍ କହିଛନ୍ତି, 'ଅବଶ୍ୟ ସ୍ଥିତି କିଛିଟା ଗୁରୁତର ରହିଛି ଏବଂ ଅଚାନକ କୌଣସି ବୟାନ୍ ଦେବା କଷ୍ଟକର। କିନ୍ତୁ ଏହା ଧ୍ୟାନରେ ରଖିବା ଉଚିତ, ଯଦି ସମସ୍ତେ ମିଳିମିଶି କାମ କରିବେ ତେବେ ସମସ୍ୟା କଥାବାର୍ତ୍ତା ମଧ୍ୟରେ ସମାଧାନ ହୋଇପାରିବ। ଦେଖିବାକୁ ହେବ ବିଶ୍ୱ କ୍ରିକେଟ୍‌ରେ ବାଂଲାଦେଶ କେଉଁଠି ଛିଡ଼ା ହୋଇଛି ଏବଂ ବାଂଲାଦେଶ କ୍ରିକେଟ୍‌ର ଭବିଷ୍ୟତ କ'ଣ ହୋଇପାରେ। ସେହି ଆଧାରରେ ହିଁ ନିଷ୍ପତ୍ତି ନେବା ଉଚିତ।' ତେବେ ତମିମ୍‌ଙ୍କ ଏହି ବୟାନକୁ ନେଇ ବିସିବି ଆର୍ଥିକ କମିଟି ଅଧ୍ୟକ୍ଷ ନଜମୁଲ୍ ଏକ ଫେସ୍‌ବୁକ୍ ପୋଷ୍ଟ୍‌ରେ ତମିମ୍‌ଙ୍କୁ ଭାରତୀୟ ଏଜେଣ୍ଟ କହିଥିଲେ। ସେ ଲେଖିଥିଲେ, 'ଏଥର ବାଂଲାଦେଶର ଜନତା ନିଜ ଆଖିରେ ଆଉ ଜଣେ ପ୍ରମାଣିତ ଭାରତୀୟ ଏଜେଣ୍ଟର ଉଦୟକୁ ଦେଖୁଛନ୍ତି।' ଏହି ପୋଷ୍ଟକୁ ନେଇ ତସ୍କିନ୍ ଅହମଦ, ମୋମିନୁଲ୍ ହକ୍ ଏବଂତୈଜୁଲ୍ ଇସ୍ଲାମ୍‌ଙ୍କ ସହିତ ବର୍ତ୍ତମାନ ଓ ପୂର୍ବତନ କ୍ରିକେଟରଙ୍କ ପକ୍ଷରୁ ତୁରନ୍ତ କଡ଼ା ପ୍ରତିକ୍ରିୟା ଦିଆଯାଇଥିଲା। ଏପରି କି ବାଂଲାଦେଶ କ୍ରିକେଟର୍ସ ୱେଲ୍‌ଫେୟାର୍ ସଂଘ (ସିବ୍ଲ୍ୟୁଏବି) ମଧ୍ୟ ନଜମୁଲ୍‌ଙ୍କ ଟିପ୍ପଣୀକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି। ସଂଘ କହିଛି, ଦେଶର କୌଣସି କ୍ରିକେଟରଙ୍କ ସମ୍ପର୍କରେ ଏପରି ଟିପ୍ପଣୀ ଅସ୍ୱୀକାର୍ଯ୍ୟ ଏବଂ ଏହା ପୂରା କ୍ରିକେଟ୍ ସମୁଦାୟ ପ୍ରତି ଅପମାନଜନକ। ଏପରି ବିରୋଧ ଦେଖି ନଜମୁଲ୍ ଅବଶ୍ୟ ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି।

# ଭଦ୍ରେଶ୍ୱର ଗୋଲ୍ଡ କପ୍ ଫାଇନାଲ୍‌ରେ ଓଡ଼ିଶା



**କଟକ, ୯।୧/ଏନ୍‌ଏନ୍‌ଏସ୍:** ଜାତୀୟ ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍ ସନ୍ତୋଷ ଟ୍ରଫିର ଚୂଡ଼ାନ୍ତ ରାଉଣ୍ଡ ପାଇଁ ପ୍ରସ୍ତୁତି ଚଳାଇଥିବା ଓଡ଼ିଶା ସିନିୟର୍ ପୁରୁଷ ଫୁଟ୍‌ବଲ୍ ଟିମ୍ ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନରେ ଆୟୋଜିତ ଦ୍ୱିତୀୟ ଭଦ୍ରେଶ୍ୱର ଗୋଲ୍ଡ କପ୍ ଫାଇନାଲ୍‌ରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ୍‌ରେ ଓଡ଼ିଶା ୧-୦ ଗୋଲ୍‌ରେ ମହମ୍ମଡାନ୍ ସ୍ପୋର୍ଟିଂ କ୍ଲବ୍‌କୁ ହରାଇ ଦେଇଛି। ଟିମ୍ ପକ୍ଷରୁ ଏକମାତ୍ର ଗୋଲ୍‌ଟି ୪୨ତମ ମିନିଟ୍‌ରେ ଜିତୁ ମୁଦୁଲି ସ୍କୋର୍ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ମଧ୍ୟ ବିବେଚିତ କରାଯାଇଛି। ଏହା ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଟିମ୍ ୫-୩ ଟାଇବ୍ରେକର୍‌ରେ କମ୍ପ୍ଟ୍ରୋଲର୍ ଓ ଅଡିଟର୍ (ସିଏଜି) ଟିମ୍‌କୁ ହରାଇଥିଲା। ୧୬ଶ ମିନିଟ୍‌ରେ ଅର୍ବିନ୍ ଲାକ୍ରାଙ୍କ ଗୋଲ୍ ବଳରେ ଏହି ମ୍ୟାଚ୍ ନିୟମିତ ସମୟ ମଧ୍ୟରେ ୧-୧ ଗୋଲ୍‌ରେ ଶେଷ ହେବା ପରେ ଟାଇବ୍ରେକର୍ ଅନୁସୃତ ହୋଇଥିଲା ଏବଂ ଅର୍ବିନ୍ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

# ଦେଶ ବିଦେଶ

**ଲ୍ୟାଣ୍ଡ ଫର୍ ଜବ୍ ମାମଲା: ଲାଲୁଙ୍କ ସମେତ ୪୦ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍**

**ପାଟନା, ୯।୧/ଏଜେନ୍ସି:** ଲ୍ୟାଣ୍ଡ ଫର୍ ଜବ୍ ମାମଲାରେ ଆଜି ପୂର୍ବତନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଏକ ବଡ଼ ଝଟକା ଲାଗିଛି । କାରଣ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଏହି ମାମଲାରେ ଲାଲୁଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଛନ୍ତି। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଆଜି ରାୟ ଶୁଣାଇଛନ୍ତି। ଲାଲୁ ପ୍ରସାଦ ଯାଦବ, ତାଙ୍କ ପତ୍ନୀ ରାବ୍ରୀ ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କ ସମେତ ୪୦ ଜଣଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ୍ କରାଯାଇଛି। ମାମଲାର ଶୁଣାଣି ସମୟରେ, ସ୍ୱତନ୍ତ୍ର ସିବିଆଇ କୋର୍ଟ କହିଥିଲେ ଯେ ମାମଲାର ଅଭିଯୁକ୍ତ ଲାଲୁ ପ୍ରସାଦ ଯାଦବଙ୍କ ବିରୋଧରେ ଦୃଢ଼ ପ୍ରମାଣ ଅଛି। ସମଗ୍ର ପରିବାର ଏକାଠି ଷଡ଼ଯନ୍ତ୍ର କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨୯ ତାରିଖରେ ହେବ। ଲାଲୁ ଯାଦବ ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ୟୁପିଏ ସରକାରରେ ରେଳମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସମୟରେ ଏହି ଦୁର୍ନୀତି କରିଥିଲେ ଏବଂ ଏହି ଦୁର୍ନୀତିର ତଦନ୍ତ ଏପର୍ଯ୍ୟନ୍ତ ଜାରି ରହିଛି।

**ପ୍ରତୀକ ଜୈନ୍‌ଙ୍କ ଘରୁ ଲାପ୍‌ଟପ୍ ଓ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ନେଇଯିବା ଘଟଣା**

# ଦଳୀୟ କର୍ମୀଙ୍କ ହଙ୍ଗାମା, ଜରୁରୀ ଶୁଣାଣୀ ଆବେଦନ ଅଗ୍ରାହ୍ୟ



**ନୂଆଦିଲ୍ଲୀ, କୋଲକାତା, ୯।୧/ଏଜେନ୍ସି:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ପଶ୍ଚିମବଙ୍ଗ ହାଇକୋର୍ଟରୁ ଏକ ଶକ୍ତ ଝଟ୍‌କା ଲାଗିଛି। ରିପୋର୍ଟ ଅନୁସାରେ ହାଇକୋର୍ଟ ପରିସରରେ ଆଜି ଟିଏମ୍‌ସି ଏବଂ ବିଜେପି କର୍ମୀଙ୍କ ପକ୍ଷରୁ ପୃଥକ୍ ପୃଥକ୍ ହଙ୍ଗାମା ତଥା ଭିଡ଼ ସୃଷ୍ଟି କରାଯିବା କାରଣରୁ ହାଇକୋର୍ଟ ଏହି ମାମଲାରେ ଶୁଣାଣି ମଧ୍ୟ କରିନଥିଲେ। ଟିଏମ୍‌ସି କର୍ମୀମାନେ କୋର୍ଟ ପରିସରରେ ବିପୁଳ ସଂଖ୍ୟାରେ ଭିଡ଼ ଜମାଇଥିଲେ ଏବଂ ଇଡି ଓ ବିଜେପି ବିରୋଧରେ ନାରାବାଜି କରିବା ଆରମ୍ଭ କରିଥିଲେ। ଅନ୍ୟପକ୍ଷେ ବିଜେପି କର୍ମୀମାନେ ମଧ୍ୟ ମମତା ସରକାରଙ୍କ ଏପ୍ରକାର ଦବଙ୍ଗଗିରି ପୂର୍ଣ୍ଣ ରାଜନୀତିକୁ ସମାଲୋଚନା କରିବା ପୂର୍ବକ ନାରାବାଜି କରିଥିଲେ। ଏସବୁକୁ ଧ୍ୟାନରେ ରଖି ହାଇକୋର୍ଟ ଆଜି ଶୁଣାଣି କରିବାକୁ ମନା କରିଦେଇଥିଲେ ଏବଂ ଆସନ୍ତା ୧୪ ତାରିଖରେ ଶୁଣାଣି କରିବାକୁ ତାରିଖ ଧାର୍ଯ୍ୟ କରିଥିଲେ। ତେବେ ହାଇକୋର୍ଟଙ୍କ ଏହି ରାୟକୁ ବିରୋଧ କରି ଅନ୍ୟ ଏକ ବେଞ୍ଚରେ ଜରୁରୀ ଶୁଣାଣି ପାଇଁ ଇଡି ଆବେଦନ କରିଥିଲେ ମଧ୍ୟ ଏହାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

ପଶ୍ଚିମବଙ୍ଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ଚାଲିଥିବା ଲଢ଼େଇ ହାଇକୋର୍ଟରେ ପହଞ୍ଚିଛି। ଦିନକ ପୂର୍ବେ ଇଡି ପକ୍ଷରୁ ଆଇ-ପିଏସି ବା ଆଇ-ପ୍ୟାକ୍ କାର୍ଯ୍ୟାଳୟ ସହ ଏହାର ପ୍ରତିଷ୍ଠାତା ପ୍ରତୀକ ଜୈନ୍‌ଙ୍କ ଘରେ ଚଢ଼ଉ କରାଯିବା ଘଟଣାରେ ଇଡି ଏବଂ ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁହାଁମୁହିଁ ହୋଇଛନ୍ତି। ସେହିପରି ମମତା ବାନାର୍ଜୀ ନିଜେ ଚଢ଼ଉ ସମୟରେ ପ୍ରତୀକ ଜୈନ୍‌ଙ୍କ ଘରକୁ ଯାଇ ସେଠାରୁ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ଲାପଟପ୍, ହାର୍ଡଡିସ୍କ ଆଦି ନିଜ ସହ ବଳପୂର୍ବକ ନେଇ ଆସିଥିଲେ। ଯାହାକୁ ନେଇ ଇଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଅନ୍ୟପକ୍ଷେ ମମତା ମଧ୍ୟ ଇଡିର ଏପ୍ରକାର ବେଆଇନ୍ ଚଢ଼ଉ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ, ଆଇ-ପିଏସି, ଟିଏମ୍‌ସି ପାଇଁ ଏକ ରାଜନୈତିକ ପରାମର୍ଶକାରୀ ସଂସ୍ଥା ଭାବେ କାର୍ଯ୍ୟ କରିଥାଏ। ଏପରିକି ଏହା ଟିଏମ୍‌ସିର ଆଇଟି ସେଲ୍‌ର ମଧ୍ୟ ଦାୟିତ୍ୱ ଗ୍ରହଣ କରିବା ପୂର୍ବକ ଏସମ୍ପର୍କୀତ ମାମଲାର ବୁଝାସୁଝା କରିଥାଏ। ପ୍ରତୀକ ଜୈନ୍ ଏହି ସଂସ୍ଥାର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ଏହି ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ଥିବା ବେଳେ ମମତା ବାନାର୍ଜୀ କିନ୍ତୁ ଏହାକୁ ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ମମତା ଆଜି ନିଜ ଦଳୀୟ ସମର୍ଥକ, କର୍ମୀ ଓ ନେତାମାନଙ୍କ ସହ ରାସ୍ତାରେ ପଦଯାତ୍ରା କରିଛନ୍ତି। ଏହି ସମୟରେ କେନ୍ଦ୍ର ସରକାରଙ୍କ ବିରୋଧରେ ମମତା ଏବଂ ତାଙ୍କ ଦଳ ଟିଏମ୍‌ସି ସମର୍ଥକମାନେ ନାରାବାଜି ଦେଇଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି ମମତା। ଏପରିକି ପଶ୍ଚିମବଙ୍ଗରେ ଆଇ- ପ୍ୟାକ୍ ଅଫିସ ଉପରେ ଇଡି ଚଢାଉକୁ ବିରୋଧ କରି ଟିଏମ୍‌ସି ସାଂସଦମାନେ ମଧ୍ୟ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ନୂଆଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଦର୍ଶନ କରିଛନ୍ତି। ଫଳରେ ଦିଲ୍ଲୀ ପୁଲିସ୍ ଅଧିକାଂଶ ଟିଏମ୍‌ସି ସାଂସଦଙ୍କୁ କିଛି ସମୟ ପାଇଁ ଉଠାଇନେଇଥିଲା। ଗଣତନ୍ତ୍ରକୁ ମୋଡ଼ି ମକଚି ଦିଆଯାଉଛି ବୋଲି ନାରାବାଜି କରିବା ସହିତ ଟିଏମସି ସାଂସଦମାନେ ପ୍ରତିବାଦ କରିଥିଲେ ।

# ସୋମନାଥ ସ୍ୱାଭିମାନ ପର୍ବରେ ଯୋଗଦେବେ ମୋଦୀ



**ନୂଆଦିଲ୍ଲୀ, ୯।୧/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଜାନୁଆରି ୧୦ରୁ ଦୁଇଦିନିଆ ଗୁଜରାଟର ସୋମନାଥ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ଜାନୁଆରୀ ୧୦ ତାରିଖ ଦିନ ପ୍ରାୟ ୧୦:୧୫ ସମୟରେ ସୋମନାଥ ମନ୍ଦିରରେ ଦର୍ଶନ ଏବଂ ପୂଜା କରିବେ। ପ୍ରାୟ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ସୋମନାଥରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗଦେବା ସହ ତାହାକୁ ସମ୍ବୋଧିତ କରିବେ। ସେହିପରି ଦିନ ତମାମ ଅନ୍ୟ କାର୍ଯ୍ୟକ୍ରମ ଶେଷ କରିବା ପରେ ପ୍ରାୟ ରାତି ୮ ଟାରେ ଓଁକାର ମନ୍ତ୍ର ଜପ କରି ପରେ ସୋମନାଥ ମନ୍ଦିରରେ ଆୟୋଜିତ ଏକ ଡ୍ରୋନ୍ ପ୍ରଦର୍ଶନୀ ବୁଲି ଦେଖିବେ। ସେହିପରି ୧୧ ଜାନୁଆରୀ ସକାଳ ପ୍ରାୟ ୯:୪୫ ସମୟରେ ପ୍ରଧାନମନ୍ତ୍ରୀ ସୋମନାଥ ମନ୍ଦିର ରକ୍ଷା ପାଇଁ ପ୍ରାଣବଳି ଦେଇଥିବା ଅଗଣିତ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ନିମନ୍ତେ ଆୟୋଜିତ ଏକ ଆନୁଷ୍ଠାନିକ ଶୋଭାଯାତ୍ରା ଶୌର୍ଯ୍ୟ ଯାତ୍ରାରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୬ ମସିହାରେ ଏହି ଐତିହାସିକ ପୁନରୁଦ୍ଧାରର ୭୫ତମ ବାର୍ଷିକୀ ପାଳନ କରାଯାଉଥିବାରୁ ସୋମନାଥ ସ୍ୱାଭିମାନ ପର୍ବ ବିଶେଷ ଗୁରୁତ୍ୱ ଗ୍ରହଣ କରେ। ଦେଶର ବିଭିନ୍ନ ସ୍ଥାନରୁ ଶହ ଶହ ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ଏହା ସହ ମନ୍ଦିର ପରିସରରେ ୭୨ ଘଣ୍ଟା ଧରି 'ଓମ୍' ମନ୍ତ୍ରପାଠ ଜାରି ରହିବ। ସୂଚନାନୁସାରେ ଶୌର୍ଯ୍ୟ ଯାତ୍ରାରେ ୧୦୮ଟି ଘୋଡାର ଏକ ପ୍ରତୀକାତ୍ମକ ଶୋଭାଯାତ୍ରା ହେବ, ଯାହା ବୀରତ୍ୱ ଏବଂ ବଳିଦାନକୁ ପ୍ରତିଫଳିତ କରିବ। ଜାନୁଆରୀ ୮ ତାରିଖରୁ ଆରମ୍ଭ ହୋଇଥିବା ସୋମନାଥ ସ୍ୱାଭିମାନ ପର୍ବ ଜାନୁଆରି ୧୧ ପର୍ଯ୍ୟନ୍ତ ଜାରି ରହିବ। ସୋମନାଥରେ ଅନୁଷ୍ଠିତ ଏହି ଉତ୍ସବ ମନ୍ଦିର ସୁରକ୍ଷା ପାଇଁ ନିଜ ଜୀବନ ବଳିଦାନ ଦେଇଥିବା ଅଗଣିତ ନାଗରିକଙ୍କୁ ମନେ ପକାଇଥାଏ ଏବଂ ଏହା ଆଗାମୀ ପିଢ଼ିର ସାଂସ୍କୃତିକ ଚେତନାକୁ ପ୍ରେରଣା ଦେଇଥାଏ। ଏହି କାର୍ଯ୍ୟକ୍ରମ ୧୦୨୬ ଖ୍ରୀଷ୍ଟାବ୍ଦରେ ମହମୁଦ ଗଜନୀଙ୍କ ସୋମନାଥ ମନ୍ଦିର ଆକ୍ରମଣର ୧୦୦୦ତମ ବାର୍ଷିକୀକୁ ସ୍ମରଣ କରେ। ଶତାବ୍ଦୀ ଧରି ଏହାକୁ ଧ୍ୱଂସ କରିବାକୁ ଅନେକ ପ୍ରୟାସ ସତ୍ତ୍ୱେ, ସୋମନାଥ ମନ୍ଦିର ଏବେ ବି ସକ୍ଷମତା, ବିଶ୍ୱାସ ଏବଂ ଜାତୀୟ ଗର୍ବର ଏକ ଶକ୍ତିଶାଳୀ ପ୍ରତୀକ ଭାବରେ ଠିଆ ହୋଇଛି। ଏହାର ପ୍ରାଚୀନ ଗୌରବ ଫେରାଇ ଆଣିବା ପାଇଁ ହୋଇଥିବା ସାମୂହିକ ସଂକଳ୍ପ ଏବଂ ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇପାରିଛି।

# ଦ୍ୱିପାକ୍ଷିକ ଟ୍ରେଡ୍ ଡିଲ୍: ଟ୍ରମ୍ପଙ୍କ ସହ ୮ଥର କଥା ହୋଇଛନ୍ତି ମୋଦୀ

**ନୂଆଦିଲ୍ଲୀ, ୯।୧/ଏଜେନ୍ସି:** ଆମେରିକା ଏବଂ ଭାରତ ମଧ୍ୟରେ ଚାଲିଥିବା ବାଣିଜ୍ୟ ଚୁକ୍ତି ଆଲୋଚନା ସମ୍ପର୍କରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ ଦେଇଥିବା ବିବୃତ୍ତି ଉପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ହାୱାର୍ଡ ଲୁଟନିକ ନିଜ ବୟାନରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫୋନ କରିନାହାଁନ୍ତି, ଯାହା କାରଣରୁ ଏହି ଚୁକ୍ତି ହୋଇପାରିନାହିଁ। ତେବେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଏମ୍‌ଇଏ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ, ଆମେରିକା ଏପ୍ରକାର ମିଛ କହିବା ଶୋଭନୀୟ ନୁହେଁ, ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସହ ପ୍ରାୟ ୮ ଥର କଥା ହୋଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟ କହିଛି, 'ଭାରତ ଏବଂ ଆମେରିକା ଗତ ବର୍ଷ ଫେବୃଆରୀରୁ ଏକ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା କରୁଛନ୍ତି। ଉଭୟ ପକ୍ଷ ଅନେକ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ରିପୋର୍ଟ ହୋଇଥିବା ମନ୍ତବ୍ୟରେ ଦିଆଯାଇଥିବା ଏହି ଆଲୋଚନାର ବିବରଣୀ (ହାୱାର୍ଡ ଲୁଟନିକଙ୍କ ବିବୃତ୍ତି) ସତ୍ୟ ନୁହେଁ। ଆମେ ଏହି ଚୁକ୍ତି ଶେଷ କରିବାକୁ ଆଶା କରୁଛୁ। ୨୦୨୫ରେ, ଭାରତୀୟ ପ୍ରଧାନମନ୍ତ୍ରୀ ଏବଂ ଟ୍ରମ୍ପଙ୍କ ମଧ୍ୟରେ ୮ଥର ଫୋନରେ ଆଲୋଚନା ହୋଇଥିଲା, ଯେଉଁଥିରେ ଆମର ବ୍ୟାପକ ସହଭାଗୀତାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଆମେ ଏକ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ଏକ ସହମତିରେ ପହଞ୍ଚିଛୁ।'

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra